ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us:

ବର୍ଷ-୬ | ସଂଖ୍ୟା-୩୭ | ମଙ୍ଗଳବାର | ୨୯ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-37 | Tuesday | 29 April 2025 | Bhubaneswar | Pages-8 | Rs. 2.00

## ପ୍ରତିଶୋଧ ନେବ ଭାରତ: ପ୍ରତିରକ୍ଷାମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ



ନୂଆଦିଲ୍ଲୀ, ୨୮।୪ (ହି.ସ): ଆଉ ନୁହେଁ ବହୁତ ହୋଇଗଲା। ଏବେ ଜବାବ୍ ଦେବାର ସମୟ ଆସିଛି। ଭୟଙ୍କର ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେବ ଭାରତ। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ପ୍ରାୟ ୪୦ ମିନିଟ୍ ଧରି ବୈଠକ ହୋଇଥିଲା। ପାକିସ୍ତାନକୁ ଘେରିବାକୁ ବୈଠକରେ କିଛି ବଡ଼ ପ୍ଲାନ୍ ପ୍ରସ୍ତୁତ ହୋଇଥିବା କୁହାଯାଉଛି। ବୈଠକରେ ଏନଏସଏ ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ପହଲଗାମ ଆତଙ୍କୀ ଆକ୍ରମଣ ପରେ ଘନ ଘନ ବୈଠକ କରୁଛନ୍ତି ଭାରତ ସରକାର। ସମସ୍ତ ପ୍ରତିରକ୍ଷା ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ସେନାର ସିନିୟର ଅଫିସରଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ୨ ଦିନ ତଳେ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆକ୍ରମଣସ୍ଥଳକୁ ଯାଇ ସମୀକ୍ଷା କରିଥିଲେ। ସୋମବାର ପ୍ରତିରକ୍ଷାମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ପ୍ରାୟ ୪୦ମିନିଟ ଧରି ହୋଇଥିବା ମିଟିଂରେ ବଡ଼ ଧରଣର ଆଲୋଚନା ହୋଇଛି। କିଛି ବଡ଼ ପ୍ଲାନ୍ କରାଯାଉଥିବା କୁହାଯାଉଛି। ସୁରକ୍ଷା ସମ୍ପର୍କିତ କିଛି ନିଷ୍ପତ୍ତି ହୋଇପାରେ। ପହଲଗାମ ହମଲା ପରେ ଭାରତର ବଡ଼ ନିଷ୍ପତ୍ତି: ସିନ୍ଧୁ ଜଳ ଚୁକ୍ତି ପ୍ରସ୍ତାବ ସ୍ଥଗିତ କରିବା, ଯାହା ପାକିସ୍ତାନ ପାଇଁ ଜଳ ସଂଙ୍କଟ ଆଶଙ୍କାକୁ ବଢାଇଛି, ଅଟାରୀ ବର୍ଡ଼ର ବନ୍ଦ କରିବା, ସବୁ ପାକିସ୍ତାନ ନାଗରିକଙ୍କ ଭିସା ରଦ୍ଦ ସହ ଭାରତ ଛାଡିବାକୁ ନିର୍ଦ୍ଦେଶ, ପାକିସ୍ତାନ ହାଇ କମିଶନ ଡିଫେନ୍ସ ଆଡଭାଇଜର୍ସଙ୍କୁ ସପ୍ତାହେ ମଧ୍ୟରେ ଦେଶ ଛାଡିବାକୁ ନିର୍ଦ୍ଦେଶ, ଭାରତୀୟ ବାୟୁସେନାର 'ଆକ୍ରମଣ ଯୁଦ୍ଧାଭ୍ୟାସ', ଜମ୍ମୁରେ ଆତଙ୍କୀଙ୍କ ଘର ଧ୍ୱଂସ କରିବା, ଆକ୍ରମଣର ତଦନ୍ତ ଏନଆଇଏକୁ ହସ୍ତାନ୍ତର କରାଯାଇଛି। ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାର ତଦନ୍ତରୁ ଏବେ ନୂଆ ନୂଆ କଥା ସାମ୍ନାକୁ ଆସୁଛି। ଯୋଜନାକୁ ରୂପରେଖ ଦେବାକୁ କୋକେରନାଗର ଘନ ଜଙ୍ଗଲ ଦେଇ ୨୦-୨୨ ଘଣ୍ଟା ଧରି ଚାଲି ବୈସରନ୍ ଘାଟିରେ ପହଞ୍ଚିଥିଲେ ଜଣେ ସ୍ଥାନୀୟ ବାସିନ୍ଦା ଓ ଅନ୍ୟ ଜଣେ ପର୍ଯ୍ୟଟକଙ୍କ ନିକଟରୁ ୨ଟି ମୋବାଇଲ୍ ଛଡ଼ାଇ ନେଇଥିଲେ। ମୋଟ ୪ଜଣ ଆତଙ୍କୀ ଏହି ଜଘନ୍ୟ କାଣ୍ଡରେ ସାମିଲ ଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ପାକିସ୍ତାନୀ ଆତଙ୍କୀ ହୋଇଥିବାବେଳେ ଜଣେ ହେଉଛି ସ୍ଥାନୀୟ ଆତଙ୍କୀ ଆଦିଲ ଥୋକର। ଆତଙ୍କୀମାନେ ନରସଂହାର ଲାଗି ଆଧୁନିକ ଏକେ-୪୭ ଓ ଏମ୍-୪ ଆସଲ୍ଟ ରାଇଫଲ ବ୍ୟବହାର କରିଥିଲେ ବୋଲି ଫରେନସିକ ବିଶ୍ଳେଷଣରୁ ଜଣାପଡ଼ିଛି।

## ପଦ୍ମ ପୁରସ୍କାର ଗ୍ରହଣ କଲେ ୪ ଓଡ଼ିଆ







ନୂଆଦିଲ୍ଲୀ, ୨୮।୪ (ପିଆଇବି): ଅଦ୍ୱୈତ ଚରଣ ଗଡ଼ନାୟକ ଜଣେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିଶିଳ୍ପୀ, ଯିଏ କି କଳା ଜଗତରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜଣାଶୁଣା। ଅନେକ ଦଶନ୍ଧି ଧରି ଚାଲିଥିବା ତାଙ୍କ କଳାକୃତି ତାଙ୍କୁ ଉଭୟ ଭାରତ ଓ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛି। ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଥିବା ମୂର୍ତ୍ତି ନିର୍ମାଣରେ ତାଙ୍କର ଦକ୍ଷତା ପାଇଁ ସେ ବହୁତ ପ୍ରଶଂସିତ। ୧୯୬୩ ମସିହା ଏପ୍ରିଲ ୨୪ ତାରିଖରେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଗଡ଼ନାୟକ ଆରମ୍ଭରୁ ହିଁ ଭାରତୀୟ କଳା, ପରମ୍ପରା ଓ ଭାସ୍କର୍ଯ୍ୟ ଦ୍ୱାରା ଗଭୀରଭାବେ ପ୍ରଭାବିତ ହୋଇଥିଲେ। ସେ ଉଭୟ ଭାରତ ଏବଂ ବିଦେଶର ପ୍ରତିଷ୍ଠିତ ଅନୁଷ୍ଠାନରେ ଫାଇନ ଆର୍ଟ ଏବଂ ମୂର୍ତ୍ତିକଳାର ଆନୁଷ୍ଠାନିକ ତାଲିମ ହାସଲ କରିଥିଲେ। ଧାର୍ମିକ ବିଗ୍ରହ ଓ ସାଂସ୍କୃତିକ ଇତିହାସରେ ଆଧାରିତ ଭାରତର ମୂର୍ତ୍ତି କଳାର ସମୃଦ୍ଧ ପରମ୍ପରାକୁ ଗଭୀର ଭାବରେ ବୁଝିବା ପରେ ତାଙ୍କ କଳା ପ୍ରତି ତାଙ୍କର ସମର୍ପଣ ଆହୁରି ଦୃଢ଼ ହୋଇଥିଲା। ଶାସ୍ତ୍ରୀୟ ଭାରତୀୟ ମୂର୍ତ୍ତି ପରମ୍ପରାରେ ତାଙ୍କର କାର୍ଯ୍ୟ ଗଭୀର ଭାବରେ ଜଡ଼ିତ, କିନ୍ତୁ ତାଙ୍କର ଆଧୁନିକ ଆଭିମୁଖ୍ୟ ତାଙ୍କ ସୃଷ୍ଟିକୁ ଏକ ସାର୍ବଜନୀନ ଆକର୍ଷଣ ପ୍ରଦାନ କରେ। ସେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଭିଜୁଆଲ ଆର୍ଟ ବିଭାଗର ମୁଖ୍ୟ ଅଛନ୍ତି। ପାରମ୍ପରିକ ବିଷୟବସ୍ତୁକୁ ସମସାମୟିକ ସୌନ୍ଦର୍ଯ୍ୟ ସହିତ ମିଶ୍ରଣ କରିବାର ତାଙ୍କର ଦକ୍ଷତା ତାଙ୍କୁ ତାଙ୍କ ସମକାଳୀନ ଅନେକଙ୍କଠାରୁ ଅଲଗା କରିଛି। ହିନ୍ଦୁ ପୁରାଣ ଏବଂ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟରୁ ପ୍ରେରଣା ନେଇ ସେ ଅମୂର୍ତ୍ତ ମୂର୍ତ୍ତି ନିର୍ମାଣ କରି, କନସେପଚୁଆଲ ଆର୍ଟ ବା ଧାରଣାତ୍ମକ କଳାରେ ତାଙ୍କର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଜଣାଶୁଣା। ନୂଆଦିଲ୍ଲୀର ପୋଲିସ ସ୍ମାରକୀ ତାଙ୍କର ସବୁଠାରୁ ପ୍ରସିଦ୍ଧ କୃତି ମଧ୍ୟରୁ ଅନ୍ୟତମ, ଯାହା ମୂର୍ତ୍ତି ପ୍ରତି ତାଙ୍କର ଧାରଣାତ୍ମକ ଆଭିମୁଖ୍ୟର ଉଦାହରଣ। ଆଧ୍ୟାତ୍ମିକ ଦର୍ଶନର ଏକ ଝଲକ ପ୍ରଦାନ କରୁଥିବା ଏହି କଳାକୃତି ଦିବ୍ୟ, ଅନନ୍ତ ଓ ମହାଜାଗତିକର ଅନୁସନ୍ଧାନ କରିଥାଏ। ଶ୍ରୀ ଗଡ଼ନାୟକ ମୁମ୍ବାଇର ପିରାମଲ ଗ୍ରୁପ୍ ପାଇଁ ସ୍କଲଚର ପାର୍କ ଏବଂ ଜାପାନର ସକାଇ ସିଟିର ଡାଇସେନ୍ ପାର୍କରେ ଏକ ମୂର୍ତ୍ତି ନିର୍ମାଣ କରିଛନ୍ତି। ନ୍ୟାସନାଲ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ (ଏନଜିଏମ୍ଏ)ର ମହାନିର୍ଦ୍ଦେଶକ ଭାବେ ଶ୍ରୀ ଗଡ଼ନାୟକ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ଏକ ଦୂରଦର୍ଶୀ ଆଭିମୁଖ୍ୟ ସହ ଏହାର ନେତୃତ୍ୱ ନେଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏନଜିଏମଏ ଅନେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରକଳ୍ପ ହାତକୁ ନେଇଥିଲା। ତାଙ୍କ ନେତୃତ୍ୱ ଭାରତର କଳା କ୍ଷେତ୍ରକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ପ୍ରଧାନମନ୍ତ୍ରୀଙ୍କ ମେମେଣ୍ଟୋଗୁଡ଼ିକର ଇ-ନିଲାମ, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭେନିସ୍ ୨୦୧୯ସ୍ଥିତ ଭାରତୀୟ ପ୍ୟାଭିଲିୟନର ନିର୍ମାତା, ଚୀନରେ ବ୍ରିକ୍ସ ମେଣ୍ଟ ଅଧୀନରେ ପ୍ରଦର୍ଶନୀ ଏବଂ ଜାପାନ, ଅଷ୍ଟ୍ରେଲିଆ, ଇସ୍ରାଏଲ, ଦକ୍ଷିଣ କୋରିଆ, ଫ୍ରାନ୍ସ, ଜର୍ମାନୀ, ସ୍ଲୋଭେନିଆ, ଶ୍ରୀଲଙ୍କା, ଇଟାଲୀ, ଦକ୍ଷିଣ ଆଫ୍ରିକା, ପର୍ତ୍ତୁଗାଲ ଆଦି ଦେଶର କଳା ଅନୁଷ୍ଠାନ ଓ ମ୍ୟୁଜିୟମ ସହଯୋଗରେ ପ୍ରଦର୍ଶନୀ ଆୟୋଜନ। ପ୍ରଫେସର (ଡ.) ଅଶୋକ କୁମାର ମହାପାତ୍ର: ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଦେଶର ଜଣେ ବିଶିଷ୍ଟ ନ୍ୟୁରୋ ସର୍ଜନ ଯିଏ କି ସୋଆ (ଡିମଡ୍) ବିଶ୍ୱବିଦ୍ୟାଳୟର ଚିକିତ୍ସା ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି। ୧୯୫୨ ମସିହା ଡିସେମ୍ବର ୨୯ ତାରିଖରେ ପୁରୀରେ ଜନ୍ମଗ୍ରହଣ କରିଥିବା ପ୍ରଫେସର (ଡାକ୍ତର) ମହାପାତ୍ର ୧୯୭୦ ମସିହାରେ ଏମକେସିଜି ମେଡିକାଲ କଲେଜରେ ଯୋଗ ଦେଇ ୧୯୭୫ମସିହାରେ ଏମବିବିଏସ୍ ପାସ୍ କରିଥିଲେ। ସେ ଦିଲ୍ଲୀ ଏମ୍ସରୁ ନ୍ୟୁରୋ ସର୍ଜରୀରେ ଏମଏସ ଏବଂ ଏମସିଏଚ୍ କରିଥିଲେ। ୧୯୮୩ରୁ ୨୦୧୭ ପର୍ଯ୍ୟନ୍ତ ସେ ଦିଲ୍ଲୀ ଏମ୍ସରେ ନ୍ୟୁରୋ ସର୍ଜରୀ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ସେ ୧୯୯୬ ମସିହାରେ ପ୍ରଫେସର ଏବଂ ୨୦୦୪ ମସିହାରେ ଏମ୍ସରେ ବରିଷ୍ଠ ପ୍ରଫେସର ଭାବରେ ଯୋଗ ଦେଇଥିଲେ। ୨୦୦୬ରେ ସେ ଲକ୍ଷ୍ନୌର ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏସଜିପିଜିଆଇ)ର ନିର୍ଦ୍ଦେଶକ ଏବଂ ୨୦୧୨ମସିହାରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ। ଏମ୍ସ (ଦିଲ୍ଲୀ)ରେ ପ୍ରାୟ ୪୨ ବର୍ଷ ରହିବା ପରେ ସେ ନୂଆଦିଲ୍ଲୀ ଏମ୍ସର ଡିନ୍ ରିସର୍ଚ୍ଚ ଭାବେ ଅବସର ନେଇଥିଲେ। ସେ ଭୁବନେଶ୍ୱରସ୍ଥିତ ଏସଓଏ ବିଶ୍ୱବିଦ୍ୟାଳୟ (ଡିମଡ ଟୁ ବି ୟୁନିଭର୍ସିଟି)ରେ କୁଳପତି ଭାବରେ କାର୍ଯ୍ୟ କରିଥିଲେ ଏବଂ ଡିସେମ୍ବର ୨୦୨୨ରେ ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ଏସଓଏଡିୟୁର ଡାକ୍ତରୀ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି। ଏମ୍ସରେ କାର୍ଯ୍ୟ କାଳରେ ପ୍ରଫେସର (ଡ.) ମହାପାତ୍ର ୮୭୦ଟି ନିବନ୍ଧ ପ୍ରକାଶ କରିଥିଲେ, ୧୬ଟି ପୁସ୍ତକ ଓ ୧୪୦ରୁ ଅଧିକ ଅଧ୍ୟାୟ ରଚନା କରିଥିଲେ। ଗତ ୩୦ ବର୍ଷ ମଧ୍ୟରେ ସେ ୨୦ରୁ ଅଧିକ ଗବେଷଣା ପ୍ରକଳ୍ପ କରିଛନ୍ତି। ଏମ୍ସରେ ଥିବା ସମୟରେ ସେ ୧୨ ଜଣ ପିଏଚଡି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। • ପୃଷ୍ଠା ୭ ଦେଖନ୍ତୁ...

## ଭାରତ ଓ ଫ୍ରାନ୍ସ ମଧ୍ୟରେ ରାଫେଲ-ମେରାଇନ୍ ଜେଟ୍ ଡିଲ୍

ନୂଆଦିଲ୍ଲୀ, ୨୮।୪ (ହି.ସ): ଭାରତ ଓ ଫ୍ରାନ୍ସ ସୋମବାର ଏକ ଐତିହାସିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଯେଉଁଥିରେ ଭାରତୀୟ ନୌସେନା ପାଇଁ ୨୬ଟି ରାଫେଲ-ମେରାଇନ୍ ଲଢୁଆ ଯୁଦ୍ଧ ବିମାନ କିଣାଯିବା ପାଇଁ ୬୩,୦୦୦ କୋଟି ଟଙ୍କାର ଚୁକ୍ତି ହୋଇଛି। ଯାହା ଭାରତର ସାମୁଦ୍ରିକ ସୁରକ୍ଷାକୁ ଅଧିକ ମଜବୁତ କରିବା ସହ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଆହୁରି ମଜବୁତ କରିଛି। ଖବର ମୁତାବକ, ଭାରତ ଓ ଫ୍ରାନ୍ସ ମଧ୍ୟରେ ହୋଇଥିବା ଚୁକ୍ତିରେ ମୋଟ୍ ୨୬ଟି ରାଫେଲ-ମେରାଇନ୍ ଜେଟ୍ କିଣାଯିବାର ଯୋଜନା ରହିଛି। ଯାହା ମଧ୍ୟରେ ୨୨ଟି ଏକକ-ଆସନ ଏବଂ ୪ଟି ଦୁଇ-ଆସନ ବିଶିଷ୍ଟ ଟ୍ରେନର୍ ଭାରିଅଣ୍ଟ ସାମିଲ ରହିଛି। ତେବେ ଏହି ବିମାନଗୁଡ଼ିକ ଭାରତୀୟ ନୌସେନାର ଯୁଦ୍ଧପୋତ ଜାହାଜ ଆଇଏନ୍ଏସ୍ ବିକ୍ରମାଦିତ୍ୟ ଏବଂ ଆଇଏନ୍ଏସ୍ ବିକ୍ରାନ୍ତରୁ ପରିଚାଳନା କରାଯିବ। ବିମାନ କିଣାଯିବା ସହ ବିମାନର ରକ୍ଷଣାବେକ୍ଷଣ, ଲଜିଷ୍ଟିକ୍ • ପୃଷ୍ଠା ୭ ଦେଖନ୍ତୁ...

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ

### ୯,୫୩୭ ଜମାକାରୀ ପାଇବେ ୨୦.୯୬ କୋଟି



ଭୁବନେଶ୍ୱର, ୨୮।୪ (ଡିକେ ନ୍ୟୁଜ୍) ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଗଲା। ମୁଖ୍ୟମନ୍ତ୍ରୀ ପ୍ରତିକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ। ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ପାକ୍ସ/ଲାମ୍ପସ୍ ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲ ଯେ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରଠାରୁ ଦେଶର ବିଭିନ୍ନ କ୍ଷେତ୍ର ସହିତ ସମବାୟ କ୍ଷେତ୍ରକୁ ମଧ୍ୟ ସଶକ୍ତ କରିଛନ୍ତି। ସମବାୟକୁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ କରାଯାଇ ଅମିତ ଶାହାଜୀଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି। ଗୁଜରାଟ ହେଉଛି ସମବାୟର • ପୃଷ୍ଠା ୭ ଦେଖନ୍ତୁ...

## ଭକ୍ତମାନଙ୍କ ମନରେ ଦୁଃଖ: ମା' ବାପ ଘର ଛାଡି ନିଜ ଘରକୁ ଫେରିଲେ

ବ୍ରହ୍ମପୁର, ୨୮।୪ (ଡିକେ ନ୍ୟୁଜ୍): ବ୍ରହ୍ମପୁର ଆରାଧ୍ୟା ମା'ବୁଢ଼ୀ ସାଆନ୍ତାଣୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ମଙ୍ଗଳବାର ଉଦଯାପିତ ହେଇ ଭାବବିହ୍ୱଳ ପରିବେଶ ମଧ୍ୟରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିଳମ୍ବିତ ରାତିରେ ମା' ବାପଘରୁ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଥିପାଇଁ ଯାତ୍ରା ପରିଚାଳକ ଦେଶୀବେହେରାଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଦୀର୍ଘ ୨୬ଦିନ ଧରି ଚାଲିଥିବା ପ୍ରସିଦ୍ଧ ଠାକୁରାଣୀ ଯାତ୍ରାର ଅନ୍ତିମ ଦିବସ ମଙ୍ଗଳବାର ମଧ୍ୟାହ୍ନରେ ମା'ଙ୍କୁ ଡାକରା ଆସିଲା ସହସ୍ରା। ଘଟା ରାତିରେ ଅସ୍ଥାୟୀମଣ୍ଡପରେ ମା'ଙ୍କୁ ଦର୍ଶନ କରିବା ପାଇଁ ଦିନତମାମ ଭକ୍ତଙ୍କ ସୁଅ ଛୁଟିଥିଲା। ରାଜ୍ୟ ତଥା ରାଜ୍ୟବାହାରୁ ବହୁସଂଖ୍ୟାରେ ଭକ୍ତ ଆସି ମା'ଙ୍କୁ ଦର୍ଶନ କରିଥିଲେ। ମହିଳାଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଅପେକ୍ଷା କରିମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂର୍ବମୁହାଁ ଥିବା ମା' ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ମା' ଯେତେବେଳେ ମନ୍ଦିର ମଧ୍ୟରୁ ବାହାରକୁ ଆସନ୍ତି ସେତେବେଳେ ପୂର୍ବମୁହାଁ ହୋଇ ଉତ୍ତର ଦ୍ୱାର ଦେଇ ହିଁ ବାହାରକୁ ଆସନ୍ତି। ପୂର୍ବ ଓ ଉତ୍ତର କୋଣକୁ ଐଶାନ୍ୟକୋଣ କୁହାଯାଇଥାଏ। ଏହି କୋଣରେ ଏକ ଦ୍ୱାର ଖୋଲା ରହିଥାଏ ଏହି ଦ୍ୱାର ଦେଇ ସମସ୍ତ



ଦେବଦେବୀ ଯାତାୟାତ କଲେ ସମସ୍ତ କାର୍ଯ୍ୟ ଶୁଭ ହେବା ସହ ମଙ୍ଗଳ ସାଧନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା'ଙ୍କ ମନ୍ଦିରରେ ପୂର୍ବଦ୍ୱାର ଦେଇ ସର୍ବସାଧାରଣ ଯାତାୟାତ କରୁଥିବାବେଳେ ଉତ୍ତର ଦ୍ୱାରରେ କେବଳ ମା'ଙ୍କ ସମେତ ସେବକମାନେ ଯାତାୟାତ କରନ୍ତି। ମା' ଦୁଇବର୍ଷକୁ ଦୁଇଥର ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ବାପଘରକୁ ଯାତ୍ରା ବେଳେ ମନ୍ଦିରରୁ ବାହାରି ପୂର୍ବମୁହାଁ ହୋଇ ସିଂହଦ୍ୱାର ପର୍ଯ୍ୟନ୍ତ ଆସିବା ପରେ ସିଂହଦ୍ୱାର ଠାରୁ ଦେଶୀବେହେରାଙ୍କ ପତ୍ନୀ ମା'ଙ୍କ ଆଙ୍କାମାଳକୁ ମୁଣ୍ଡରେ ବହନ କରି ଉତ୍ତରଦ୍ୱାର ଦେଇ ମନ୍ଦିରରୁ ବାହାରି ବାପଘର ଅଭିମୁଖେ ଯାତ୍ରା କରନ୍ତି। ମା'ଙ୍କ ଆଙ୍କମାଳ ନେବା ପାଇଁ ମଧ୍ୟ ଉକ୍ତ ଦ୍ୱାର ଦେଇ ପ୍ରବେଶ କରିଥାନ୍ତି। ମା'ଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ମଧ୍ୟ ଏହି ଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରିବା ପରେ ଅନ୍ୟାନ୍ୟ ସମସ୍ତ • ପୃଷ୍ଠା ୭ ଦେଖନ୍ତୁ...




## ବଦଳିଲା ପାଗ : ପହିଲା ପର୍ଯ୍ୟନ୍ତ ବର୍ଷା

ଭୁବନେଶ୍ୱର, ୨୮।୪ (ଡିକେ ନ୍ୟୁଜ୍): କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ଏବଂ ପବନ ବହିବା ଦ୍ୱାରା ଦିନ ତାପମାତ୍ରା ୪୦ଡିଗ୍ରୀ ତଳକୁ ଖସି ଆସିଛି। ତତଲା ପାଗରେ ପରିବର୍ତ୍ତନ ଆସିଛି। ବିଶେଷ କରି ପଶ୍ଚିମ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଥିବା ବେଳେ ସୋମବାର ତାହା ୩୪ରୁ ୩୬ ଡିଗ୍ରୀକୁ ହ୍ରାସ ପାଇଛି। ଅପରପକ୍ଷରେ ପଶ୍ଚିମାଝଡ଼ ଏବଂ ନିମ୍ନଚାପରେଖା ସକ୍ରିୟ ରହିଥିବାରୁ ମେ ୧ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ଏବଂ କିଛି ସ୍ଥାନରେ ଘଣ୍ଟାପ୍ରତି ୫୦ରୁ ୬୦କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ଫଳସ୍ୱରୂପ ପାଗରେ ପରିବର୍ତ୍ତନ ଆସିବା ସହ ତାତିରୁ ଆହୁରି ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ଉପକୂଳ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଏବଂ ସମ୍ବଲପୁର ଜିଲାରେ କାଳବୈଶାଖୀ ପ୍ରଭାବରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଘଣ୍ଟାପ୍ରତି ୫୦ରୁ ୬୦କି.ମି. ବେଗରେ ପବନ ବହିପାରେ। କିଛି ଅଞ୍ଚଳରେ କୁଆପଥର ମାଡ଼ ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଉପରୋକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ଜିଲ୍ଲାଗୁଡ଼ିକ ମଧ୍ୟରୁ କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। କେତେକ ସ୍ଥାନରେ ଘଣ୍ଟାପ୍ରତି ୪୦ରୁ ୫୦କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ସର୍ବାଧିକ ତାପମାତ୍ରା ୩ରୁ ୫ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ସୂଚନା ଯେ, ରବିବାର • ପୃଷ୍ଠା ୭ ଦେଖନ୍ତୁ...






# ବେଦାନ୍ତ ଶିଳ୍ପ ସୁରକ୍ଷାକୁ ରୂପାନ୍ତରିତ କରିବା ପାଇଁ କୃତ୍ରିମ ବୁଦ୍ଧିମତା ଏବଂ ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ କରିଛି



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ଅବସରରେ, ବେଦାନ୍ତ ଲିମିଟେଡ୍ (ଏନଏସଇ : ଭିଇଡିଏଲ) ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ସମର୍ଥିତ ଭବିଷ୍ୟବାଣୀ ଏବଂ ଅନ୍ତର୍ଭୁକ୍ତିମୂଳକ ସୁରକ୍ଷାରେ ମୂଳ ଥିବା ଏକ ବ୍ୟାପକ ପଦକ୍ଷେପ ମାଧ୍ୟମରେ ସୁରକ୍ଷା-ପ୍ରଥମ ସଂସ୍କୃତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। କମ୍ପାନୀ କୃତ୍ରିମ ବୁଦ୍ଧିମତା (ଏଆଇ) ନେତୃତ୍ୱାଧୀନ ମନିଟରିଂ ସିଷ୍ଟମ, ଡ୍ରୋନ୍, ଥକାପଣ ଚିହ୍ନଟ ସିଷ୍ଟମ, ସ୍ମାର୍ଟ ହେଲମେଟ୍ ଏବଂ ଟେଲି-ରିମୋଟ୍ ଅପରେସନ୍ସ ସମେତ ଅନେକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିଛି, ଯାହା ଏହାର କାର୍ଯ୍ୟକ୍ଷେତ୍ରରେ ଶିଳ୍ପ ସୁରକ୍ଷାକୁ ରୂପାନ୍ତରିତ କରୁଛି। କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ୨୦୨୫ ର ବିଷୟବସ୍ତୁ କାର୍ଯ୍ୟସ୍ଥଳ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଡିଜିଟାଲାଇଜେସନ୍ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) ର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। କାର୍ଯ୍ୟସ୍ଥଳଗୁଡ଼ିକ ଏଆଇ, ରୋବୋଟିକ୍ସ, ଏକ୍ସୋସ୍କେଲେଟନ୍ ଏବଂ ଦୂରବର୍ତ୍ତୀ କାର୍ଯ୍ୟ ସହିତ ବିକଶିତ ହେଉଥିବାରୁ, ଏହି ପ୍ରଯୁକ୍ତିବିଦ୍ୟା ଗୁଡ଼ିକ ସୁଯୋଗ ଏବଂ ଚ୍ୟାଲେ ଉଭୟ ଆଣିଥାଏ। ଭାରତରେ ବେଦାନ୍ତର ଜିଙ୍କ ବ୍ୟବସାୟ, ଦେଶରେ ପ୍ରଥମ ଯାହା ଭର୍ଚୁଆଲ୍ ରିଆଲିଟି (ଭିଆର)-ଆଧାରିତ ୱିଣ୍ଡର ଟ୍ରେନିଂ ସିମୁଲେଟର ସିଷ୍ଟମକୁ ନିୟୋଜିତ କରିଛି ଯାହା ସାମଗ୍ରୀ ଏବଂ ମାନବ ଶକ୍ତି ଚଳାଚଳ ପାଇଁ ବ୍ୟବହୃତ ଶାଫ୍ଟ (ଲିଫ୍ଟ) ର କାର୍ଯ୍ୟକୁ ଅନୁକରଣ କରେ। କମ୍ପାନୀ ଭାରତରେ ମଧ୍ୟ ପ୍ରଥମ ଯିଏ ଭିଆର-ଆଧାରିତ ଭୂତଳ ଯାନ ସିମୁଲେଟର ପ୍ରଚଳନ କରିଛି ଯାହା କର୍ମଚାରୀମାନଙ୍କୁ ଖଣିରେ ଯାନ ଚଳାଇବାରେ ତାଲିମ ଦିଏ। ବେଦାନ୍ତର ଆଲୁମିନିୟମ୍ ବ୍ୟବସାୟ ଏହାର କାର୍ଯ୍ୟରେ ସାମଗ୍ରୀ ନିଷ୍କାସନ ପୂର୍ବରୁ ଯାଞ୍ଚ କରିବା ପାଇଁ ଡ୍ରୋନ ମଧ୍ୟ ନିୟୋଜିତ କରିଛି। କମ୍ପାନୀର ତୈଳ ଏବଂ ଗ୍ୟାସ୍ ଭର୍ଟିକାଲରେ, ବେଦାନ୍ତ ରଣନୈତିକ ସ୍ଥାନରେ ଏଆଇ କ୍ୟାମେରା ସହିତ ଏକ ଏଆଇ -ଆଧାରିତ ସୁରକ୍ଷା ନିରୀକ୍ଷଣ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ କରିଛି, ଯାହା ଫଳରେ ମାନୁଆଲ୍ ପ୍ରୟାସରେ ୮୦ ପ୍ରତିଶତ ହ୍ରାସ ଘଟିଛି ଯାହା ଦ୍ୱାରା ସୁରକ୍ଷା ବୃଦ୍ଧି ପାଇଛି। ବେଦାନ୍ତ ଶାର୍କ ଟ୍ୟାଙ୍କ ଇଣ୍ଡିଆ ଅଂଶଗ୍ରହଣକାରୀ ଜର୍ଶ ସେଫ୍ଟି ସହିତ ମଧ୍ୟ ଜଡିତ ହେଉଛି, ଏକ ଷ୍ଟାର୍ଟଅପ୍ ଯାହା ସ୍ମାର୍ଟ ସୁରକ୍ଷା ପିନ୍ଧିବାଯୋଗ୍ୟ ସାମଗ୍ରୀ ବିକାଶରେ ଜଡିତ ଯାହା ବିଭିନ୍ନ ଶିଳ୍ପ ସେଟଅପ ଗୁଡ଼ିକରେ ଗରମ ଚାପ ହ୍ରାସ କରିବା ଏବଂ ସଂଯୋଗୀକରଣ ଉନ୍ନତ କରିବା ଉପରେ ଧ୍ୟାନ କେନ୍ଦ୍ରିତ। ବେଦାନ୍ତ ଏହାର କାର୍ଯ୍ୟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉତ୍ସର୍ଗୀକୃତ, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟକ୍ଷେତ୍ର ସୁରକ୍ଷା ପାଇଁ ଦାୟୀ। କମ୍ପାନୀ ଏକ 'ଅଭ୍ୟାସ ସମ୍ପ୍ରଦାୟ' ଏବଂ ସୁରକ୍ଷା କମିଟି ପ୍ରତିଷ୍ଠା କରିଛି ଯାହା ସୁରକ୍ଷା ପଦକ୍ଷେପ ଗୁଡ଼ିକର କାର୍ଯ୍ୟାନ୍ୱୟନ ତଦାରଖ କରେ। ଏହି ସଂସ୍କୃତିର ମୂଳରେ 'ଦୃଶ୍ୟମାନ-ଅନୁଭୂତ ନେତୃତ୍ୱ' ଅଛି, ଯେଉଁଠାରେ ବ୍ୟବସାୟିକ ଉଚ୍ଚ ଗୁଡ଼ିକ ସେମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରର ସୁରକ୍ଷାର ଉଦାହରଣ ଦେବେ ଏବଂ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ। ମାନବ-ଯନ୍ତ୍ର ପାରସ୍ପରିକ କ୍ରିୟାକୁ ସୀମିତ କରି ଏବଂ ପ୍ରତିରୋଧକ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସକ୍ଷମ କରି ଏପରି ପ୍ରୟାସକୁ ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବେଦାନ୍ତର ମାଲିକାନା ଟି-ପଲ୍ସ ପ୍ଲାଟଫର୍ମ ବାସ୍ତବ ସମୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ କ୍ଷେତ୍ରରେ ସୁରକ୍ଷା ବୃଦ୍ଧି କରିବା ପାଇଁ କୃତ୍ରିମ ବୁଦ୍ଧିମତା ବ୍ୟବହାର କରେ।ଏଆଇ ଡିଟେକ୍ଟ କ୍ଷେତ୍ର ପର୍ଯ୍ୟବେକ୍ଷକଙ୍କ ସହିତ ସୁରକ୍ଷା ଉନ୍ନତି ସୁଯୋଗର ଛୋଟ ଭିଡିଓ ଅନ୍ତର୍ଦୃଷ୍ଟି ସେୟାର କରେ ଏବଂ ବାସ୍ତବ-ସମୟ ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟ ନିରୀକ୍ଷଣ କରେ। ଲାଇଭ୍ ଅଡିଓ-ଭିଜୁଆଲ୍ ସଂଯୋଗ ସହିତ ସ୍ମାର୍ଟ ହେଲମେଟ୍ କର୍ମଚାରୀମାନଙ୍କୁ ବାସ୍ତବ-ସମୟରେ ବିଭିନ୍ନ କାର୍ଯ୍ୟପ୍ରବାହ ଉପରେ ମାର୍ଗଦର୍ଶନ କରେ। ଥକ୍କାପଣ ଚିହ୍ନଟ ସିଷ୍ଟମ୍ ଗାଡ଼ି ସୁରକ୍ଷା ସୁନିଶ୍ଚିତ କରି ଡ୍ରାଇଭରଙ୍କ ନିଦ୍ରାକୁ ନିରୀକ୍ଷଣ ଏବଂ ସତର୍କ କରେ। ସ୍ମେଲ୍ଟରଗୁଡ଼ିକରେ କମ୍ପ୍ୟୁଟର ଦୃଷ୍ଟି-ନେତୃତ୍ୱାଧୀନ ଲାଡଲ୍ ମନିଟରିଂ ଯଦି ସୁରକ୍ଷା ଇଂଟରଲକ୍ ନିୟୋଜିତ ନ ଥାଏ ତେବେ କାର୍ଯ୍ୟକୁ ବାଧା ଦିଏ। ସିରାମିକ୍ ସେନ୍ସର ଗୁଡ଼ିକ ଫର୍ଣ୍ଣେସ୍ ଭିତରେ ତାପମାତ୍ରା ପରିବର୍ତ୍ତନକୁ ନିରୀକ୍ଷଣ କରନ୍ତି, ତେଲ ଏବଂ ଗ୍ୟାସ ବ୍ୟବସାୟରେ ସମ୍ଭାବ୍ୟ ଲିକ୍ ପୂର୍ବାନୁମାନ କରନ୍ତି। ଏଚଏମଭି ଏବଂ ଏଲଏମଭି ସିମୁଲେଟର ଗୁଡ଼ିକ କ୍ଷେତ୍ରରେ ନିୟୋଜିତ ହେବା ପୂର୍ବରୁ ଡ୍ରାଇଭରମାନଙ୍କୁ ଡିଜିଟାଲ୍ ଭାବରେ ଶିଖିବାରେ ସାହାଯ୍ୟ କରନ୍ତି। ବେଦାନ୍ତ ଲିମିଟେଡର ଜଣେ ମୁଖପାତ୍ର କହିଛନ୍ତି, 'ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସୁରକ୍ଷାର ଭବିଷ୍ୟତ ନବସୃଜନ, ଅନ୍ତର୍ଭୁକ୍ତି ଏବଂ ଉଦ୍ଦେଶ୍ୟର ସଂଯୋଗରେ ରହିଛି। ଏଆଇ, ସ୍ମାର୍ଟ ସିଷ୍ଟମ ଏବଂ ଲୋକ-ପ୍ରଥମେ ନେତୃତ୍ୱକୁ ବ୍ୟବହାର କରି, ଆମେ କେବଳ ବିପଦର ପ୍ରତିକ୍ରିୟା କରୁନାହୁଁ - ଆମେ ସେଗୁଡ଼ିକୁ ପୂର୍ବାନୁମାନ ତଥା ପ୍ରତିରୋଧ କରୁଛୁ। ଆମର ପ୍ରତିବଦ୍ଧତା ହେଉଛି ଏପରି କର୍ମକ୍ଷେତ୍ର ସୃଷ୍ଟି କରିବା ଯାହା କେବଳ ଉତ୍ପାଦନକ୍ଷମ ନୁହେଁ, ବରଂ ଗଭୀର ଭାବରେ ସୁରକ୍ଷିତ, ସୁସ୍ଥ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ। 'ବେଦାନ୍ତ ଏହାର କାର୍ଯ୍ୟ ସଂସ୍କୃତିରେ ସୁରକ୍ଷାକୁ ଗଭୀର ଭାବରେ ସନ୍ନିବେଶ କରିବା ପାଇଁ ଅଗ୍ନି ଏବଂ ଉଦ୍ଧାର ତାଲିମ ସମେତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାର ବିଭିନ୍ନ ଦିଗଗୁଡ଼ିକରେ ନିୟମିତ ତାଲିମରେ ବିନିଯୋଗ କରିଆସୁଛି। ନିର୍ଦ୍ଦିଷ୍ଟ, କ୍ଷଣସ୍ଥାୟୀ କାର୍ଯ୍ୟକଳାପ ପାଇଁ ନିୟୋଜିତ ହୋଇଥିବା ବିପୁଳ ସଂଖ୍ୟକ ଚୁକ୍ତିଭିତ୍ତିକ ଏବଂ ଭାସମାନ କର୍ମଚାରୀଙ୍କୁ ଦୃଷ୍ଟିରେ ରଖି ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖନୀୟ ଯେ, କମ୍ପାନୀ ଭାରତରେ ପ୍ରଥମ ଯାହାର ସମ୍ପୂର୍ଣ୍ଣ ମହିଳା ଭୂତଳ ଖଣି ଉଦ୍ଧାର ଦଳ ଏବଂ ଅଗ୍ନି ନିର୍ବାପକ ଦଳ ଅଛି। ବେଦାନ୍ତର ବୃତ୍ତିଗତ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟିକୋଣ ସାମଗ୍ରିକ। ପ୍ରତ୍ୟେକ କାର୍ଯ୍ୟକ୍ଷମ ଟାଉନସିପରେ ଥିବା ହସ୍ପିଟାଲ ଠାରୁ ଆରମ୍ଭ କରି ମାଗଣା ବାର୍ଷିକ ଯାଂଚ, ବୀମା ଏବଂ ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ପର୍ଯ୍ୟନ୍ତ, କମ୍ପାନୀ କର୍ମଚାରୀଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରେ - ଏହାର ପ୍ରମୁଖ ଅଙ୍କୋଲୋଜି କେନ୍ଦ୍ର, ବାଲକୋ ମେଡିକାଲ୍ ସେଂଟର ମାଧ୍ୟମରେ ମୌଳିକ ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି କର୍କଟ ଚିକିତ୍ସା ପର୍ଯ୍ୟନ୍ତ ଆବଶ୍ୟକତାକୁ ପୂରଣ କରେ। ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ, ବେଦାନ୍ତ ପିଙ୍କ୍ ସିଟି ହାଫ୍ ମାରାଥନ, ବେଦାନ୍ତ ଜିଙ୍କ୍ ସିଟି ହାଫ୍ ମାରାଥନ, କ୍ରୀଡା ଟୁର୍ଣ୍ଣାମେଂଟ, ସୁସଜ୍ଜିତ ଜିମ୍, ସୁଇମିଂ ପୁଲ୍ ଏବଂ କ୍ରୀଡା କମ୍ପ୍ଲେକ୍ସ ଭଳି ପଦକ୍ଷେପଗୁଡ଼ିକ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଏକ ଦୃଢ଼ ଫିଟନେସ୍ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ। ସୁରକ୍ଷା ପ୍ରତି ବେଦାନ୍ତର ଆଭିମୁଖ୍ୟ ଏହାର କାର୍ଯ୍ୟର ସୀମା ବାହାରକୁ ବିସ୍ତାର କରେ। କମ୍ପାନୀ ମୌଳିକ ଅଗ୍ନି ନିରାପତା, ସଡ଼କ ସୁରକ୍ଷା, ବଜ୍ରପାତ ନିରାପତା, ପ୍ରାଥମିକ ଚିକିତ୍ସା ଏବଂ ଏପରିକି ଶାରୀରିକ ସୁରକ୍ଷା ଉପରେ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ମଧ୍ୟ ସମର୍ଥନ କରେ, ଯେଉଁଥିରେ ଆତ୍ମରକ୍ଷା ପଦକ୍ଷେପ ଅନ୍ତର୍ଭୁକ୍ତ। ବେଦାନ୍ତ ଗ୍ରୁପ୍ ବିଶ୍ୱସ୍ତରୀୟ ସମ୍ପତିର ବିବିଧ ପୋର୍ଟଫୋଲିଓ ପରିଚାଳନା କରୁଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଏବଂ ପ୍ରଯୁକ୍ତି ବିଦ୍ୟାରେ ଏକ ବିଶ୍ୱସ୍ତରୀୟ ନେତା। ଏହା ବିଶ୍ୱର ସର୍ବବୃହତ ସମନ୍ୱିତ ଜିଙ୍କ ଉତ୍ପାଦକ, ବିଶ୍ୱର ତୃତୀୟ ସର୍ବବୃହତ ରୂପା ଉତ୍ପାଦକ, ବିଶ୍ୱର ଶ୍ରେଷ୍ଠ ଆଲୁମିନିୟମ ଉତ୍ପାଦକମାନଙ୍କ ମଧ୍ୟରେ, ଭାରତର ଏକମାତ୍ର ଘରୋଇ ତୈଳ ଏବଂ ଗ୍ୟାସ ଉତ୍ପାଦକ ଏବଂ ସର୍ବବୃହତ ଘରୋଇ ଶକ୍ତି ଉତ୍ପାଦକମାନଙ୍କ ମଧ୍ୟରୁ ଗୋଟିଏ। ଭବିଷ୍ୟତକୁ ଆଖିରେ ରଖି, କମ୍ପାନୀ ବିରଳ ପୃଥିବୀ, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଉଦ୍ୟମ କରି ରଣନୀତିକ ଭାବରେ ଏହାର ବ୍ୟବସାୟ ପୋର୍ଟଫୋଲିଓକୁ ବିସ୍ତାର କରୁଛି।

# ବ୍ୟବସାୟୀ ମହାସଂଘର ନିଷ୍ପତ୍ତି: ପାକିସ୍ତାନ ସହ ବାଣିଜ୍ୟ ବର୍ଜନ



**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପରିଚାଳନା ପରିଷଦର ଦୁଇଦିନିଆ ବୈଠକ ଭୁବନେଶ୍ୱରଠାରେ ଗତ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛିଯ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବୈଠକରେ ଦୃ ନିନ୍ଦା କରାଯାଇଛିଯ ଏହି ପରିପ୍ରେକ୍ଷୀରେ ପାକିସ୍ତାନ ସହ ବାଣିଜ୍ୟ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ସିଏଆଇଟି ସର୍ବସମ୍ମତି ନିଷ୍ପତ୍ତି ନେଇଛି। ସିଏଆଇଟିର ସାଧାରଣ ସମ୍ପାଦକ ତଥା ଚାନ୍ଦିନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବୈଠକରେ ଖୁଚୁରା ବ୍ୟବସାୟୀମାନଙ୍କ ଆୟ ଓ ଦେଶରେ ନିଯୁକ୍ତି ବଢ଼ାଇବା ଉପରେ ଆଲୋଚନା ହୋଇଛି। ମହାସଂଘର ଓଡ଼ିଶା ଶାଖା ମହାସଚିବ ସୁଧାକର ପଣ୍ଡାଙ୍କ ସୂଚନା ଅନୁଯାୟୀ, ବ୍ୟବସାୟୀମାନେ ଯେଭଳି ସୁବିଧାରେ ସିଏସ୍ସି (ଜନସେବା କେନ୍ଦ୍ର) ଖୋଲି ପାରିବେ ସେ ନେଇ ସିଏଆଇଟି ସହବନ୍ଧନ କରିଛି। ଏହି କେନ୍ଦ୍ର ଖୋଲିବା ଲାଗି ଆବଶ୍ୟକ ତାଲିମ ଓ ୧୫୦୦ ଟଙ୍କାର ଲାଇସେନ୍ସ ଫି'ରୁ ବ୍ୟବସାୟୀମାନଙ୍କୁ ରିହାତି ଦେବା ନେଇ ଯୋଜନା ହୋଇଛି। ସେହିଭଳି ଜନ ଔଷଧି କେନ୍ଦ୍ରରେ ସୁଲଭ ମୂଲ୍ୟରେ ମିଳୁଥିବା ଔଷଧକୁ ଯେଭଳି ଅନ୍ୟ ଖୁଚୁରା ବ୍ୟବସାୟୀମାନେ ବିକ୍ରି କରିପାରିବେ ତାହା ଉପରେ ଆଲୋଚନା ହୋଇଛି। ଏଥିସହିତ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀର ଦେଶର ସବୁସ୍ଥାନରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ ଏସବୁ ସାମଗ୍ରୀର ବିନିମୟ କରିବା ଲାଗି ଯୋଜନା ହୋଇଛି। ସରକାର ଖୁଚୁରା ଶିଳ୍ପରେ ଏଫ୍ଡିଆଇକୁ ଅନୁମତି ଦେବା ପରେ ଭାରତରେ ଖୁଚୁରା ବ୍ୟବସାୟୀମାନେ ଅସୁବିଧାରେ ପଡ଼ିଛନ୍ତି। ଇ-କମର୍ସ ଏବଂ କ୍ୱିକ୍ କମର୍ସ କମ୍ପାନିଙ୍କୁ ଯେଉଁ ସୁବିଧା ସୁଯୋଗ ମିଳୁଛି ସାଧାରଣ ଖୁଚୁରା ବ୍ୟବସାୟୀଙ୍କୁ ସେହି ସୁବିଧା ମିଳିଲେ ସେମାନେ ପ୍ରତିଯୋଗିତା କରିବା କ୍ଷମତା ହାସଲ କରିବେ। ଦେଶରେ ଖୁଚୁରା ବ୍ୟବସାୟୀଙ୍କ ଯାଞ୍ଚ ଏବଂ ନିରୀକ୍ଷଣ ପାଇଁ ୩୧ଟି ନିୟମ ରହିଛି। ତେଣୁ ଇ-କର୍ମସ କମ୍ପାନିଗୁଡ଼ିକୁ ସେସବୁ ଆଇନ ପରିସରଭୁକ୍ତ କରିବାକୁ ସିଏଆଇଟି ଦାବି କରିଛି। ଦେଶର ୨ଟି ଭିନ୍ନ ଭିନ୍ନ ସ୍ଥାନରେ ବର୍ଷକୁ ୨ ଥର ସିଏଆଇଟି ପରିଚାଳନା ପରିଷଦର ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଚଳିତବର୍ଷର ଦ୍ୱିତୀୟ ବୈଠକ ମଧ୍ୟପ୍ରଦେଶର ଇନ୍ଦୋରରେ ହେବାର ସମ୍ଭାବନା ରହିଛି। ଦୁଇ ଦିନିଆ ବୈଠକରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମଧ୍ୟ ଯୋଗ ଦେଇଥିଲେ। ୨୬ଟି ରାଜ୍ୟରୁ ୨୦୦ରୁ ଅଧିକ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ।

# ପାକିସ୍ତାନର ୧୬ ୟୁଟ୍ୟୁବ ଚ୍ୟାନେଲ୍ ଉପରେ ପ୍ରତିବନ୍ଧକ ଲଗାଇଲା ଭାରତ

**ନୂଆଦିଲ୍ଲୀ, (ହି.ସ.):** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଉସୁକାଇବା ସାମଗ୍ରୀ ପ୍ରସାରିତ କରିବା ଅଭିଯୋଗରେ ପାକିସ୍ତାନର ୧୬ ୟୁଟ୍ୟୁବ ଚ୍ୟାନେଲ୍ ଉପରେ ପ୍ରତିବନ୍ଧକ ଲଗାଇଛି ଭାରତ। ଯାହାରକି ମୋଟ୍ ୬୩ ମିଲିୟନ ସବସ୍କ୍ରାଇବର ଅଛନ୍ତି। ଗୃହ ମନ୍ତ୍ରାଳୟର ସୁପାରିଶ ପରେ ଏହି ପ୍ରତିବନ୍ଧକ ଲଗାଯାଇଛି। ଏଥିରେ ପ୍ରମୁଖ ସମାଚାର ଆଉଟଲେଟ ଏବଂ ପତ୍ରକାର ସାମିଲ୍ ରହିଛି। ପ୍ରତିବନ୍ଧକ ଲଗାଯାଇଥିବା ପ୍ଲାଟଫର୍ମରେ ରହିଛି ସମାଚାର ଆଉଟଲେଟ ଡନ୍, ସମା ଟିଭି, ଏଆରୱାଇ ନ୍ୟୁଜ, ବୋଲ ନ୍ୟୁଜ, ରଫତାର, ଜିୟୋ ନ୍ୟୁଜ ଏବଂ ସୁନୋ ନ୍ୟୁଜର ୟୁଟ୍ୟୁବ ଚ୍ୟାନେଲ୍ ସାମିଲ୍ ରହିଛି। ସାମ୍ବାଦିକ ହରଶାଦ ଭଟ୍ଟି, ଅସ୍ମା ଶିରାଜୀ, ଉମର ଚିମା ଏବଂ ମୁନିବ ଫାରୁକଙ୍କ ୟୁଟ୍ୟୁବ ଚ୍ୟାନେଲ୍ ମଧ୍ୟ ପ୍ରତିବନ୍ଧିତ କରାଯାଇଛି। ସେହିପରି ଅନ୍ୟ ଯେଉଁ ହ୍ୟାଣ୍ଡେଲ ଉପରେ ପ୍ରତିବନ୍ଧକ ଲଗାଯାଇଛି ସେଗୁଡିକ ମଧ୍ୟରେ ରହିଛି ଦି ପାକିସ୍ତାନ ରେଫରେନ୍ସ, ସମା ସ୍ପୋର୍ଟସ୍, ଉଜୈର କ୍ରିକେଟ ଏବଂ ରଜି ନାମା ଇତ୍ୟାଦି। ଏଥି ସହିତ ସରକାର ବିବିସିକୁ ମଧ୍ୟ ସେହି ଶୀର୍ଷକ ଉପରେ ଚେତାବନୀ ଦେଇଛି, ଯେଉଁଥିରେ ଲେଖା ଯାଇଥିଲା ଯେ, 'ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଘାତକ ଆକ୍ରମଣ ପରେ ପାକିସ୍ତାନ ଭାରତୀୟ ମାନଙ୍କ ନିମନ୍ତେ ଭିସା ରଦ୍ଦ କରିଛି। ବିବିସି ନିଜ ଷ୍ଟୋରିରେ ଆତଙ୍କବାଦୀଙ୍କୁ ମିଲିଟାଂଟ କହିଛି।

# ଆସିବ ୟୁନିଫାଏଡ ଡିଜିଟାଲ ଆଇଡେଣ୍ଟିଟି ସିଷ୍ଟମ, ପାନ୍-ଆଧାରରେ ବଦଳିବ ନାମ, ନମ୍ବର ଓ ଠିକଣା




**ନୂଆଦିଲ୍ଲୀ,(ହି.ସ):** ଆଧାର, ପାନ୍, ଭୋଟର ଆଇଡି ଏବଂ ଡ୍ରାଇଭିଂ ଲାଇସେନ୍ସ ଆଦିରେ ନାମ, ଠିକଣା, ମୋବାଇଲ ନମ୍ବର ବଦଳାଇବା ଲାଗି ଲୋକଙ୍କୁ ଏବେ ଭିନ୍ନ ଭିନ୍ନ ଅଫିସ୍ ଦୌଡିବାକୁ ପଡିବନି। ୟୁନିଫାଏଡ ଡିଜିଟାଲ ଆଇଡେଣ୍ଟିଟି ସିଷ୍ଟମ ଲାଗୁ କରିବା ଲାଗି ସରକାର ଏବେ ପ୍ରସ୍ତୁତି କରୁଛନ୍ତି। ଏଥିଲାଗି ସ୍ୱତନ୍ତ୍ର ପୋର୍ଟାଲ ପ୍ରସ୍ତୁତ କରାଯାଉଛି। ଏଠାରେ ଗୋଟିଏ ସ୍ଥାନରେ ଲୋକମାନେ ଠିକଣା,ନମ୍ବର ବଦଳାଇ ପାରିବେ। ସମସ୍ତ ଆବଶ୍ୟକୀୟ ପରିଚୟପତ୍ର ଏହା ଦ୍ୱାରା ସିଧାସଳଖ ଅପ୍ଡେଟ ହୋଇଯିବ। ଏହି ପୋର୍ଟାଲକୁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଉଛି। ଏଥିରେ ଆଧାର, ପାନ୍, ଡ୍ରାଇଭିଂ ଲାଇସେନ୍ସ ଏବଂ ପାସ୍ପୋର୍ଟ ଭଳି ସମସ୍ତ ପରିଚୟପତ୍ର ଗୁଡ଼ିକ ଏକାସହ ସଂଯୋଗ ରହିବ। ଅପ୍ଡେଟ୍ ଲାଗି ପୋର୍ଟାଲକୁ ଯାଇ ବିକଳ୍ପ ଚୟନ କରିବାକୁ ପଡ଼ିବ। ମୋବାଇଲ ନମ୍ବର, ଠିକଣା ଭଳି ଭିନ୍ନ ଭିନ୍ନ ବିକଳ୍ପକୁ ଲୋକେ ବାଛିବେ। ଏ ସମ୍ପର୍କିତ ଦସ୍ତାବିଜ ଅପ୍ଲୋଡ୍ କରିବାକୁ ହେବ। ସମସ୍ତ ଦସ୍ତାବିଜ ଗୁଡ଼ିକରେ ପରିବର୍ତ୍ତନ ୩ ଦିନରେ ହୋଇଯିବ। ପରିବର୍ତ୍ତନ ପରେ ନୂଆ ପରିଚୟପତ୍ର ହାସଲ କରିବା ଲାଗି ଏହି ପୋର୍ଟାଲରେ ଏକ ବିକଳ୍ପ ରହିବ। ଏଥିଲାଗି ପୋର୍ଟାଲରେ ଶୁଳ୍କ ଦେବା ସହ ଆବେଦନ କରିବାକୁ ହେବ। ୭ କାର୍ଯ୍ୟ ଦିବସରେ ଅପଡେଟ ସହ ପରିଚୟ ପତ୍ର ଡାକ ଜରିଆରେ ଲୋକଙ୍କ ଘରେ ପହଞ୍ଚିଯିବ। ଯେଉଁମାନେ କାର୍ଯ୍ୟାଳୟ ଯାଇ ପରିଚୟ ପତ୍ର ନେବାକୁ ଚାହୁଁଛନ୍ତି ସେଥିଲାଗି ମଧ୍ୟ ବିକଳ୍ପ ରହିବ। ବିକଳ୍ପ ଚୟନ କରିବା ପରେ ମୋବାଇଲରେ ଅପଡେଟ ପରିଚୟ ପତ୍ର ପାଇବା ଲାଗି ଦିନ ଏବଂ ସମୟ ସମ୍ପର୍କରେ ଜଣାପଡ଼ିବ। ପ୍ରକ୍ରିୟା ସହ ଜଡ଼ିତ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ସିଷ୍ଟମର ଏବେ ପରୀକ୍ଷଣ କରାଯାଉଛି। ଏଥିରେ ପ୍ରାଥମିକ ପର୍ଯ୍ୟାୟରେ କିଛିଟା ଟେକ୍ନୋଲୋଜି ଏବଂ ଆଇନଗତ ସମସ୍ୟା ରହିଥିଲା। ଏହାର ନିରାକରଣ ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ଡାଟା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ କରିବା ଚ୍ୟାଲେଞ୍ଜ ଥିଲା। ଏ ଦିଗରେ କେନ୍ଦ୍ର ସରକାର ଏବେ କାମ କରୁଛନ୍ତି। ଟ୍ରାଏଲ ରନରେ ୯୦% ସଠିକତା ରହିଛି। ୯୮% ସଠିକତା ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହାର କିଛି ମାସ ପରେ ଏହି ପୋର୍ଟାଲକୁ ସାଧାରଣ ଲୋକଙ୍କ ଲାଗି ବ୍ୟବହାର କରାଯିବ। ଏବେ ଯାଏ ଏହି ପୋର୍ଟାଲର କୌଣସି ନାମ ଦିଆଯାଇନାହିଁ। ଚୂଡାନ୍ତ ପରୀକ୍ଷଣ ହେଲା ପରେ ଏହାର ନାମ ଦିଆଯିବ ବୋଲି ସୂଚନା ମିଳିଛି।

# ମହିଳା କିଣିଛନ୍ତି ୫୯ଲକ୍ଷ କୋଟିର ସୁନା: ୧୫ ବର୍ଷରେ ୧୨ ହଜାର ଟନ୍

**ନୂଆଦିଲ୍ଲୀ, (ହି.ସ.):** ସୁନା ପ୍ରତି ଭାରତୀୟ ମହିଳାଙ୍କ ଆକର୍ଷଣ କାହାକୁ ଅଛପା ନାହିଁ। ହାର, ଚେନ୍, ମୁଦି, କାନଫୁଲ ଆଦି କିଣି ଘରେ ରଖିବା ସେମାନଙ୍କ ଏକ ଦୀର୍ଘଦିନର ଅଭ୍ୟାସ। ମହିଳାଙ୍କ ପାଖରେ ଥିବା ସୁନାର ମୂଲ୍ୟ ଜାଣିଲେ ବିଶ୍ୱାସ କରିହେବନାହିଁ। ନିକଟରେ ସୁନା ଦରରେ ଅହେତୁକ ବୃଦ୍ଧି ଘଟିବା ପରେ ସେମାନଙ୍କ ପାଖରେ ଥିବା ସୁନାର ମୂଲ୍ୟ ୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ୧୫ ବର୍ଷ ଭିତରେ ଭାରତୀୟ ମହିଳାମାନେ ୧୨ ହଜାର ଟନର ସୁନା କିଣିଛନ୍ତି। ସେଥିରୁ ୮୬୯୬ ଟନ୍ ବିଭିନ୍ନ ପ୍ରକାର ଗହଣା ହୋଇଥିବା ବେଳେ ଅବଶିଷ୍ଟ ୩୩୧୦ ଟନ୍ ହେଉଛି ସୁନା ବାର୍ ଓ କଏନ୍। ପ୍ରତିବର୍ଷର ସୁନା ମୂଲ୍ୟ ଓ କିଣାଯାଇଥିବା ସୁନାର ପରିମାଣକୁ ନେଇ ଏକ ହିସାବ କରିବା ପରେ ତାହାର ବର୍ତ୍ତମାନ ମୂଲ୍ୟ ୫୯ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିବା ଜଣାପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମହିଳାମାନଙ୍କ ସୁନା କିଣା ଅଭ୍ୟାସକୁ ସାଧାରଣରେ ସମାଲୋଚନା କରାଯାଉଥିବା ବେଳେ ସେମାନଙ୍କ ସେହି ପଦକ୍ଷେପକୁ ବିଶେଷଜ୍ଞମାନେ ପ୍ରଶଂସା କରୁଛନ୍ତି।



# ମୁମ୍ବାଇରେ ଉପକୂଳ ରାଜ୍ୟ ମତ୍ସ୍ୟ ସମ୍ମିଳନୀ:୨୫୫କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ

**ନୂଆଦିଲ୍ଲୀ, (ହି.ସ.):** କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂଙ୍କ ଅଧ୍ୟକ୍ଷତାରେ ମୁମ୍ବାଇଠାରେ ଆଜି ଉପକୂଳ ରାଜ୍ୟ ମତ୍ସ୍ୟ ସମ୍ମିଳନୀ :୨୦୨୫ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଏସ.ପି ସିଂ ବାଘେଲ, ଜର୍ଜ କୁରିଏନ ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ୭ଟି ଉପକୂଳ ରାଜ୍ୟର ରାଜ୍ୟପାଳ ଏବଂ ମତ୍ସ୍ୟ ବିଭାଗର ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ) ଅଧୀନରେ ମୋଟ ୨୫୫ କୋଟି ଟଙ୍କାର ପ୍ରମୁଖ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପଂଚମ ସାମୁଦ୍ରିକ ମତ୍ସ୍ୟ ଜନଗଣନା ପରିଚାଳନା, ପିଏମଏମଏସୱାଇର କଇଁଛ ବାହକ ଉପକରଣ ଉପରେ ମାର୍ଗଦର୍ଶିକା ଏବଂ ମାଛଧରା ପୋତ ଯୋଗାଯୋଗ ଏବଂ ସହାୟତା ବ୍ୟବସ୍ଥା ପାଇଁ ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଜାରି ଭଳି ପ୍ରମୁଖ ପଦକ୍ଷେପ ମଧ୍ୟ ଉପକୂଳ ରାଜ୍ୟ ମତ୍ସ୍ୟପାଳନ ସମ୍ମିଳନୀରେ ଆରମ୍ଭ କରାଯାଇଥିଲା। ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଡିଜିଟାଲ୍ ଆପ୍ଲିକେସନ୍ ଭିୱାଇଏଏସ୍-ଏନ୍ଏଭି ସଂଯୁକ୍ତ ଟାବଲେଟ୍ ବଣ୍ଟନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ଅଧୀନରେ ହିତାଧିକାରୀଙ୍କୁ ପ୍ରଥମ ଜଳଜ ବୀମା ପ୍ରଦାନ କରିଥିଲେ। ଆଜି ପଂଚମ ସାମୁଦ୍ରିକ ମତ୍ସ୍ୟ ଗଣନା କାର୍ଯ୍ୟର ମଧ୍ୟ ଶୁଭାରମ୍ଭ ହୋଇଛି ଯେଉଁଥିରେ ପର୍ଯ୍ୟବେକ୍ଷକଙ୍କ ତାଲିମ, ଗ୍ରାମୱାରୀ ତଥ୍ୟ ଗଣନାକାରୀଙ୍କୁ ନିଯୁକ୍ତି ଏବଂ ତାଲିମ, ଏହାପରେ ୩ମାସ ମଧ୍ୟରେ ପ୍ରକୃତ ମତ୍ସ୍ୟ ଗଣନା କାର୍ଯ୍ୟକଳାପ ସାମିଲ ରହିଛି । ଡିସେମ୍ବର ସୁଦ୍ଧା ଏହି ଅଭିଯାନର ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହେବ। ସାମୁଦ୍ରିକ ମତ୍ସ୍ୟ ଗଣନାରେ ଓଡ଼ିଶାର ମତ୍ସ୍ୟଗ୍ରାମ, ମତ୍ସ୍ୟଜୀବୀ ଏବଂ ଅନ୍ୟାନ୍ୟ ମତ୍ସ୍ୟ ଭିତ୍ତିଭୂମି ତଥା ମତ୍ସ୍ୟ କ୍ଷେତ୍ରର ତଥ୍ୟକୁ ସାମିଲ କରାଯିବ। ୨୦୧୬ ଗଣନା ଅନୁଯାୟୀ ଓଡ଼ିଶାରେ ୭୩୯ଟି ମତ୍ସ୍ୟ ଗ୍ରାମ ରହିଛି। ଭାରତର ପଂଚମ ସାମୁଦ୍ରିକ ମତ୍ସ୍ୟ ଜନଗଣନା ପାଇଁ ଏକ ପ୍ରମୁଖ ପ୍ରସ୍ତୁତି ପଦକ୍ଷେପ ସ୍ୱରୂପ, ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଡିଜିଟାଲ୍ ଆଧାରିତ ତଥ୍ୟ ସଂଗ୍ରହ ପାଇଁ ଏକ ମୋବାଇଲ୍ ଆପ୍ଲିକେସନ୍ ଭିୱାଇଏଏସ୍-ଏନ୍ଏଭି ଆରମ୍ଭ କରାଯାଇଛି। ଏହି ଗଣନା ଦେଶବ୍ୟାପୀ ୧୨ ଲକ୍ଷ ମତ୍ସ୍ୟଜୀବୀ ପରିବାରକୁ ବାସ୍ତବ-ସମୟ ମାନ୍ୟତା ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ) ଅଧୀନରେ ମତ୍ସ୍ୟଚାଷ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟର ମତ୍ସ୍ୟଚାଷ ବିଭାଗ (ଡିଓଏଫ) ଦ୍ୱାରା ଏହି ବିଶାଳ କାର୍ଯ୍ୟକଳାପ ସମନ୍ୱିତ ହୋଇଛି। ଆଇସିଏଆର-କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ (ସିଏମଏଫଆରଆଇ) ଦ୍ୱାରା ଭିୱାଇଏଏସ-ଏନଏଭି ବିକଶିତ ହୋଇଛି । ସିଏମଏଫଆରଆଇ ନଅଟି ଉପକୂଳବର୍ତ୍ତୀ ରାଜ୍ୟରେ ସାମୁଦ୍ରିକ ମତ୍ସ୍ୟ ଗଣନା କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି। ମତ୍ସ୍ୟଜୀବୀ ଗ୍ରାମ, ମାଛ ଅବତରଣ କେନ୍ଦ୍ର ଏବଂ ମାଛଧରା ବନ୍ଦରର କ୍ଷେତ୍ର ଯାଂଚ ପାଇଁ ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ଭିୱାଇଏଏସ୍-ଏନଏଭି ଆପ୍ ବ୍ୟବହାର କରାଯିବ। ସାମୁଦ୍ରିକ ମତ୍ସ୍ୟ ଗଣନା ସମ୍ପୂର୍ଣ୍ଣ, ସଠିକ୍ ଏବଂ ସମୟୋଚିତ ଉପରେ ଧ୍ୟାନ ଦେଇଛି। ଏଥିରେ ପ୍ରତ୍ୟେକ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର, ମତ୍ସ୍ୟଜୀବୀ ଗ୍ରାମ, ମତ୍ସ୍ୟଚାଷ ଏବଂ ଉପକରଣ ସହିତ ସାରା ଦେଶରେ ମତ୍ସ୍ୟ ବନ୍ଦର ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ର ସହିତ ଜଡିତ ଭିତ୍ତିଭୂମି ସୁବିଧାର ତଥ୍ୟ ସଂଗ୍ରହ କରାଯିବ । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ଏକ ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ଏକ ବ୍ୟାପକ ମତ୍ସ୍ୟଚାଷ ବୀମା ପ୍ରଦାନ କରିଥାଏ। ଜଳଚର ଚାଷ ବୀମା ବିପଦକୁ ହ୍ରାସ କରିବା ଏବଂ ବିଶେଷ କରି କ୍ଷୁଦ୍ର ଏବଂ ଅବହେଳିତ କୃଷକମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ଧ୍ୟାନ ଦେଇଥାଏ।

# ଲୋକଙ୍କ ସମର୍ଥନରେ ହିଁ ଆତଙ୍କବାଦକୁ ପରାସ୍ତ କରାଯାଇପାରିବ: ଓମର ଅବଦୁଲ୍ଲା

**ଜମ୍ମୁ, (ହିସ):** ଜମ୍ମୁ ଏବଂ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର କହିଛନ୍ତି ଯେ ତାଙ୍କ ସରକାର ଆତଙ୍କବାଦ ବିରୋଧରେ ଜନ ଅଭିଯାନକୁ ମଜବୁତ କରିବ କାରଣ ଏହାକୁ କେବଳ ଲୋକଙ୍କ ସମର୍ଥନରେ ପରାସ୍ତ କରାଯାଇପାରିବ। ତଥାପି, ଅବଦୁଲ୍ଲା ସତର୍କ କରାଇ ଦେଇଛନ୍ତି ଯେ ସରକାର ଏପରି କୌଣସି ପଦକ୍ଷେପ ନେବାରୁ ଦୂରେଇ ରହିବା ଉଚିତ ଯାହା ଜନସାଧାରଣଙ୍କୁ ଦୂରେଇ ଦେବ। ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ପାଇଁ ଆହୂତ ଏକ ସ୍ୱତନ୍ତ୍ର ଅଧିବେଶନରେ ପ୍ରସ୍ତାବ ଉପରେ ଆଲୋଚନା ଶେଷ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଲୋକମାନେ ଆମ ସହିତ ରହିବେ, ସେତେବେଳେ ଆତଙ୍କବାଦ କିମ୍ବା ଆତଙ୍କବାଦୀତା ଶେଷ ହେବ। ଯଦି ଆମେ ଆତଙ୍କବାଦ ବିରୁଦ୍ଧରେ ଲୋକଙ୍କ କ୍ରୋଧକୁ ଦୃଷ୍ଟିରେ ରଖି ଉପଯୁକ୍ତ ପଦକ୍ଷେପ ନେବା, ତେବେ ଏହା ଏହାର ଶେଷର ଆରମ୍ଭ ହେବ। ସେ କହିଥିଲେ ଯେ ଆମେ ଏପରି କୌଣସି ପଦକ୍ଷେପ ନେବା ଉଚିତ୍ ନୁହେଁ ଯାହା ଲୋକଙ୍କୁ ଅଲଗା କରିବ। ଆମେ ବନ୍ଧୁକ ସାହାଯ୍ୟରେ ଆତଙ୍କବାଦୀଙ୍କୁ ନିୟନ୍ତ୍ରଣ କରିପାରିବୁ ନାହିଁ, କିନ୍ତୁ ଯଦି ଲୋକମାନେ ଆମ ସହିତ ଅଛନ୍ତି, ତେବେ ଆମେ ଆତଙ୍କବାଦୀଙ୍କୁ ଦୂର କରିପାରିବା।

## ଉତ୍କଳ ଗୌରବ ମଧୁବାବୁଙ୍କୁ ଶ୍ରଦ୍ଧାଳି ଜଣାଇଲେ ରାଜ୍ୟପାଳ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଳି ଜଣାଇଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନରେ ମଧୁବାବୁଙ୍କ ଅଦମ୍ୟ ପ୍ରୟାସ ଏବଂ ଦୃଢ଼ ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ। ଏତଦ୍‌ବ୍ୟତୀତ ସାମାଜିକ ସଂସ୍କାର, ଶିକ୍ଷା ଏବଂ ଅବହେଳିତ ଗୋଷ୍ଠୀର ସଶକ୍ତିକରଣ କ୍ଷେତ୍ରରେ ମଧୁବାବୁଙ୍କର ଜୀବନବ୍ୟାପୀ ଉଦ୍ୟମକୁ ରାଜ୍ୟପାଳ ସ୍ମରଣ କରିଛନ୍ତି। ସେବା, ସମର୍ପଣ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ମଧୁବାବୁଙ୍କର ଚିନ୍ତା, ଚେତନା ଓ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

## ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସୋମବାର ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭାବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି। ମଧୁସୂଦନ ଦାସ ୧୮୪୮ ମସିହା ଅପ୍ରେଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦୁଇବର୍ଷ ପୂର୍ବରୁ ୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖ ଦିନ ଉତ୍କଳ ଜନନୀର ଏହି ମହାନ୍ ବରପୁତ୍ରଙ୍କ ଜୀବନ ଦୀପ ଲିଭି ଯାଇଥିଲା। ଓଡ଼ିଆ ଜାତିର ଉତ୍‌ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ । ପ୍ରକୃତରେ ସେ ଥିଲେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ।

## ସାରା ଭାରତରେ ସ୍ୱଦେଶୀ ଆନ୍ଦୋଳନର ତ୍ରାଣକର୍ତ୍ତା ଥିଲେ ମଧୁବାବୁ : ମନମୋହନ ସାମଲ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସୋମବାର ଆମ ସମସ୍ତଙ୍କ ପାଇଁ ପ୍ରେରଣା ଓ ଆତ୍ମବିଶ୍ୱାସର ଦିନ । ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଦିନ । କାରଣ ଆଜି ହେଉଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ । ସେ ହେଲେ ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ମୁଖ୍ୟ ବିନ୍ଧାଣି । ସେ ସାରା ଭାରତବର୍ଷରେ ସ୍ୱଦେଶୀ ଆନ୍ଦୋଳନର ତ୍ରାଣକର୍ତ୍ତା ଥିଲେ। ସେ ସବୁ ଓଡ଼ିଆଙ୍କ ହୃଦୟରେ ସବୁବେଳେ ଚିରସ୍ମରଣୀୟ ବୋଲି ରାଜ୍ୟ କାର୍ଯ୍ୟାଳୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି, ମଧୁବାବୁଙ୍କ ଜୀବନ ସଂଘର୍ଷମୟ ଥିଲା । ବହୁ ବାଧାବିଘ୍ନ ପରେ ବି ଭାଷାଭିତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ନିରନ୍ତର ପ୍ରୟାସ କରିଥିଲେ । ଇଂଗ୍ରେଜ ସରକାରଙ୍କ ଦମନଲୀଳା ସତ୍ତ୍ୱେ ଓଡ଼ିଶାର କୋଣ ଅନୁକୋଣରେ ରହୁଥିବା ଓଡ଼ିଆଙ୍କୁ ଏକଜୁଟ୍ କରି ସେମାନଙ୍କ ସ୍ୱାଭିମାନକୁ ଜାଗ୍ରତ କରିଥିଲେ । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧୁବାବୁ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରିବାରେ ସଫଳ ହୋଇଥିଲେ । ମଧୁବାବୁ ଓଡ଼ିଶାରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରିଥିଲେ । ଓଡ଼ିଶାରେ ତାରକସି କାମକୁ ସାରା ଦେଶରେ ପରିଚିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ବହୁ କ୍ଷତି ସହିବା ପରେ ବି ଓଡ଼ିଆଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଜୋତା କାରଖାନା ତିଆରି କରିଥିଲେ । ଓଡ଼ିଶା ଗଠନ ପାଇଁ ତାଙ୍କର ସଂଘର୍ଷମୟ ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । କେବଳ ଓଡ଼ିଶା ନୁହେଁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି ରାଜ୍ୟର ଲୋକମାନେ ମଧ ଆଜି ମଧୁବାବୁଙ୍କୁ ମନେ ପକାଉଛନ୍ତି। ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିବାକୁ ବିଜେପି ସରକାର ପ୍ରୟାସ ଜାରି ରଖିଛି । ଶିଳ୍ପ, କୃଷି, ପର୍ଯ୍ୟଟନ ଆଦି କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର କରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ ପଂଚାୟତିରାଜ ମନ୍ତ୍ରୀ ତଥା ବରିଷ୍ଠ ନେତା ରବି ନାରାୟଣ ନାୟକ କହିଥିଲେ, ଯେଉଁ ମହାପୁରଷମାନେ ଦେଶ ଓ ମାତୃକାର ସେବା ପାଇଁ ନିଜ ଜୀବନକୁ ଜଳାଞ୍ଜଳି ଦେଇଛନ୍ତି ସେମାନଙ୍କୁ ସର୍ବଦା ମନେ ପକାଇବା ଦରକାର । ମଧୁବାବୁ ଆମ ସମସ୍ତଙ୍କ ପାଇଁ ସବୁବେଳେ ସ୍ମରଣୀୟ । ପିଲାମାନଙ୍କୁ ପାଠ ପଢ଼ା ପ୍ରତି ଆକୃଷ୍ଟ କରିବା ପାଇଁ "ମନ ଦେଇ ପାଠ ପଢ଼ିବି, କାଳିଆ ଘୋଡ଼ା ଚଢ଼ିବି, ମଧୁବାବୁ ସଙ୍ଗେ ସହ ଲଢ଼ିବି" ଏହି ଉକ୍ତିଟି ଓଡ଼ିଆଙ୍କ ଘରେ ଘରେ କୁହାଯାଏ । ମଧୁବାବୁଙ୍କ ଦ୍ୱାରା ଲିଖିତ କବିତା ଓଡ଼ିଆଙ୍କ ଜନମାନସରେ ଆନ୍ଦୋଳନ ସୃଷ୍ଟି କରିଥିଲା । ଆମେ ଓଡ଼ିଆ ବୋଲି ଲୋକଙ୍କ ମନରେ ଭାବନା ସୃଷ୍ଟି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏବେ ରାଜ୍ୟରେ ବିଜେପିର ଡବଲଇଞ୍ଜିଲ ସରକାର ଚାଲିଛି । ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମୋହନ ଚରଣ ମାଝୀ ଏହି ଇଞ୍ଜିନର ପ୍ରଥମ ଡବା ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ଗୁରୁଦାୟିତ୍ୱ ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ଗୁଣ୍ଡୁଚି ମୂଷା ପରି ପ୍ରୟାସ କରିବାକୁ ପଡ଼ିବ । ତାହାଲେ ବିକଶିତ ଓଡ଼ିଶା ଗଠନ କରିବାର ଆମେ ସଫଳ ହୋଇପାରିବା ବୋଲି ଶ୍ରୀ ନାୟକ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାଏ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ । ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର ସଭା ସଂଚାଳନ କରିଥିବାବେଳେ ରାଜ୍ୟ ସାମାଜିକ ଗଣମାଧମ ସହ ସଂଯୋଜକ ମାନସି ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଓ ସ୍ୱାଭିମାନ ଦିବସ ପାଳିତ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଉତ୍କଳ ଗୌରବ ମଧୁସୂଦନ ଦାସ ଓକିଲାତିରୁ ଦେଶ ସେବା ସମାଜସେବା କରୁଥିଲେ। ମଧୁ ବାବୁ କେବେ ତାଙ୍କ ଜୀବନରେ ସାଲିସ କରିନାହାନ୍ତି। ସେ ସମାଜ ସଂସ୍କାରକ ଥିଲେ। ତାଙ୍କର କାର୍ଯ୍ୟଧାରା, ତ୍ୟାଗ, ସଂଘର୍ଷ ଚିରସ୍ମରଣୀୟ। ଇଂରେଜ ସରକାର ବିରୁଦ୍ଧରେ ଲଢ଼ିବାକୁ ସେ ଇଂରାଜୀ ଭାଷା ଓ ତାଙ୍କ ଆଇନଙ୍କୁ ପଢି ଅସ୍ତ୍ର ଭଳି ବ୍ୟବହାର କରି ସଫଳ ହୋଇଥିଲେ। ଓଡ଼ିଶା, ଓଡ଼ିଆ ଏବଂ ଓଡ଼ିଆ-ଭାଷାର ସ୍ୱାଭିମାନକୁ ନେଇ ଯଦି କିଏ ସମଗ୍ର ଇତିହାସରେ ପ୍ରାଣପାତ କରି ଲଢ଼େଇ କରିଥିଲା। ତାଙ୍କ ଭଳି ଜଣେ ମହାପୁରୁଷଙ୍କ ଜନ୍ମଦିନକୁ ଆମେ ଓକିଲ ଦିବସ ଓ ସ୍ୱାଭିମାନ ଦିବସ ରୂପେ ପାଳନ କରୁଛୁ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ୍ଭେ ଅନ୍ୟଙ୍କୁ ବ୍ୟବହାର ଓ କାର୍ଯ୍ୟ କରିବା ଉଚିତ ବୋଲି ଭୁବନେଶ୍ୱର ଓକିଲ ସଂଘ ତରଫରୁ ଭଞ୍ଜକଳା ମଣ୍ଡପରେ ଆୟୋଜିତ ମଧୁ ବାବୁଙ୍କ ୧୭୭ତମ ଜୟନ୍ତୀ ତଥା 'ଓକିଲ ଦିବସ' ପାଳନ ଅବସରରେ ଅତିଥିମାନେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ଜଷ୍ଟିସ ଭି ନରସିଂହ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସହିତ୍ୟକ ଦାଶ ବେନେହୁର, ସମ୍ମାନୀତ ଅତିଥି ଭାବେ ଭାରତୀୟ ଆଇନ ପରିଷଦ ସଦସ୍ୟ



ଭକ୍ତ ଭୂଷଣ ବାରିକ୍ ଯୋଗଦେଇ ମଧୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ଭୁବନେଶ୍ୱର ଓକିଲ ସଂଘର ସଭାପତି ଅଶୋକ କୁମାର ପାତ୍ର । ସଂଘର ସମ୍ପାଦକ ସତ୍ୟ ରଞ୍ଜନ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହାକୁ ସଂଯୋଜନା କରିଥିଲେ ଶିଳଭଦ୍ର ଶାସ୍ତ୍ରୀ। ଉପସଭାପତି କବିନ୍ଦ୍ର କୁମାର ବାରିକ୍ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରେ ୫୦ ବର୍ଷ ଓକିଲାତି ପାଇଁ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ହୃଦାନନ୍ଦ ରାଉତରାୟ, ନିର୍ମଳ ପଟ୍ଟନାୟକ, ମାନସ ମହାପାତ୍ର, ନିର୍ମଳ କିଶୋର ରଥ ସମେତ ବହୁ ଓକିଲଙ୍କୁ ବରିଷ୍ଠ ଆଇନଜୀବୀ ଭାବେ ବହୁ ଆଇନଜୀବୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

## କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କଲେ ବୈଜୟନ୍ତ ପଣ୍ଡା



ଭୁବନେଶ୍ୱର, (ଡିକେ ନ୍ୟୁଜ୍): କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନ ଠାରେ ସାକ୍ଷାତ କରିବା ସହିତ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । କେନ୍ଦ୍ରାପଡାର ତଳି ଅଂଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଗହଗପାଟ ଅଂଚଳ, କେନ୍ଦ୍ରାପଡା-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିସିବିଲପାଟ ଅଂଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଂଚଳ ଗୁଡିକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍‌ଟିସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଅଛି। ଏହା ସହିତ କେନ୍ଦ୍ରାପଡା ଜିଲ୍ଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜିମ, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ ଖାଲି ପଡିଥିବା ସରକାରୀ ପଦବୀ ଗୁଡିକୁ ପୂରଣ କରିବା ସହ ଜିଲ୍ଲାରେ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି କୋଚ ସହ ଚଳାଚଳ



ଭୁବନେଶ୍ୱର, (ପିଆଇବି): ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସକୁ ଆଧୁନିକ ଲିଙ୍କେ ହଫମାନ ବୁଶ (ଏଲ୍‌ଏଚ୍‌ବି) କୋଚ ଚଳାଚଳ କରାଯିବ ପାଇଁ ରୂପାନ୍ତରିତ କରାଯାଇଛି। ଯାହା ଯାତ୍ରୀମାନଙ୍କୁ ଉନ୍ନତ ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ। ସୋମବାର ପୂର୍ବାହ୍ନରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ଏହି ରୂପାନ୍ତରିତ ଟ୍ରେନ ସେବାର ଶୁଭାରମ୍ଭ କରାଯାଇଅଛି । ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି କୋଚ ସହିତ ନିୟମିତ ସେବା ୨୯ ଏପ୍ରିଲ୍ ୨୦୨୫ ଠାରୁ ପୁରୀରୁ ଏବଂ ୩୦ ଏପ୍ରିଲ୍ ୨୦୨୫ ଠାରୁ ବାଙ୍ଗିରିପୋଷିରୁ ଆରମ୍ଭ ହେବ। ପୂର୍ବରୁ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ କୋଚ ସହିତ ଚଳାଚଳ କରୁଥିଲା। ରୂପାନ୍ତରିତ ଟ୍ରେନ୍ ସଂରଚନାରେ ଗୋଟିଏ ଏସି ଚେୟାର କାର, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଏବଂ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି। ବାଙ୍ଗିରିପୋଷି ଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନେକ ସମ୍ମାନିତ ବ୍ୟକ୍ତି ଯୋଗ ଦେଇଥିଲେ। ଯେଉଁଥିରେ ମୟୂରଭଞ୍ଜ (ଲୋକସଭା)ର ସାଂସଦ ନବ ଚରଣ ମାଝୀ, ମାନନିୟା ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ଏବଂ ସରସକଣାର ବିଧାୟକ ଭାଦବ ହାଁସଦା ପ୍ରମୁଖ ସାମିଲ ଥିଲେ। ଏଲଏଚବି କୋଚ୍ ପ୍ରଚଳନ ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍ ପାଇଁ ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଭୁବନେଶ୍ୱରରେ ରାଜ୍ୟ ରାଜଧାନୀ ମଧ୍ୟଦେଇ ଓଡ଼ିଶାର ଉପକୂଳ ଏବଂ ଉତ୍ତର ଓଡ଼ିଶାର ଆଦିବାସୀ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଛି।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଭାରତୀୟ ପ୍ରଶାସନିକ ସେବାର ପ୍ରୋବେସନର ଅଧିକାରୀମାନେ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସୋମବାର ଭାରତୀୟ ପ୍ରଶାସନିକ ସେବାର ଓଡ଼ିଶା କ୍ୟାଡରର ପ୍ରୋବେସନର ଅଧିକାରୀମାନେ ସାକ୍ଷାତ କରିଛନ୍ତି। ଲୋକସେବା ଭବନସ୍ଥିତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ୨୦୨୪ ବ୍ୟାଚର ଏହି ଅଧିକାରୀମାନେ ସାକ୍ଷାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ। ପ୍ରଶାସନିକ ବ୍ୟବସ୍ଥାର ବିଭିନ୍ନ ଢାଞ୍ଚା, କାର୍ଯ୍ୟକାରୀ ହେଉଥିବା ଯୋଜନା, କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ ସଂପର୍କରେ ଶ୍ରୀ ଆହୁଜା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟର କଳା, ସଂସ୍କୃତି, ଭାଷା-ସାହିତ୍ୟ, ଭାସ୍କର୍ଯ୍ୟ ଆଦି ସଂପର୍କରେ ଜାଣିବାର ନିତାନ୍ତ ଆବଶ୍ୟକତା ରହିଛି। ଓଡ଼ିଶା ଆଜି ପ୍ରତିଟି କ୍ଷେତ୍ରରେ ପ୍ରଗତି ହାସଲ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ଅନେକ ରାଜ୍ୟ ତୁଳନାରେ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରୁଥିବା ସେ ସୂଚନା ଦେଇଥିଲେ। ଏହି ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ନୂତନ ଅଧିକାରୀମାନେ କାର୍ଯ୍ୟ କରିବା ଉଚିତ। ଏଥି ସହିତ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ସଚେତନ ରହି ସାମାଜିକ ଦାୟିତ୍ୱବୋଧ ଓ କର୍ତ୍ତବ୍ୟପରାୟଣତାର ପ୍ରଦର୍ଶନ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। କୃତ୍ରିମ ବୁଦ୍ଧିମତ୍ତା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ବିଭିନ୍ନ ସମସ୍ୟାର ସମାଧାନ ଓ ଧାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ତୃଣମୂଳସ୍ତରକୁ ଅଧିକାରୀ ଭାବେ ନୁହେଁ ବରଂ ସାଧାରଣ ଲୋକ ଭାବେ ଅଙ୍ଗନବାଡ଼ି କେନ୍ଦ୍ର, ବିଭିତ୍ତ ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସର୍ବସାଧାରଣ ବ୍ୟବହାର କରୁଥିବା ସେବା ସ୍ଥାନକୁ ଯାଇ ଲୋକଙ୍କ ସମସ୍ୟା ଓ ସାମାଜିକ ବିଧିବ୍ୟବସ୍ଥା ସଂପର୍କରେ ଅବଗତ ହୋଇପାରିଲେ ନିଜ କର୍ମକ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିବାରେ ସହାୟକ ହେବ। ଏତଦ୍‌ବ୍ୟତୀତ, ଅଧିକାରୀମାନଙ୍କର ଓଡ଼ିଶା ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଓଡ଼ିଶା ଆଜି ଶିଳ୍ପ, ବୟନ, କୃଷି, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ଅଗ୍ରସର ହେଉଥିବାରୁ ଏହି ଧାରାରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଉକ୍ତ ଅଧିକାରୀମାନେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ମଧ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ। ରାଜ୍ୟରେ ଗରିବୀ ହାରରେ ଦ୍ରୁତ ହ୍ରାସ ହେବା ସହ ବର୍ତ୍ତମାନ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ର ପାଇଁ ବଜେଟରେ ଅଧିକ ଆର୍ଥିକ ବ୍ୟୟବରାଦ କରାଯାଉଥିବା ଶ୍ରୀମତୀ ଗର୍ଗ ସୂଚନା ଦେଇଥିଲେ। ପ୍ରତ୍ୟେକ ମୁହୂର୍ତ୍ତରେ ଶିଖିବାର ମାନସିକତା ରଖିବା ସହ କାର୍ଯ୍ୟକ୍ଷେତ୍ରରେ ସନ୍ତୁଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୋପବନ୍ଧୁ ଏକାଡେମୀର ଏଡିଜି ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ। ଉକ୍ତ ଅଧିକାରୀମାନେ ଗୋପବନ୍ଧୁ ଏକାଡେମୀରେ ତାଲିମ ନେବା ସହ ବିଭିନ୍ନ ଜିଲ୍ଲାରେ କ୍ଷେତ୍ରସ୍ତରୀୟ ଅଭିଜ୍ଞତା ହାସଲ କରୁଛନ୍ତି।

## ମଇ ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ମଇ ମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା - ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଜଟଣୀ, ଟାଙ୍ଗୀ ଓ ବେଗୁନିଆ ଠାରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେଓ୍ୱାନୀ ମାମଲା, ଗାଡି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ ଅନାଦେୟ, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ, ଛାଡ଼ପତ୍ର ବ୍ୟତୀତ ପାରିବାରିକ ବୈବାହିକ ମାମଲା, ଜମି ଅଧିଗ୍ରହଣ, ଶ୍ରମବିବାଦ, ଚେକ୍ ବାଉନ୍ସ ଓ ବିଭିନ୍ନ ଜନ ଉପଯୋଗୀ ମାମଲା, ଚାକିରୀ ଏବଂ ପେନଶନ ମାମଲା, ରାଜସ୍ୱ, ଖାଉଟି ସୁରକ୍ଷା ଆଦି ମାମଲା ଗୁଡିକରେ ଉଭୟ ପକ୍ଷଙ୍କ ଆପୋଷ ବୁଝାମଣା ଜରିଆରେ ବିଭାଗୀୟ ଅଦାଲତ ମାନଙ୍କରେ ସମାଧାନ କରାଯାଇ ପାରିବ। ଏଣୁ ଜନସାଧାରଙ୍କୁ ଅନୁରୋଧ କରାଯାଉଛି କି ସେମାନେ ନିଜ ମଧ୍ୟରେ ଅଦାଲତରେ ଥିବା ବିଚାରଧୀନ ମାମଲା କିମ୍ବା ଯେକୌଣସି ମିଳାମିଶା ଯୋଗ୍ୟ ବିବାଦର ସହଜ ଓ ସରଳ ସମାଧାନ ପାଇଁ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତ କିମ୍ବା ଆଇନ ସେବା କମିଟି ଅଧିଗ୍ରହଣଙ୍କ କାର୍ଯ୍ୟାଳୟ ସହ ଆଗୁଆ ଯୋଗାଯୋଗ କରିବା ହେବେ ବୋଲି ପ୍ରାଧିକରଣ ସଚିବ ସଲୋମୀ ସାହୁ ଅନୁରୋଧ କରିଛନ୍ତି। କେବଳ ଅଦାଲତରେ ବିଚରାଧୀନ ମାମଲା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ ଯଥା ଅଦାଲତରେ ଦାୟର ହୋଇନଥିବା ମାମଲା ଯଥା - ଚେକ୍ ବାଉନ୍ସ, ବ୍ୟାଙ୍କଋଣ ଅନାଦେୟ, ପରିବାରିକ, ଟେଲିଫୋନ ଏବଂ ଅନ୍ୟାନ୍ୟ ସାଲିସ ଯୋଗ୍ୟ ସମସ୍ତ ମାମଲାର ମଧ ସମାଧାନ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ ବୋଲି ପ୍ରାଧିକରଣ ଜଣାଇଛନ୍ତି । ଏଠାରେ ସୂଚନା ଦିଆଯାଏ କି ଉକ୍ତ ଲୋକ ଅଦାଲତ ରେ ମୋକଦ୍ଦମା କିମ୍ବା ବିବାଦର ସମାଧାନ ପାଇଁ ଜନସାଧାରଣଙ୍କୁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୁଡାନ୍ତ ଅଟେ । ଯଦି କୌଣସି ଅଦାଲତରେ ଥିବା ବିଚାରଧୀନ ମାମଲା ଲୋକ ଅଦାଲତରେ ଫଇସଲା ହୁଏ ତାହେଲେ ଆଗରୁ ପୈଠ ହୋଇଥିବା କୋର୍ଟ ଫିସ୍ ମଧ ଫେରସ୍ତ କରାଯାଏ। କୌଣସି ମାମଲା ଅଦାଲତରେ ଦୀର୍ଘଦିନରୁ ଫଇସଲା ଅପେକ୍ଷାରେ ଅଛି ତାହେଲେ ଉକ୍ତ ମାମଲାରେ ଉଭୟ ପକ୍ଷ ଅଦାଲତକୁ ଆସି ନିଜନିଜ ମାମଲାର ଆପୋଷ ସହମତି ଓ ବୁଝାମଣା ଜରିଆରେ ନିଜ ନିଜ ବିବାଦର ସମାଧାନ କରିନିଅନ୍ତୁ ଏବଂ ତୁରନ୍ତ ନିକଟସ୍ଥ ଅଦାଲତ କିମ୍ବା ଆଇନ ସେବା କାର୍ଯ୍ୟାଳୟଙ୍କ ସହ ଯୋଗା ଯୋଗ କରିବାକୁ ସଚିବ ପରାମର୍ଶ ଦେଇଛନ୍ତି ।

## ଛନ୍ଦମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱରରେ ନୃତ୍ୟର ୨୬ ବର୍ଷ ପୂର୍ତ୍ତି ପାଳନ ସହ ବାର୍ଷିକ କନସର୍ଟ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ୧୯୯୮ରେ କୋଲ୍‌କାତାରେ ଏହାର ଆରମ୍ଭ ପରଠାରୁ କଥକ ନୃତ୍ୟ ଶିକ୍ଷାର ଏକ ଆଶାର କିରଣ ଭାବେ, ଛନ୍ଦମ ଡ୍ୟାନ୍ସ ଏକାଡେମୀ ଚଳିତ ବର୍ଷ ଏହାର ୨୬ତମ ବାର୍ଷିକ ସଙ୍ଗୀତ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଶ୍ରୀରୂପା ଘୋଷ (ସମ୍ମାନିତ ଗୁରୁଜୀ ପ୍ରଫେସର ବ୍ରୋଜେନ ମୁଖାର୍ଜୀଙ୍କ ଶିଷ୍ୟା)ଙ୍କ ଦ୍ୱାରା ସ୍ଥାପିତ ଏହି ଏକାଡେମୀ ସମସ୍ତ ବୟସ ବର୍ଗରେ କଥକ ନୃତ୍ୟ ଶିକ୍ଷା, ଏହାର ବିକାଶ ଓ ପ୍ରଚାରପ୍ରସାର ପ୍ରତି ନିଜକୁ ଉତ୍ସର୍ଗୀକୃତ କରିଆସିଛି। ଏହି ଏକାଡେମୀର ଭୁବନେଶ୍ୱର ଶାଖାକୁ ୨୦୨୦ରେ ସ୍ଥାପନ କରାଯାଇଥିଲା ଯାହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଗଭୀର ସଂଯୋଗ ବିକଶିତ କରି ଏହି ପବିତ୍ର ଗୁରୁ-ଶିଷ୍ୟ ପରମ୍ପରାକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ 'ମେହଫିଲ' ବିଷୟବସ୍ତୁ ଥିବା ଏହି କନ୍‌ସର୍ଟରେ ୩୨ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ କଥକ ପାଇଁ ନିଜର ଦକ୍ଷତା ଓ ଆଗ୍ରହକୁ ପ୍ରଦର୍ଶିତ କରିବେ। ଏହି କାର୍ଯ୍ୟକ୍ରମରେ ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତ୍ରୀ ଶ୍ରୀମତି ପଲି ପଟ୍ଟନାୟକ ଏବଂ କୋଲ୍‌କାତାରୁ ଜଣେ ପ୍ରଖ୍ୟାକ ହୋମିଓପାଥି ଡାକ୍ତର ଡଃ ସମିତ ଘୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ସେମାନଙ୍କର ଉପସ୍ଥିତି ସମୁଦାୟ ମଧ୍ୟରେ ଏହି କାର୍ଯ୍ୟକ୍ରମର ସାଂସ୍କୃତିକ ମହତ୍ୱକୁ ହାଇଲାଇଟ କରିବ। ରବିନ୍ଦ୍ର ଭାରତୀ ୟୁନିଭର୍ସିଟିର କମଲେଶ ମିଶ୍ରଙ୍କ ଦ୍ୱାରା ବଜା ଯିବାକୁଥିବା ସାରଙ୍ଗିର ସୁମଧୁର ଶବ୍ଦ ସହ କଥକର ଲାଇଭ ପ୍ରଦର୍ଶନୀ ଏହି କନ୍‌ସର୍ଟର ଅନ୍ୟତମ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହେବ।

## ସମ୍ପାଦକୀୟ

# ଏକ ରାଷ୍ଟ୍ର ଏକ ନିର୍ବାଚନ, ରାଷ୍ଟ୍ରହିତ ପାଇଁ ହେଉ ପ୍ରଣୟନ

ପତଞ୍ଜଳି କର ଶର୍ମା

ଏକ ରାଷ୍ଟ୍ର ଏକ ସମ୍ବିଧାନ, ଏକ ରାଷ୍ଟ୍ର ଏକ ବିଧାନ, ଏକ ରାଷ୍ଟ୍ର ଏକ ପ୍ରଧାନ ଆଉ ଏକ ରାଷ୍ଟ୍ର ଏକ ନିର୍ବାଚନ । ଏପରି ରହିଲେ ରାଷ୍ଟ୍ରର ହେବ ନିଶ୍ଚିତ କଲ୍ୟାଣ । ଯାହା ଏବେ ଅଧିକାଂଶ ଭାରତବାସୀ ଅନୁଭବ କଲେଣି । ଆଉ ସେହି ଜନମତ ବଳରେ ଭାରତ ବର୍ଷର ଏବର ଲୋକପ୍ରିୟ ଭାଜପା ସରକାର ଏବଂ ଏହାର ପ୍ରଧାନ ସେବକ ତଥା ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିବ୍ର ଗତିରେ ଏନେଇ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି ।

ଗୋଟିଏ ଦେଶରେ ସବୁ ନାଗରିକଙ୍କ ପାଇଁ ଗୋଟିଏ ଆଇନ୍ ଲାଗୁ କରିବା ସକାଶେ ସମାନ ନାଗରିକ ସଂହିତା ବା ୟୁସିସି ଭାଜପା ସରକାର ଦେଶରେ ଲାଗୁ କରିବାର ବଳିଷ୍ଠ ପଦକ୍ଷେପ ନେଇଛନ୍ତି । ଏବେ ସମୟ ଆସିଛି ଦେଶକୁ ଧନ, ସମୟ ଓ ସରକାରୀ କଳ ତଥା ଲୋକବଳର ଅଯଥା ଅପଚୟ ବା ବ୍ୟବହାରକୁ ରକ୍ଷା କରି ସଂସଦୀୟ ନିର୍ବାଚନ ସହିତ ସବୁ ରାଜ୍ୟର ବିଧାନସଭା ନିର୍ବାଚନକୁ ସାଙ୍ଗରେ କରିବାକୁ ନିଷ୍ପତ୍ତି ନେଉଛନ୍ତି କେନ୍ଦ୍ରର ଭାଜପା ସରକାର । ତେବେ ଏଥିପାଇଁ ଦେଶର ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀଙ୍କ ସୁପରାମର୍ଶ ଲୋଡୁଛନ୍ତି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ । ତେବେ ଆସନ୍ତୁ ଜାଣିବା କ'ଣ ଏହି ଏକ ରାଷ୍ଟ୍ର ଏକ ନିର୍ବାଚନର ଐତିହାସିକ ପୃଷ୍ଠଭୂମି । ଏକାସାଙ୍ଗରେ ନିର୍ବାଚନ କରିବାର ଧାରଣା ଭାରତରେ ନୂଆ ନୁହେଁ । ସମ୍ବିଧାନ ପ୍ରଣୟନ ପରେ ୧୯୫୧-୫୨ ମସିହାରେ ଏକକାଳୀନ ଅନୁରୂପ ସମାନ ସମୟରେ ନିର୍ବାଚନ ହୋଇଥିଲା । ଏହି ପରମ୍ପରା ୧୯୫୭ ଏବଂ ୧୯୬୭ରେ ତିନିଟି ସାଧାରଣ ନିର୍ବାଚନ ପାଇଁ ଚାଲିଥିଲା । ପୂର୍ବ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଏକାସାଙ୍ଗରେ ନିର୍ବାଚନ କରିବା ପାଇଁ ଭାରତ ସରକାର ୨ ସେପ୍ଟେମ୍ବର ୨୦୨୩ ରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିଥିଲେ । ଏହାର ପ୍ରାଥମିକ ଲକ୍ଷ୍ୟ ଥିଲା କେତେ ଏହା ଉପଯୁକ୍ତ ଜାଣିବା ପାଇଁ । କମିଟି ଏହି ପ୍ରସ୍ତାବିତ ସଂସ୍କାର ଏବଂ ଏହାର ଚ୍ୟାଲେଞ୍ଜଗୁଡିକ ସମ୍ବନ୍ଧୀୟ ସମ୍ଭାବ୍ୟ ଲାଭ ଏବଂ ଏହାର ବିପରୀତ ଦିଗ ଉପରେ ବିଚାର ବିମର୍ଶ କରାଯାଇଥିଲା । ଏଥିପାଇଁ ସାଧାରଣ ଜନମତ ଓ ବିଭିନ୍ନ ରାଜନୈତିକ ମତାମତ ନିଆଯାଇଥିଲା । ଜନସାଧାରଣ ଜନମତରେ କମିଟି ୨୧,୫୦୦ ରୁ ଅଧିକ ପ୍ରତିକ୍ରିୟା ପାଇଥିଲା, ଯାହା ମଧ୍ୟରୁ ୮୦% ଏକକାଳୀନ ନିର୍ବାଚନ ଆୟୋଜନର ସପକ୍ଷରେ ଥିଲେ । ଦେଶର ସମସ୍ତ କୋଣରୁ ଏହି ଜନମତ ଆସିଥିଲା । ଲାକ୍ଷାଦ୍ୱୀପ, ଆଣ୍ଡାମାନ ନିକୋବାର, ନାଗାଲ୍ୟାଣ୍ଡ, ଦାଦ୍ରା, ନଗର ହାବେଲୀ ଜନତାଙ୍କ ମତଥିଲା । ସବୁଠାରୁ ଅଧିକ ଜନମତ ଆସିଥିଲା ତମିଲନାଡୁ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଗୁଜରାଟ ଓ ଉତ୍ତର ପ୍ରଦେଶରୁ । ବିଭିନ୍ନ ରାଜନୈତିକ ଦଳଗୁଡିକର ପ୍ରତିକ୍ରିୟା ମଧ୍ୟ ଏଥିପାଇଁ ଆସିଥିଲା । ୪୭ଟି ରାଜନୈତିକ ଦଳ ଏ ବିଷୟ ଉପରେ ସେମାନଙ୍କର ମତାମତ ଉପସ୍ଥାପନ କଲେ । ଏଥିରୁ ୩୨ଟି ଦଳ ଏକା ସାଙ୍ଗରେ ନିର୍ବାଚନ ସପକ୍ଷରେ ଯୁକ୍ତି ବାଢିଥିବା ବେଳେ ୧୫ଟି ଦଳ ଏହା ଦ୍ୱାରା କିଛିଟା ଗଣତାନ୍ତ୍ରିକ ବାଧାବିଘ୍ନ ସୃଷ୍ଟି ହୋଇପାରେ ବୋଲି ମତ ଦେଇଥିଲେ ।

ବିଭିନ୍ନ ବିଶେଷଜ୍ଞ ପରାମର୍ଶ ବି ଏନେଇ ଆସିଥିଲା । ଏଥିରେ କମିଟି ପୂର୍ବ ନ୍ୟାୟାଧୀଶ, ପୂର୍ବ ନିର୍ବାଚନ କମିଶନର ଏବଂ ଆଇନ ବିଶେଷଜ୍ଞମାନଙ୍କ ପରାମର୍ଶ ନେଇଥିଲେ । ଏମାନେ ଏକରୁ ଅଧିକ ବା ବାରମ୍ବାର ନିର୍ବାଚନ ହେଲେ ସମ୍ବଳର ଅପଚୟ ଏବଂ ଆର୍ଥିକ ଅପଚୟ ହେଉଛି ବୋଲି କହିଥିଲେ । ଭାରତର ନିର୍ବାଚନ ପ୍ରକ୍ରିୟାରେ କୋବିନ୍ଦ କମିଟି ଏ ସଂକ୍ରାନ୍ତରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଆରମ୍ଭ କରିଥିଲା । ତାକୁ କାର୍ଯ୍ୟାନ୍ୱୟନ କରିବାର ସମୟ ଆସିଛି । ଏନେଇ ସବୁ ଚ୍ୟାଲେଞ୍ଜଗୁଡିକ ଅପସାରଣ କରି ମୋଦି ସରକାର ଏକା ସାଙ୍ଗରେ ପାର୍ଲିଆମେଣ୍ଟ ସହ ସବୁ ରାଜ୍ୟର ବିଧାନସଭା ନିର୍ବାଚନ କରିବା ପାଇଁ ଅଣ୍ଟା ଭିଡିଛନ୍ତି । ଏହାକୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ସମ୍ପ୍ରତି ଅଧିକରୁ ଅଧିକ ଜନମତ ତଥା ଜନପରାମର୍ଶ ଲୋଡୁଛନ୍ତି । ଯାହା ଗଣତନ୍ତ୍ର ପାଇଁ ଏକ ଶୁଭଙ୍କର ବିଷୟ ନିଶ୍ଚିତ ।

patanjalikarsharmagmail.com

# ଚିନ୍ତାମଣି ପାଣିଗ୍ରାହୀ

ଡକ୍ଟର ତପନ କୁମାର ପାଳ

ଚିନ୍ତାମଣି ପାଣିଗ୍ରାହୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଜଣେ ସକ୍ରିୟ କର୍ମୀ, ରାଜନୈତିକ ଓ ସାମାଜିକ ନେତା ଥିଲେ । ସେ ୧୯୮୯ରୁ ୧୯୯୩ ପର୍ଯ୍ୟନ୍ତ ମଣିପୁରର ରାଜ୍ୟପାଳ ଭାବେ କାମ କରୁଥିଲେ । ରାଜ୍ୟ ଓ ଲୋକଙ୍କ ଉନ୍ନତି ନିମନ୍ତେ ସେ କରିଥିବା କାମ କାରଣରୁ ମଣିପୁରବାସୀ ତାଙ୍କ ଲୋକଙ୍କ ରାଜ୍ୟପାଳ କହୁଥିଲେ । ସେ ଭାରତର ଓଡ଼ିଶା ପ୍ରଦେଶରେ ଥିବା ବିଶ୍ୱନାଥପୁର ଗ୍ରାମରେ ୧୯୨୨ ମସିହା ମାର୍ଚ୍ଚ ୨୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ୧୯୩୮ ମସିହାରେ ଭେଭେନ୍ସା କଲିଜିଏଟ ସ୍କୁଲର ଅଧକ୍ଷ ଶ୍ରୀସୁକାନ୍ତ ରାଓଙ୍କ ଅଧକ୍ଷତାରେ ଗଠିତ ହୋଇଥିବା ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀର ଚନ୍ତାମଣୀ ଜଣେ ସକ୍ରିୟ ସଭ୍ୟ ଥିଲେ । ଓଡ଼ିଶା ପ୍ରଦେଶର ପୁର୍ନଗଠନ ବେଳେ ସଂଯୁକ୍ତ ନ ହୋଇପାରିଥିବା ଅଞ୍ଚଳମାନଙ୍କରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ଏହାର ଲକ୍ଷ୍ୟ ଥିଲା । ସେ ବିଭିନ୍ନ ଅଞ୍ଚଳ ବୁଲି ଓଡ଼ିଆରେ ଲୋକଙ୍କ ସହିତ କଥାବାର୍ତ୍ତା କରି ଜାତୀୟ ଏକତା ବଜାୟ ରଖିବାକୁ ପ୍ରବର୍ତ୍ତାଉ ଥିଲେ । ସେ ଏକାଧାରରେ ଜଣେ ସାମ୍ବାଦିକ, ଲେଖକ ଓ ଶ୍ରମିକ ନେତା ଥିଲେ । ସେ ଲୋକସଭାକୁ ୧୯୭୫ ମସିହାରେ ପୁରୀ ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ପାର୍ଟି ତରଫରୁ ନିର୍ବାଚିତ ହୋଇଥିଲେ । ପରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୬୭, ୧୯୭୧, ୧୯୮୪ ମସିହାରେ ସେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ପୁନଃ ନିର୍ବାଚିତ ହୋଇଥିଲେ । ଘରୋଇ ବିଭାଗର ରାଜସ୍ୱମନ୍ତ୍ରୀ, ପ୍ରତିରକ୍ଷା ବିଭାଗର ରାଜସ୍ୱ ମନ୍ତ୍ରୀ ଓ ମଣିପୁରର ରାଜ୍ୟପାଳ ଭାବେ ସେ କାମ କରିଛନ୍ତି । ୨୦୦୦ ମସିହା ଅପ୍ରେଲ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା ।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ । ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ପହଲଗାମ୍ ପାଇଁ ପହଲ

ସୌମେନ୍ଦ୍ର ଜେନା

କାଶ୍ମିରର ପହଲଗାମଠାରେ ଯେଉଁ ପର୍ଯ୍ୟଟକମାନଙ୍କ ଉପରେ ସନ୍ତ୍ରାସବାଦୀଙ୍କ ଆକ୍ରମଣ ହେଲା ତାହା ସମସ୍ତଙ୍କୁ ଜଣାଅଛି । ଏହି ଘଟଣା ପାଇଁ କାରଣ, ବାରଣ ଏବଂ ନିବାରଣ ପାଇଁ କଣ କରାଯାଇପାରେ ସେ ନେଇ ଅନେକ ଆଲୋଚନା ଜାରିଅଛି । କିନ୍ତୁ ସନ୍ତ୍ରାସବାଦଠାରୁ ପାକିସ୍ଥାନ ଏହାପରେ ଯେ ଦୂରେଇ ରହିବ ତାହା ନୁହେଁ । ଯେଉଁ କାରଣରୁ ପାକ୍ ପ୍ରତିରକ୍ଷାମନ୍ତ୍ରୀ ସାକ୍ଷାତକାରରେ ସ୍ପଷ୍ଟ କହିଛନ୍ତି ଯେ ପାଶ୍ଚାତ୍ୟ ରାଷ୍ଟ୍ର ଓ ଆମେରିକାର ସ୍ୱାର୍ଥ ପାଇଁ ଗତ ତିନିଦଶନ୍ଧି ଧରି ପାକିସ୍ଥାନ ସନ୍ତ୍ରାସବାଦୀଙ୍କୁ ସମର୍ଥନ କରିଆସୁଛି । କେବଳ ସମର୍ଥନ କରୁଛି ବୋଲି କହିଲେ ଭୁଲ ହେବ ବରଂ ବିଶ୍ୱପାଇଁ ସନ୍ତ୍ରାସବାଦୀ କାରଖାନା ଖୋଲିଛି ଯାହା ଆଗାମୀ ଦିନମାନଙ୍କରେ ମଧ୍ୟ ଜାରି ରହିବ । ଏହାର କାରଣ ହେଲା ଯେ ବିଶ୍ୱର ବହୁତ ବଡ ଗୋଷ୍ଠୀର ଲୋକେ ଏମିତି ହିଂସା, ରକ୍ତପାତ, ସନ୍ତ୍ରାସବାଦ ପଛରେ କେବଳ ଛିଡା ହୋଇ ନାହାନ୍ତି ବରଂ ସହଯୋଗ କରିଆସୁଛନ୍ତି । ସେଥିପାଇଁ ପହଲଗାମ୍ ସମସ୍ୟା ପାଇଁ ଭାରତ ଅନେକ କିଛି ଭାବିଚିନ୍ତି ପଦକ୍ଷେପ ନେବା ଆବଶ୍ୟକ ।

ପହଲଗାମ୍ ଆକ୍ରମଣ ପରେ ପୃଥିବୀର ଅନେକ ବଡ ବଡ ଗଣମାଧ୍ୟମ ବିବିସି ଦି ଗାର୍ଡିୟନ, ଅଲ-ଜଜିରା, ଆସୋସିଏଟ୍ ପ୍ରେସ୍ (ଏପି) ପରି ସଂସ୍ଥା ସବୁ ଖୋଲକରି ସନ୍ତ୍ରାସବାଦୀଙ୍କ ପ୍ରତି ନରମ ହୋଇଛନ୍ତି । ଏହି ସବୁ ସଂସ୍ଥା ସନ୍ତ୍ରାସବାଦୀଙ୍କୁ ବନ୍ଧୁକଧାରୀ, ସଂଗ୍ରାମରତ, ବିଦ୍ରୋହୀ ପରି ଶବ୍ଦ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହିସବୁ ସଂସ୍ଥାର ବିଚାରରେ ସେମାନେ କେହି ସନ୍ତ୍ରାସବାଦୀ ନୁହନ୍ତି । କେହି କେହି କାଶ୍ମୀରକୁ ଉଲ୍ଲେଖ କରିବାକୁ ଯାଇ ଭାରତ ଅଧିକୃତ କାଶ୍ମୀର, ଭାରତ ନିୟନ୍ତ୍ରିତ କାଶ୍ମୀର, ଭାରତ ପ୍ରଶାସନିକ କ୍ଷେତ୍ରରେ ଥିବା କାଶ୍ମିର ବୋଲି ଲେଖିଛନ୍ତି । ଆଗାମୀ ଦିନରେ ଏସବୁ ମିଡିଆ ସେସବୁ ଦେଶର ଲୋକଙ୍କ ନିକଟରେ ଘଟଣାର ପ୍ରକୃତ ଛବି ଯେ ପ୍ରଦର୍ଶନ କରିବ, ତାହା ମିଛକଥା । ଭାରତର ନାମଶୁଣି ଗାତ୍ରଦାହ ହେଉଥିବା ଏସବୁ ମିଡିଆ ପାଇଁ ଭାରତରେ ଅନ୍ତତଃ ପକ୍ଷେ କିଛି ପଦକ୍ଷେପ ଗ୍ରହଣ କରାଯିବା ଦରକାର । ତାହା ସରକାରୀ ସ୍ତରରେ ସମ୍ଭବ ହେଲେ ଭଲ ନଚେତ୍ ବେସରକାରୀ ସ୍ତରରେ ମଧ୍ୟ ଅନେକ କିଛି କରାଯାଇପାରେ । ଦେଶପ୍ରେମୀ ଲୋକେ ଅଧିକ ଚିନ୍ତା କରି ପାରିବେ । ଅଧିକ ସଚେତନ ହୋଇଥିବା ହେତୁ ସେମାନେ ଅନେକ ଦୂର ପର୍ଯ୍ୟନ୍ତ ଚିନ୍ତା କରିପାରିବେ । ଏହାଛଡା ଦେଶ ଭିତରେ ବହୁସଂଖ୍ୟକ ଅବିଜାର ସନ୍ତାନ ମଧ୍ୟ ରହିଛନ୍ତି , ସେମାନେ ଛଦ୍ମବେଶରେ ରହି ଦେଶର ଲୋକଙ୍କ ମାନସିକତାକୁ ଆଘାତ କରିବାରେ ଲାଗିପଡିଛନ୍ତି, ବ୍ୟକ୍ତି ସ୍ୱାଧୀନତା ଆଳରେ ଦେଶର ସମ୍ମାନକୁ କ୍ଷତି କରିବାକୁ ଯାଇ ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଫେସ୍‌ବୁକ,ଏକ୍ସ ଆଦିରେ ମନ୍ତବ୍ୟମାନ ଆଗପଛ ବିଚାର ନକରି ପକାଇବାରେ ଲାଗିଛନ୍ତି । କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟ ଭିତରେ ପାକ୍‌ଲୋକଙ୍କୁ ଭାରତରୁ ବାହାର କରିବାକୁ ସିନା ଘୋଷଣା କରିଦେଲେ, କିନ୍ତୁ ଦେଶ ଭିତରେ ଥିବା ମୀରଜାଫର, ଚରଣ ପଟ୍ଟନାୟକ ଗୋଷ୍ଠୀର ଲୋକଙ୍କ ପାଇଁ ଏପର୍ଯ୍ୟନ୍ତ କିଛି ଘୋଷଣା କରିନାହାନ୍ତି, ଯାହା ତୁରନ୍ତ ହେବା ଦରକାର । ସେମିତି କାଶ୍ମିରରେ କେତେ ଶିଘ୍ର ନିର୍ବାଚନ ହେବ, ସରକାର ଗଢାଯିବ ବୋଲି ପ୍ରଶ୍ନ କରି ଯେଉଁ ମହାନ ବିଚାରକମାନେ ମାର୍ଗଦର୍ଶନ କରିଆସିଥିଲେ ଏବେ ସେମାନଙ୍କୁ ପ୍ରଶ୍ନ କରାଯାଉ ଯେ ଆବଶ୍ୟକ ସମୟ ପୂର୍ବରୁ ନିର୍ବାଚନ କରି ସେଠାରୁ ସୁରକ୍ଷାକର୍ମୀ ହ୍ରାସ କରିବା ଦ୍ୱାରା ଯେଉଁ କ୍ଷତିହେଲା ସେଥିପାଇଁ କଣ ସେମାନେ ଦାୟୀ ନୁହନ୍ତି । ଅସମ-ବିଧାନ ଭରି ଭରି ଯେଉଁମାନେ ସମ୍ବିଧାନର ପ୍ରଶଂସାରେ ଥକିପଡୁନାହାନ୍ତି ସେମାନଙ୍କୁ ପ୍ରଶ୍ନ କରାଯାଉ ଯେ ଏମିତି ଦ୍ୱନ୍ଦ୍ୱରେ କେତେ ଯୁଗ ଚାଲିଥିବ । ବ୍ରିଟିସମାନେ ଦେଶଛାଡି ଯାଇଛନ୍ତି ସତ, ହେଲେ ସେମାନଙ୍କୁ ପ୍ରଶଂସା କରିବା ଲୋକେ ବିଗତ ଦିନରେ ଯେମିତି ଥିଲେ ଆଜି ମଧ୍ୟ କିଛି କମ୍ ନାହାନ୍ତି । ସେମାନଙ୍କ ବ୍ୟବହାର, ପ୍ରଶଂସାରେ ଶତମୁଖ ହୋଇ ଆତ୍ମତୃପ୍ତି ଲାଭ କରୁଥିବା ଲୋକ ମଧ୍ୟ କିଛି କମ୍‌ନାହାନ୍ତି । ସମାଜର ଅମେରୁଦଣ୍ଡୀ ଏହିସବୁ ଲୋକେ ଦେଶପାଇଁ ପ୍ରକୃତରେ କଳଙ୍କଛଡା ଅନ୍ୟ କିଛି ନୁହଁନ୍ତି । ଏବେବି ଏହି ଲୋକ ସବୁଦିନ ପ୍ରତିଟି ମୁହୂର୍ତ୍ତରେ ଗ୍ରାମ, ବସ୍ତି, ଗଳି-କନ୍ଦି, ସହଜ-ବଜାରରେ ଦେଶର କ୍ଷତି ପହଞ୍ଚାଇବାରେ ବ୍ୟସ୍ତ । ବର୍ତ୍ତମାନର ସନ୍ଧିକ୍ଷଣରେ ସଚେତନ ଲୋକେ ଏମାନଙ୍କୁ ସବୁ ଖୋଜି ବାହାର କରିବା ସହ ଆବଶ୍ୟକ ଔଷଧ ମଧ୍ୟ ଦେବା ଦରକାର ।

ସମାଜର ସୁରକ୍ଷା ଚାହୁଁଥିବା ଲୋକେ, ପହଲଗାମ ପାଇଁ ପହଲ (ପଦକ୍ଷେପ) ନେବାକୁ ଚାହୁଁଥିବା ଲୋକେ ଏବେ ଅଧିକ କଥା ନକହି ସମାଜ ଭିତରେ ସତର୍କ, ସଚେତନ ଏବଂ ସୁରକ୍ଷାକର୍ମୀ ପରି କାର୍ଯ୍ୟକରନ୍ତୁ । ପାଖପଡିଶାରେ ଯଦି କେହି ଦେଶ ଓ ସମାଜ ବିରୋଧୀ କଥା କିମ୍ବା କାର୍ଯ୍ୟରେ ସାମିଲ ଅଛି ବୋଲି ସନ୍ଦେହ କରୁଛନ୍ତି ତେବେ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ । ଦେଶ ବିରୋଧୀମାନଙ୍କୁ ଧରିବାରେ ସହାୟକ ହୁଅନ୍ତୁ । କାରଣ ଅତୀତରେ ଏମିତି କେତେକ ଅହଂମଣ୍ୟ, କ୍ଷମତାଲିପ୍‌ସୁ, ତଥାକଥିତ ସ୍ୱାର୍ଥପର ଲୋକମାନଙ୍କ ପାଇଁ ଦେଶର ବିଭାଜନ ହେଲା, ବିନାରକ୍ତପାତରେ ସ୍ୱାଧୀନତା ଲାଭ ହେବ ବୋଲି କହୁଥିବା ଲୋକଙ୍କ ଆଗରେ ୪୦ଲକ୍ଷ ଲୋକ ବଳି ପଡିଲେ । ଅଥଚ ଏମାନେ ସ୍ୱାଧୀନତା ପୂର୍ବରୁ ପାକିସ୍ଥାନକୁ ଯେମିତି ସହଯୋଗ କରିଥିଲେ, ସ୍ୱାଧୀନତା ପରେ ମଧ୍ୟ ସେମିତି ଶ୍ରଦ୍ଧା, ସହାନୁଭୂତି ଏବଂ ସହଯୋଗ ପ୍ରଦାନ କରିକରି ଦେଶକୁ ଦୁର୍ବଳ କରିଦେଲେ । ଏହି ଲୋକେ ବାହାରେ ବ୍ରିଟିସ୍ ଲୋକଙ୍କ ବିରୋଧରେ କହୁଥିଲେ କିନ୍ତୁ ସନ୍ଧ୍ୟାରେ ତାଙ୍କ କ୍ଲବକୁ ଯାଉଥିଲେ, ତାଙ୍କ ସହ ମଦ-ସିଗାରେଟ୍ ଖାଉଥିଲେ । ଏପରିକି ଭାରତକୁ ଦୁର୍ବଳ କରିବାକୁ ସେମାନଙ୍କ ସହ ସାଲିସ ମଧ୍ୟ କରୁଥିଲେ । ଠିକ୍ ସେହି ମାନସିକତାର ଲୋକେ ଏବେ ସମାଜର ଭିନ୍ନ ଭିନ୍ନ ସ୍ତରରେ ସକ୍ରିୟ ଥିବା ଦେଖାଯାଉଛି । ଏମାନେ ଗୃହଶତ୍ରୁ ଗୋଷ୍ଠୀର ଲୋକ, ପଛପଟୁ ଛୁରୀ ମାରି ଦେବା ଏମାନଙ୍କର ଲକ୍ଷ୍ୟ । ଏହି ଗୋଷ୍ଠୀ ପ୍ରତି ସଚେତନ ରହିବା ନିହାତି ଜରୁରୀ । ଲୋକଙ୍କ ଧନଜୀବନ ହାନିସତ୍ତ୍ୱେ ଯେଉଁମାନେ ବ୍ୟବସାୟ, ବାଣିଜ୍ୟ, ଆପଣାର ସ୍ୱାର୍ଥପାଇଁ ଅଧିକ ଚିନ୍ତିତ ସେମାନଙ୍କୁ ଚିହ୍ନଟ କରାଯାଉ । ଲୋକେ ସେମାନଙ୍କ ବ୍ୟବସାୟକୁ ବହିଷ୍କାର କରନ୍ତୁ । ସେମାନଙ୍କ ବାଣିଜ୍ୟଠାରୁ ମଧ୍ୟ ଦୂରେଇ ରହନ୍ତୁ । କାରଣ ଯୁଦ୍ଧ ପ୍ରାୟ ସ୍ଥିତିରେ ଦେଶର ସୀମାଗୁଡିକୁ ରକ୍ଷାକରିବା ଯେପରି ସେନା ବାହିନୀର କାର୍ଯ୍ୟ ଠିକ୍ ସେମିତି ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ମଜଭୁତ କରିବା ହେଉଛି ସଚେତନ ଜନତାଙ୍କ କାର୍ଯ୍ୟ । ଏକଥା ମନେରଖିବା ଠିକ୍ ହେବ ଯେ ସ୍ୱାଧୀନତା ପୂର୍ବରୁ ଦେଶରେ ଯେଉଁ ନିର୍ବାଚନ ହୋଇଥିଲା ସେତେବେଳେ ମଧ୍ୟ ଓଡିଶାରେ ପାକ୍ ପ୍ରତି ସମର୍ଥନ ରହିଥିବା ଜଣାପଡିଥିଲା । ଆଜି ରାଜ୍ୟରେ ପାକ୍ ସମର୍ଥକ ରାଜନୈତିକ ଦଳ ଓଡିଶାରେ ନଥିଲେ ମଧ୍ୟ ସନ୍ତ୍ରାସବାଦ, ବିଭାଜନ ଏବଂ ପାକ୍‌ର ସମର୍ଥନରେ ଥିବା ଲୋକେ ଯେ ନାହାନ୍ତି ତାହା ନୁହେଁ, କାର୍ଯ୍ୟସିଦ୍ଧି ପାଇଁ ତଳେ ପଡିଥିବା ଛେପକୁ ମଧ୍ୟ ଚାଟିବା ପରି ଲୋକେ ରହିଛନ୍ତି । ସୁଲତା ଦେଓ ଏହାର ପ୍ରମାଣ ପହଲଗାମ୍ ପରବର୍ତ୍ତୀ ସମୟରେ ଭାରତକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିପାଇଁ ସମାଜର ଲକ୍ଷ୍ୟ ବଡ ପ୍ରଶ୍ନ ହେବା ଆବଶ୍ୟକ ।

କେନ୍ଦ୍ର ସରକାର ଦେଶ ବାହାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିନ୍ତା କରୁଥିବାବେଳେ ସନ୍ତ୍ରାସବାଦୀଙ୍କ ଉଚ୍ଚ ପ୍ରଶଂସା କରୁଥିବା ଝାଡଖଣ୍ଡର ମୌଲାନା ହେଉ କିମ୍ବା ଆସାମର ଟୋପିବାଜ୍ ବିଧାୟକ, ଏମାନଙ୍କୁ ପ୍ରଥମେ ସାବାଡ କରାଯିବା ଆବଶ୍ୟକ । ସେମିତି ମୁର୍ଶିଦାବାଦର ହିନ୍ଦୁ ହତ୍ୟାକାରୀଙ୍କୁ ପଶ୍ଚିମ ଓଡିଶାରେ ସୁରକ୍ଷା ଦେବାପରି ଲୋକେ ମଧ୍ୟ ରହିଛନ୍ତି । ଏହା ଯେ ପ୍ରଥମଥର ପାଇଁ ହୋଇଛି ତା'ନୁହେଁ । ଅତୀତରେ ସିମୀର ଏକାଧିକ ସନ୍ତ୍ରାସବାଦୀ ଏକାଧିକ ମାସ ଧରି ଓଡିଶାରେ ରହିଥିଲେ । ସେମାନଙ୍କ ପ୍ରତି ମଧ୍ୟ ସତର୍କ ଦୃଷ୍ଟି ରହିବା ଆବଶ୍ୟକ । କାରଣ ପାକ୍ ସନ୍ତ୍ରାସବାଦୀଙ୍କୁ ନିମନ୍ତ୍ରଣ କରି ଆଣି ପହଲଗାମରେ ଗଣହତ୍ୟା ରଚିଥିବା ସନ୍ତ୍ରାସବାଦୀଙ୍କ ଘରଲୋକେ ଏବେ ବି ସୁରକ୍ଷିତ ରହିଛନ୍ତି । ସେମାନଙ୍କର କିଛି ଶାରୀରିକ କ୍ଷୟକ୍ଷତି ହୋଇପାରିନାହିଁ ଏହା ହିଁ ବଡ ଆଶ୍ଚର୍ଯ୍ୟର କଥା । କେବଳ ନିନ୍ଦା ପ୍ରସ୍ତାବ, ବତୀଧରା ଶୋଭାଯାତ୍ରାରେ ଏହି ସମସ୍ୟାର ସମାଧାନ ହେବନାହିଁ । ବିଗତ ଦିନରେ ଶୈଳଶ୍ରୀ ବିହାର ଅଞ୍ଚଳରେ ବଙ୍ଗଳାଦେଶୀ ଲୋକଙ୍କ ଦ୍ୱାରା ସଂଗଠିତ ଆକ୍ରମଣ, ଖାରବେଳ ନଗର ଅନ୍ତର୍ଗତ ମାଳିସାହିରେ ଗଣେଶ/ ସରସ୍ୱତୀ ପୂଜାରେ ଆକ୍ରମଣ ଏବଂ ମୂର୍ତ୍ତି ଭଙ୍ଗାଯିବା ପରି ଘଟଣାମାନ ଘଟିଛି । ଦେଶଦ୍ରୋହର ଏହିସବୁ ଘଟଣାଗୁଡିକ ଆଗଧାଡିର ଗଣମାଧ୍ୟମରେ ସ୍ଥାନ ପାଇପାରୁନାହିଁ, ଯାହାଖାଲି ସୋସିଆଲ ମିଡିଆର ଛୋଟବର୍ଗ ଭିତରେ ଲୁଚିଯାଉଛି । କାଶ୍ମିର, ପଶ୍ଚିମବଙ୍ଗ, ଆସାମପରି ଓଡିଶାରେ ମଧ୍ୟ ବିଦେଶୀଙ୍କୁ ସ୍ୱଦେଶୀ କରିବାକୁ ସବୁ ରାଜନୈତିକ ଦଳର ନିର୍ବାଚନ ଲଢୁଥିବା ନେତାମାନେ ଲାଗିପଡିଛନ୍ତି,ଏମାନଙ୍କର ଚିହ୍ନଟ ହେବା ଦରକାର । ପହଲଗାମର ପହଲ କେବଳ ସୀମିତ କ୍ଷେତ୍ରରେ ହେଲେ ହେବନାହିଁ, ବ୍ୟାପକ କ୍ଷେତ୍ରକୁ ପ୍ରସାରିତ ହେବା ଆବଶ୍ୟକ । ଗାଜାକୁ ଭଲପାଉଥିବା ଲୋକେ ଭାରତକୁ ଭଲପାଇବେ ନାହିଁ । ଭାରତର ନୀତିକୁ ଗ୍ରହଣ କରିବେ ନାହିଁ । ଗାଜାର ସମର୍ଥନରେ ହାମାସର ସମର୍ଥନରେ କାଶ୍ମିରରେ ଯେଉଁ ଗଣ ସମାବେଶ ହୋଇଥିଲା ତାହା ଜଣାଅଛି । ଗତ କିଛିଦିନ ପୂର୍ବେ ହାମାସ ଲୋକ ପାକ୍ ଅଧିକୃତ କାଶ୍ମିରକୁ ଆସି ଇସ୍ରାଏଲର ପର୍ଯ୍ୟଟକଙ୍କ ଉପରେ ଯେପରି ଆକ୍ରମଣ ହୋଇଥିଲା, ସେହିପରି ଆକ୍ରମଣ ଭାରତ ଉପରେ କରିବାକୁ କହିବା ପରେ ପହଲଗାମ ଆକ୍ରମଣ ହୋଇଛି । ଏସବୁ ଆମେ ଅତୀତ ଦିନମାନଙ୍କରେ ଦେଖି ଆସିଲୁ । ସମ୍ବଲଠାରୁ ମୁର୍ଶିଦାବାଦ ଆମ ସମ୍ମୁଖରେ ଉଦାହରଣ । ମୋଦୀ ଯେତେ ବିକାଶ କରନ୍ତୁ, ଯେତେ ଜିଡିପି ବଢାଇବା କଥା କହୁଥାନ୍ତୁ, ପାକ୍‌ପ୍ରେମୀ ପିଡିପି ଏଠି ଅଛି ସେସବୁକୁ ଧ୍ୱଂସ କରିବା ପାଇଁ, ସନ୍ତ୍ରାସୀଙ୍କୁ ସଂଗ୍ରାମୀଭାବେ ଛିଡା କରିବାଲାଗି । ବିଶ୍ୱ ସହ ସଂପର୍କ ଯୋଡୁଥିବା ଭାରତର ପ୍ରଧାନମନ୍ତ୍ରୀ ଜାଣିବା ଆବଶ୍ୟକ ଯେ ଦେଶକୁ ନିଃସ୍ୱ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀମାନେ ସକ୍ରିୟ ରହିଛନ୍ତି । ତେଣୁ ସରକାରଙ୍କୁ ଅଧିକ କଠୋର ହେବାକୁ ପଡିବ । ଦେଶକୁ ଦୁର୍ବଳ କରୁଥିବା ସୁପ୍ରିମକୋର୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାଗୁଡିକ ଉପରେ ଲଗାମ ଲଗାଇବାକୁ ହେବ । ସନ୍ତ୍ରାସୀଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ବ୍ୟକ୍ତି, ସଂଗଠନଗୁଡିକ ଉପରେ କଟକଣା ଜାରି କରିବାକୁ ହେବ । ପହଲଗାମ ପାଇଁ ଏସବୁ ଗୋଟିଏ ଗୋଟିଏ ପହଲ ହେବ । ଦେଶରକ୍ଷା ପାଇଁ ଏସବୁ ପଦକ୍ଷେପ କଠୋର ହେଲେ ମଧ୍ୟ ଗ୍ରହଣୀୟ, ସ୍ୱାଗତ ଯୋଗ୍ୟ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଚୌଧୁରୀ

ହିମାଂଶୁ ଶେଖର ଆଚାର୍ଯ୍ୟ

ବ୍ୟକ୍ତି ସମକାଳର । ବ୍ୟକ୍ତିତ୍ୱ ଚିରକାଳର । ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡେ ସମାଜରୁ ରାଷ୍ଟ୍ରକୁ । ଏହିପରି ଜଣେ ବ୍ୟକ୍ତି ଥିଲେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଜଗତସିଂହପୁର 'ଚୌଧୁରୀ ପରିବାରର' ବଡପୁଅ ଗୋପବନ୍ଧୁ ଚୌଧୁରୀ । ଏକାଧାରରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନଚେତା ମଣିଷ, ଧୂଳିମାଟିର ସନ୍ଥ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ବନ୍ଧୁ ଓ ସର୍ବୋପରି ଗାନ୍ଧିବାଦୀ ନେତା । ଏହିପରିବାର ଦେଶକୁ ସ୍ୱାଧୀନ କରିବା ଲାଗି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ ।

ଏହି ମହାନ୍ ଜନନାୟକ ୧୮୯୫ ମସିହା ମେ' ୮ତାରିଖ କଟକ ସହରର ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ଜଗତସିଂହପୁରର ଖେରସ ଗ୍ରାମରେ । ବାଲ୍ୟକାଳରୁ ବାପା ଗୋକୁଳାନନ୍ଦ ଚୌଧୁରୀ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜୀବନାଦର୍ଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାୱା । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପରିବାରରୁ ନିଜର ସହଧର୍ମିଣୀ ରମାଦେବୀ, ସାନଭାଇ ନବକୃଷ୍ଣ ଚୌଧୁରୀ, ଭାଇବୋହୂ ମାଳତୀ ଚୌଧୁରୀ,ପୁଅ ମନମୋହନ ଚୌଧୁରୀ,ଝିଅ ଅନ୍ନପୂର୍ଣ୍ଣା ମହାରଣା ଓ ପରେ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ଏହି ମୁକ୍ତି ସଂଗ୍ରାମରେ ସାମିଲ ହୋଇ ଇତିହାସ ରଚିଥିଲେ । ବିଶେଷକରି ତ୍ୟାଗ ଓ ସେବା କ୍ଷେତ୍ରରେ ସେ ଯେଉଁ ଉଚ୍ଚ ପରମ୍ପରା ସୃଷ୍ଟି କରିଯାଇଛନ୍ତି, ତାହା ଏବେବି ଅନତିକ୍ରମ୍ୟ ହୋଇ ରହିଅଛି । ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର । ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ । ପରେ କଲିକତାରେ ଆଇନ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଆଇନ ପାଠ ଅସମାପ୍ତ ରଖି କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ । ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା । ଓଡ଼ିଆ ମାନଙ୍କ ପ୍ରତି ଇଂରେଜ ମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା । ୧୯୨୦ ମସିହାରେ ଯେତେବେଳେ ଯାଜପୁର ଅଞ୍ଚଳରେ ଭୀଷଣ ନଈବଢ଼ି ସମୟରେ ବନ୍ୟା ବିଧ୍ୱସ୍ତ ଗ୍ରାମ ମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଆଗ୍ରାହ୍ୟ କରିଦେବାରୁ ବାଧ୍ୟ ହୋଇ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ । ଇସ୍ତଫାପତ୍ର ରେ ମୋଟେ ଗୋଟେ ଧାଡି ଲେଖାଥିଲା- "ଚାକିରିରେ ମଣିଷର ବିକାଶର ସ୍ଥାନ ନାହିଁ" । ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ "ଭାରତୀ ମନ୍ଦିର" ନାମକ ଏକ ଲାଇବ୍ରେରୀ ଓ ଆଲୋଚନା ଚକ୍ର ପ୍ରତିଷ୍ଠା କରିଥିଲେ । ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ର ମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସଂପର୍କରେ ଜାଣିପାରୁଥିଲେ ।



୧୯୨୧ ମସିହାର କଥା, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା । ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ । ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠଛାଡିଦେଇ ସ୍ୱାଧିନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା । ସେଥିମଧ୍ୟରୁ 'ଅଳକାଶ୍ରମ' ଥିଲା ଅନ୍ୟତମ । ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭ ଉଦ୍‌ଘାଟିତ ହୋଇଥିଲା । ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ- ସ୍ୱାଧୀନତା ସଂଗ୍ରାମର ତୀର୍ଥଭୂମି । ଏଥିପାଇଁ ଜମି ଦାନ କରିଥିଲେ ଚଟ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ । ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ । ମହାତ୍ମା ଗାନ୍ଧିଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟି କରିଥିଲା । ୧୯୩୦ ମସିହା ମାର୍ଚ୍ଚ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା । ୧୯୩୦ ମସିହା ଏପ୍ରିଲ ୬ ତାରିଖରୁ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ଇଞ୍ଚୁଡି ଯାତ୍ରାକଲେ । କଟକରୁ ହିଁ ଗୋପବନ୍ଧୁଙ୍କୁ ସରକାର ଗିରଫ କଲେ । ପରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ହରେକୃଷ୍ଣ ମହତାବ , ପ୍ରାଣକୃଷ୍ଣ ପଢିହାରୀ ଓ ଅନ୍ୟମାନେ ଏପ୍ରିଲ ୧୩ ତାରିଖରେ ଇଞ୍ଚୁଡିଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ ଓ ଲୁଣ ମାରିଥିଲେ । ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ,ମା' ରମାଦେବୀ, ଦାଦା ନବକୃଷ୍ଣ ଚୌଧୁରୀ ଓ ଖୁଡି ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ । ନିଜର ପରିବାରକୁ ଦେଶ ସେବାରେ ନିୟୋଜିତ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ଏହି ଧୂଳି ମାଟିର ସନ୍ଥ । ଇତିହାସରେ ଏହି ପରିବାରର ଚରମ ତ୍ୟାଗ ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି । ୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା "ମାନବ ସେବା - ମାଧବ ସେବା "ର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ । ଗ୍ରାମ ସଫେଇ, ନିଶା ନିବାରଣ, ପୌଢଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ । କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନହେଲେ ସଂପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ । ଏହି ଗଠନ ମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁନଥିଲେ । ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ ।ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ ଅନେକବାର କାରାବରଣ କରିଥିଲେ । ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ । ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ । ଅର୍ଥନୈତିକ ସମତା ପ୍ରତିଷ୍ଠା ତାଙ୍କ ଜୀବନର ପରମ ମନ୍ତ୍ର ଥିଲା । ସମାଜରୁ କିପରି ଶୋଷଣ ହଟିବ, ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରହେବ ସେଥି ନିମନ୍ତେ ସେ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ଗରିବ, ନିଃସହାୟ ଜନତାଙ୍କ ପ୍ରତି ସେ ସର୍ବଦା ସମ୍ବେଦନଶୀଳ ଥିଲେ । ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କେବଳ ସେଇମାନଙ୍କ କଥା ଚିନ୍ତା କରୁଥିଲେ ଓ ନିଜ ଆଦର୍ଶରୁ କେବେବି ବିଚ୍ୟୁତ ହୋଇନଥିଲେ । ସେଥିପାଇଁ ସେ ଲୋକମୁଖରେ 'ଲୋକବନ୍ଧୁ' ଭାବେ ସୁପରିଚିତ ଥିଲେ ତ କେହି କେହି ତାଙ୍କୁ 'ଓଡିଶାର ଗାନ୍ଧି' ବୋଲି ମଧ୍ୟ କହୁଥିଲେ । କ୍ଷମତା ରାଜନୀତିରୁ ଦୂରେଇରହିଥିବା ଗୋପବନ୍ଧୁଙ୍କର କୌଣସି ଉପାଧି ବା ସମ୍ମାନ ପ୍ରତି ତିଳେମାତ୍ର ଆସକ୍ତି ନଥିଲା । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ପିଏଚ୍.ଡି ଦେବାକୁ ନିଷ୍ପତ୍ତି କଲେ ।ଏଥିପାଇଁ ସ୍ୱୀକୃତି ଦେବାକୁ କୁଳପତି ଡଃ ପ୍ରାଣକୃଷ୍ଣ ପରିଜା ତାଙ୍କୁ ପତ୍ର ଲେଖିଲେ । ମାତ୍ର ଗୋପବନ୍ଧୁ ଉତ୍ତରରେ ଲେଖିଥିଲେ- "ଯେତିକି ଉପାଧି ମୋ ସହିତ ଯୋଡାହୋଇଛି ତାହା ଜନଗଣଙ୍କ ସଙ୍ଗେ ଏକାତ୍ମ ହେବାରେ ବାଧାସୃଷ୍ଟି କରୁଛିବୋଲି ମୁଁ ମନେ କରୁଛି । ଏ ଉପାଧି ଯୋଡାହେଲେ ମୁଁ ଲୋକମାନଙ୍କଠାରୁ ଆହୁରି ଦୂରେଇଯିବା ଆଶଙ୍କା ହେଉଥିବାରୁ ମୁଁ ଏ ଉପାଧି ଗ୍ରହଣ କରିପାରିବି ନାହିଁ ।" ଗୋପବନ୍ଧୁ ଚୌଧୁରୀ ଆଜି ଆମ ଗହଣରେ ନାହାଁନ୍ତି । ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ ତାଙ୍କର ଦେହାବସାନ ଘଟିଛି । ତାଙ୍କୁ ହରାଇ ଦେଶ ବିଶେଷକରି ଓଡିଶା ଜଣେ ଏପରି ନିଷ୍ପାପର ସେବକକୁ ହରାଇଲା, ଯେ କେବଳ ଦୀନତମ,ଦରିଦ୍ରତମର ସେବା ପାଇଁ ବ୍ୟାକୁଳ ଥିଲେ । ସେ କେବଳ ନିଜେ ସେବାରେ ଲାଗିନଥିଲେ - ନିଜର ପରିବାରକୁ ଦେଶସେବାରେ ଆତ୍ମ ନିୟୋଗ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ।"

***ଜଗତସିଂହପୁର***
***ମୋ-୯୩୩୭୨୨୧୯୨୪***

# ଶୈଳବାଳା ଦାସ

ଡ଼ଃ. ଅରୁନ୍ଧତୀ ଦେବୀ



ଶୈଳବାଳା ଦାସ ଜଣେ ସମାଜସେବୀ ଥିଲେ । ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ତାଙ୍କର ମୁଖ୍ୟ ଭୂମିକା ଥିଲା । ମଧୁସୂଦନ ଦାସ ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ । ସେ କଂଗ୍ରେସ ପାର୍ଥୀ ଭାବେ ନିର୍ବାଚିତ ହୋଇ ୧୯୫୨ ଅପ୍ରେଲ ୩ ତାରିଖରୁ ୧୯୫୪ ମସିହା ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଭାର ସଦସ୍ୟ ଭାବେ କାମ କରିଥିଲେ । ଶୈଳବାଳା ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ ହୋଇଛି । ୧୯୫୯ ମସିହାରେ ସମାଜସେବାରେ ବିଶେଷ ଅବଦାନ ପାଇଁ ଭାରତ ସରକାରଙ୍କ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ମିଳିଥିଲା । ୧୮୭୫ ମସିହା ମାର୍ଚ୍ଚ ୨୫ରେ କୋଲକାତାର ଭବାନିପୁରରେ ଶୈଳବାଳା ଜନ୍ମ ଗ୍ରହଣ କରିଥିଲେ । ସେ ଆଇ.ଏ.ପାସ କରିବା ପରେ ମଧୁସୂଦନ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ ।

ଶୈଳବାଳା ତାଙ୍କର ପ୍ରାଥମିକ ଶିକ୍ଷା ଲଣ୍ଡନ ମିସନ ବାଳିକା ବିଦ୍ୟାଳୟରେ ଆରମ୍ଭ କରିଥିଲେ । ପରେ ସେ ସିମଳା ପଢ଼ିବାକୁ ଯାଇଥିଲେ । ୧୯୦୬ ମସିହାରେ ସେ ଉଚ୍ଚ ଶିକ୍ଷା ପାଇଁ ଇଂଲଣ୍ଡ ଯାଇଥିଲେ । ସେ ପ୍ରଥମ ଓଡ଼ିଆ ମହିଳା ଭାବେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିଥିଲେ । ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ଅବଦାନ ଅତୁଳନୀୟ ଅଟେ । ୧୯୬୯ ମସିହା ଅପ୍ରେଲ ୨୯ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

***ନିର୍ଦ୍ଦେଶିକା-ସମ୍ପାଦିକା,***
***ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,***
***ଦୂରଭାଷ : ୯୯୩୭୧୭୨୮୧୦***

# ହୀରାକୁଦ ଜଳଭଣ୍ଡାରରେ ହ୍ରାସ ପାଇଛି ଜଳସ୍ତର: ବିଦ୍ୟୁତ ଉତ୍ପାଦନରରେ ହୋଇପାରେ ସମସ୍ୟା



ସମଲପୁର, (ଡିକେ ନ୍ୟୁଜ୍): ହୀରାକୁଦ ଡ୍ୟାମରେ ଆଗକୁ ହୋଇପାରେ ଜଳ ସଙ୍କଟ। ହୋଇପାରେ ଜଳ ସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ସମସ୍ୟା। ଏପ୍ରିଲ ମାସରୁ ହିଁ ହୀରାକୁଦ ଡ୍ୟାମର ଜଳସ୍ତର ଖସିବାରେ ଲାଗିଛି। ଆଗକୁ ମଇ ମାସ ବାକି ଅଛି, ଫଳରେ ଜଳ ସ୍ତର ଆହୁରି ହ୍ରାସ ପାଇବ। ଦେଖିବାକୁ ଗଲେ ଗତ ବର୍ଷ ତୁଳନାରେ ହୀରାକୁଦ ଜଳସ୍ତର ଯେତିକି ରହିଥିଲା ଏଥର ତାଠୁ ପ୍ରାୟ ୩ ଫୁଟ କମ ପାଣି ରହିଛି। ସୂଚନା ଅନୁସାରେ ଗତ ବର୍ଷ ଏପ୍ରିଲ ୨୫ ତାରିଖରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୨୧ ଫୁଟ ଥିବା ବେଳେ ଆଜି ଏହାର ଜଳସ୍ତର ରହିଛି ୬୧୦.୭୫ଫୁଟ ରହିଛି। ବିଶେଷଜ୍ଞଙ୍କ ମତରେ ଛତିଶଗଡ୍ ରାଜ୍ୟରେ ଡ୍ୟାମ, ବ୍ୟାରେଜ ତିଆରି ହେବା ପରେ ତଳମୁଣ୍ଡକୁ ମହାନଦୀରେ କମପାଣି ଆସୁଥିବାରୁ ଏଭଳି ସ୍ଥିତି ଉପୁଜିଥାଇ ପାରେ। ସମ୍ବଲପୁରର ବିଶିଷ୍ଟ ପରିବେଶବିତ ରଞ୍ଜନ ପଣ୍ଡା ଏନେଇ କହିଛନ୍ତି ଯେ ଖରାଦିନେ ମହାନଦୀରେ ପାଣି କମିବ ଏହା ସ୍ୱାଭାବିକ କଥା, ଆଗରୁ ବି କମିଥାଏ। ଆଗରୁ ମହାନଦୀରେ କେବଳ ହୀରାକୁଦ ଡ୍ୟାମ ରହିଥିଲା। ତେବେ ବର୍ତ୍ତମାନ କିଛି ବର୍ଷ ହେଲା ଛତିଶଗଡରେ ଅନେକ ଛୋଟ ବଡ଼ ଡ୍ୟାମ ଓ ବ୍ୟାରେଜ ତିଆରି ହୋଇଛି। ତେବେ ଛତିଶଗଡ ଓ ଓଡିଶା ରାଜ୍ୟ ମଧ୍ୟରେ ମହାନଦୀର ଜଳକୁ ନେଇ କୌଣସି ସମନ୍ୱୟ ନାହିଁ। ସେମାନେ କେତେ ପାଣି ହୀରାକୁଦ ଡ୍ୟାମକୁ ଛାଡୁଛନ୍ତି ସେ ବିଷୟରେ ଏକ ଏଗ୍ରିମେଣ୍ଟ ରହିବା କଥା। ବର୍ତ୍ତମାନ ଟ୍ରିବ୍ୟୁନାଲରେ କେସ ଚାଲିଛି କିନ୍ତୁ ଉଭୟ ରାଜ୍ୟର ସରକାରଙ୍କ ମଧ୍ୟରେ ଏକ ଆଲୋଚନା ହେବା କଥା। ମୁଖ୍ୟମନ୍ତ୍ରୀସ୍ତରରେ ଏକ ଆଲୋଚନା ହୋଇଛି ତେବେ ଖରା ମାସ ପୂର୍ବରୁ ଏହି ଆଲୋଚନା ହୋଇଯିବାର ଥିଲା। ଏହା ସହ ଆମେ ପୂର୍ବରୁ ଅନୁରୋଧ କରିଆସୁଛୁ ଯେ କେଳ ବର୍ଷା ଋତୁରେ ବନ୍ୟା ପରିଚାଳନା ନେଇ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହେବା କଥା ନୁହେଁ, ଏହା ସହ ଗ୍ରୀଷ୍ମ ଋତୁରେ ମହାନଦୀର ଜଳର ସୁପରିଚାଳନା ନେଇ ମଧ୍ୟ ଏକ ଆଲୋଚନା ପ୍ରତ୍ୟେକ ବର୍ଷ ହେବା କଥା। ଯଦି ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟ ରହିବ ତାହେଲେ ଉପରୁ ମୁଣ୍ଡରୁ କ'ଣ ପାଇଁ ପାଣି କମ ଆସୁଛି ତାର ସଠିକ କାରଣ ଜଣାପଡିବ। ଏହାସହ ଯଦି ଗତବର୍ଷ ଅପେକ୍ଷା ଡ୍ୟାମରେ ୩ ଫୁଟ ପାଣି କମ ରହୁଛି ତାହେଲେ ଏହାର ପ୍ରଭାବ ଜଳସେଚନ, ବିଦ୍ୟୁତ ଉତ୍ପାଦନ, ପାନୀୟ ଜଳ ଉପରେ ପଡିପାରେ ତଥା ହୀରାକୁଦ ଡ୍ୟାମ ତଳମୁଣ୍ଡର ଚାଷୀ, ମତ୍ସଜୀବୀ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବେ। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇବାରୁ ଏହାର ପ୍ରଭାବ ପର୍ଯ୍ୟଟନ ଉପରେ ମଧ୍ୟ ପଡିଛି। ଜଳ ଭଣ୍ଡାରରେ ଥିବା ୱାଟର ସ୍ପୋର୍ଟ୍ସ ବିଜନେସ ଏହାଦ୍ୱାରା ପ୍ରଭାବିତ ହୋଇଛି। ହୀରାକୁଦ ଡ୍ୟାମରେ ୱାଟର ସ୍ପୋର୍ଟ୍ସର ଜଣେ ମ୍ୟାନେଜର ଜୟନ୍ତ ପଟ୍ଟନାୟକ କୁହନ୍ତି ଯେ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରାୟ ୫ ଫୁଟ ପାଣି କମି ଯାଇଛି। ପାଣି ହୀରାକୁଦ ଡ୍ୟାମରେ ରହିଛି ତେବେ ଯେତିକି ରହିବା କଥା ତାଠୁ ପାଣି କମ ରହିଛି। ପ୍ରଚଣ୍ଡ ଖରା ଯୋଗୁ

**୩ ବର୍ଷରେ ହୀରାକୁଦର ଜଳସ୍ତର କେତେ ରହିଥିଲା**

- ୨୫ ଏପ୍ରିଲ ୨୦୨୨ରେ ୬୧୨.୧୯ ଫୁଟ
- ୨୫ ଏପ୍ରିଲ ୨୦୨୩ରେ ୬୧୧.୮୧ଫୁଟ
- ୨୫ ଏପ୍ରିଲ ୨୦୨୪ରେ ୬୧୪.୨୧ଫୁଟ
- ୨୫ ଏପ୍ରିଲ ୨୦୨୫ରେ ୬୧୦.୭୫ ଫୁଟ

ପର୍ଯ୍ୟଟକ ଆସୁ ନାହାଁନ୍ତି। ହୀରାକୁଦରେ ଜଳସ୍ତର ୬୩୦ ଫୁଟ ଥିଲେ ପାଣି ବହୁତ ସୁନ୍ଦର ଲାଗେ ତେବେ ପାଣି କମି କମି ଯାଉଛି, ଧୀରେ ଧୀରେ ଛତିଶଗଡରୁ ମଧ୍ୟ ପାଣି ଆସିବା ବନ୍ଦ ହୋଇଯାଉଛି, ଏହାଦ୍ୱାରା ଜଳ ଭଣ୍ଡାରର ଜଳସ୍ତର ମଧ୍ୟ ହ୍ରାସ ପାଉଛି। ତେବେ ଏହି ପ୍ରସଙ୍ଗରେ ହୀରାକୁଦ ଜଳଭଣ୍ଡାରର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସୁଧୀର କୁମାର ସାହୁ ଗତ ବର୍ଷ ଅପେକ୍ଷା ଏଥର ଆଜିର ଦିନରେ ୩ ଫୁଟ କମ ଥିବାର କଥାକୁ ସ୍ୱୀକାର କରିଛନ୍ତି। ତେବେ ରୁଲ କର୍ଭ ଅନୁସାରେ ପାଣି ଯେତିକି ରହିବା କଥା ଅଛି। ଏନେଇ ସେ କହିଛନ୍ତି ଯେ ଏଥର ଅଣମୌସୁମୀ ଋତୁରେ ବର୍ଷା କମ ହୋଇଛି ତେଣୁ ଏଥର ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୧୦.୭୫ ଫୁଟ ରହିଛି। ଆମେ କୋର୍ଡିନେସନ କମିଟିରେ ଯେଉଁ ୱାର୍କିଙ୍ଗ ଟେବୁଲ କରୁ ସେଥିରୁ ୬ ଫୁଟ ଉପରେ ଅଛି, କିନ୍ତୁ ଗତ ବର୍ଷ ଅପେକ୍ଷା ୩ ଫୁଟ ତଳେ ଅଛି ପାଣି। ଗତବର୍ଷ ଏହି ଦିନ ୬୧୪.୨୧ ଫୁଟ ଥିଲା।ଏହା ସହ ଉପର ମୁଣ୍ଡରୁ ଆସୁଥିବା ପାଣିର ଇନଫ୍ଲୋ ବହୁତ କମ ଅଛି, ଇନଫ୍ଲୋ ମାତ୍ର ୧୬୦୯ କ୍ୟୁସେକ ଅଛି। ଆଉଟଫ୍ଲୋ ୯୬୩୩ କ୍ୟୁସେକ ରହିଛି। ଏଥର ଅଣମୌସୁମୀ ଋତୁରେ ବର୍ଷା କମ ହୋଇଛି ତେଣୁ ହୀରାକୁଦର ଉପର ମୁଣ୍ଡରୁ ପାଣିର ଇନଫ୍ଲୋ କମିଛି ତେଣୁ ଜଳସ୍ତର କମିଛି। ରୁଲ କର୍ଭ ଅନୁସାରେ ଆଜିର ଦିନରେ ମାନେ ଏପ୍ରିଲ ୨୫ରେ ହୀରାକୁଦର ଜଳସ୍ତର ୬୦୪ ଫୁଟ ରହିବା କଥା ତେବେ ବର୍ତ୍ତମାନ ୬୧୦ ଫୁଟ ରହିଛି ତ ଠିକ ଅଛି। ତେବେ ବିଗତ ବର୍ଷ ତୁଳନାରେ ସାଢେ ୩ ଫୁଟ କମ ଜଳସ୍ତର ରହିଛି। ଆମର ହୀରାକୁଦର ଜଳସ୍ତର ୫୯୫ ଫୁଟ ଖସିଗଲେ ମଧ୍ୟ ଅସୁବିଧା ନାହିଁ ତେବେ ଆମେ ୬୦୦ ଫୁଟରେ ଜଳସ୍ତରକୁ ରଖୁଛୁ। ତେବେ ଏହାଦ୍ୱାରା କୌଣସି ଅସୁବିଧା ଉପୁଜିବ ନାହିଁ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ। ଅନ୍ୟପଟେ ବିଗତ କିଛି ଦିନ ଭିତରେ ଯଦି ନଜର ପକେଇବା ତାହେଲେ ୨୨-୦୪-୨୦୨୪ରେ ହୀରାକୁଦର ଜଳସ୍ତର ୬୧୪.୬୫ ଫୁଟ ଥିବା ବେଳେ ୨୨-୦୪-୨୦୫୨ରେ ୬୧୧.୩୭ ଫୁଟ, ୨୩-୦୪-୨୦୨୪ରେ ୬୧୪.୫୦ ଫୁଟ ଓ ୨୩-୦୪-୨୦୨୫ରେ ୬୧୧.୧୨ ଫୁଟ, ୨୪-୦୪-୨୦୨୪ରେ ୬୧୪.୩୫ ଫୁଟ ଓ ୨୪-୦୪-୨୦୨୫ରେ ୬୧୦.୯୧ ଫୁଟ ରହିଛି। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବରେ ହ୍ରାସ ପାଉଥିବାର ଅନ୍ୟ ଏକ କାରଣ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଗଢିଉଠିଥିବା ଶିଳ୍ପ କାରଖାନା ମାତ୍ରାଧିକ ପାଣି ଶୋଷି ନେଉଥିବାରୁ ଦିନକୁ ଦିନ ଜଳଭଣ୍ଡାର ଜଳସ୍ତର ହ୍ରାସ ପାଉଛି।

# ବିଦେଶୀ ମଦ କୋଠିରେ ଚଢ଼ାଉ, ଜଣେ କୋର୍ଟ ଚାଲାଣ

ଧର୍ମଗଡ଼, (ଡିକେ ନ୍ୟୁଜ୍): ଧର୍ମଗଡ଼ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାହରସ ଯୋଗ ଦେବା ପରେ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେନିୟମ ଭାବେ ମଦ ମାଫିଆ ଓ ବେପାରୀ ଉପରେ ଚଢ଼ାଉ ଜାରି ରଖିଛନ୍ତି। ଗତ କିଛି ଦିନ ତଳେ ଚିଲିଚିଲା ସ୍ଥିତ ଏକ ଢ଼ାବାରେ ଚଢ଼ାଉ କରିବା ସହ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଠିକ ତାର ୨ଦିନ ପରେ ତଥା ରବିବାର ରାତ୍ରିରେ ଧର୍ମଗଡ଼ ଥାନା ଅଧିନ ଗୋଡ଼ଭଞ୍ଜା ଗ୍ରାମରେ ଜଣେ ବେନିୟମ ଭାବେ ବିଦେଶୀ ମଦ କାରବାର କରୁଥିବା ମଦ କୋଠି ଉପରେ ଚଢ଼ାଉ କରି ଜଣକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋଡ଼ଭଞ୍ଜାୟ ଗ୍ରାମର ଗୋପାଳ ମେହେର। ଢ଼ାବାରୁ ବିଭିନ୍ନ ବ୍ରାଣ୍ଡର ୨୦୧ ଲିଟର ବିଦେଶୀ ମଦ ପୋଲିସ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏନେଇ ଧର୍ମଗଡ ଥାନାରେ କେଶ ନଂ ୧୨୪/୨୫ ଅବକାରୀ ଆଇନ ଅନୁଯାୟୀ ଗୋପାଳ ମେହେରଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଅବକାରୀ ପୋଲିସ ସୂଚନା ଦେଇଛନ୍ତି।



# ପ୍ଲାଷ୍ଟିକ ପାଇପ ଷ୍ଟକୟାର୍ଡ଼ରେ ଭୟଙ୍କର ଅଗ୍ନିକାଣ୍ଡ



ପାରାଦ୍ୱୀପ, (ଡିକେ ନ୍ୟୁଜ୍): ପାରାଦୀପ ଜିରୋ ପଏଣ୍ଟ ନିକଟରେ ଥିବା ଟେକ୍ନୋମାଉଣ୍ଟ-ମେଣ୍ଟାଲକ୍ରାଫ୍ଟ କମ୍ପାନୀ ପାଇପ ଷ୍ଟକୟାର୍ଡରେ ଲାଗିଥିବା ନିଆଁକୁ କଲେ ଆୟତ। ଦୀର୍ଘ ଅକ୍ଲାନ୍ତ ୩ଘଣ୍ଟାର ପରିଶ୍ରମ ପରେ ନିଆଁ ହେଲା ଆୟତ। କମ୍ପାନୀ ପରିସର ମଧ୍ୟରେ ଗଚ୍ଛିତ ଥିବା ପାଇପ ଗୁଡିକ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଏହି ପାଇପ୍ ସମୁଦ୍ର ମଧ୍ୟରୁ କ୍ରୁଡ୍ ଅଏଲ୍ ଆସିବା ପାଇଁ ବ୍ୟବହୃତ ହୋଇଥାଏ। ତେବେ ଗଚ୍ଛିତ ଥିବା ପାଇପର ଚତୁର୍ପାଶ୍ୱରେ ରବର କୋଟେଡ୍ ଥିବାରୁ କୌଣସି କାରଣରୁ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳି ଯାଇଥିଲା। ତେବେ ଘଟଣାସ୍ଥଳରେ ନିଆଁକୁ ଆୟତ କରିବା ପାଇଁ ଆଇଓସିଏଲ୍, ଇଫକୋ, ପାରାଦ୍ୱୀପ ବନ୍ଦର, କୁଜଙ୍ଗ ଅଗ୍ନିଶମ ବାହିନୀର ୫ରୁ ଉର୍ଦ୍ଧ୍ୱ ଅଗ୍ନିଶମ ବାହିନୀର ଦମକଳ ବାହିନୀ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିବା ବେଳେ ଆଇଓସିଏଲ୍ ପକ୍ଷରୁ ଅଗ୍ନିକାଣ୍ଡର କାରଣ ଖୋଜାଚାଲିଛି ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଘଟଣା ସ୍ଥଳରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଓ ଇଣ୍ଡିଆନ ଅଏଲ ଉଚ୍ଚ ଅଧିକାରୀମାନେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି।

# କାଳୀକୃଷ୍ଣ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ

ଧର୍ମଗଡ଼, (ଡିକେ ନ୍ୟୁଜ୍): କାଳୀକୃଷ୍ଣ ସଂଘ ତରଫରୁ ପହେଲଗାଁଓ ନିହତ ହୋଇଥିବା ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ଉଦ୍ଦେଶ୍ୟରେ କୋକସରା ବ୍ଲକ ସ୍ଥିତ କୁସୁମ ଖୁଣ୍ଟି ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ ହୋଇଯାଇଛି। ଗତ ୨୨ ତାରିଖରେ କାଶ୍ମୀର ପହେଲଗାଁଓ ଠାରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ନିର୍ମମ ଗୁଳି କରି ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା କରିବା ସହ ଆତଙ୍କବାଦୀ ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ସହ ଜନ ସାଧାରଣଙ୍କର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ କାଳୀକୃଷ୍ଣ ସଂଘର ପରିଚାଳକ ଜଗଦାନନ୍ଦଜୀ ମହାରାଜ ସରକାରଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କାଳୀକୃଷ୍ଣ ସଂଘର ପୁସ୍ତାକାଚାର୍ଯ୍ୟ ଅଭୟାନନ୍ଦ, ଆଚାର୍ଯ୍ୟ ତୋଷାନନ୍ଦ, ଶୋଭାନନ୍ଦ, ସଭାପତି ସଂଜୟ କୁମାର ପଣ୍ଡା, ଉପସଭାପତି କ୍ରିୟାନନ୍ଦ, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ, ପ୍ରିୟାନନ୍ଦ, ସଂପାଦକ ମାଧବାନନ୍ଦ, କୋଷାଧ୍ୟକ୍ଷ ଲକ୍ଷ୍ମୀ ଖମାରୀ, ସହ ସଂପାଦକ ଜିତେନ୍ଦ୍ର ପଣ୍ଡା, ପ୍ରାର୍ଥନା ସହ ସଂପାଦକ ନବୀନ ରାଉତ, ପତ୍ରିକା ସଂପାଦକ ସଦାଶିବ ମହାରଣା, ଜୟପୁରରୁ ଗିରିଜାନନ୍ଦ, ମୁକୁନ୍ଦାନନ୍ଦ, ମୃତ୍ୟୁଂଜୟ ଠାକୁର, ନବରଙ୍ଗପୁରରୁ ବିରେନ୍ଦ୍ର ନାୟକ, କାଳୀକୃଷ୍ଣ ବାହିନୀ ସଂଯୋଜକ ସୁଜିତ ଠାକୁର, ପ୍ରଜ୍ଞା ବାହିନୀ ସଂଯୋଜିକା ସୌଦାମିନୀ ସାହୁ, ମିଡ଼ିଆ ସେଲର ପ୍ରକାଶ ସାହୁ, ମନୋଜ ରଥ ତଥା କାଳୀକୃଷ୍ଣ ଶାଖା ସଂଘର କର୍ମକର୍ତ୍ତା ଓ ଶିଷ୍ୟଶିଷ୍ୟାମାନେ ଉପସ୍ଥିତ ଥିଲେ।

# ଭିସୁଟର ୧୦୦ଜଣ ଶିକ୍ଷାର୍ଥୀଙ୍କ ବିରୋଧରେ ବିଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର, (ଡିକେ ନ୍ୟୁଜ୍): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ୧୦୦ଜଣ ଛାତ୍ରଙ୍କ ବିରୋଧରେ ବିଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କର୍ତ୍ତୃପକ୍ଷ। ଭିସୁଟ ଶୃଙ୍ଖଳା କମିଟି ଦ୍ୱାରା ଛାତ୍ରମାନଙ୍କ ଅସଦାଚରଣ, ନିମ୍ନ ଉପସ୍ଥାନ ଏବଂ ବିଶ୍ୱବିଦ୍ୟାଳୟ ନିୟମ ଉଲଂଘନ ଆଦି ବିଭିନ୍ନ ଆଚରଣକୁ ନେଇ ହୋଇଥିବା ଅଭିଯୋଗ ଗୁଡ଼ିକର ବ୍ୟକ୍ତିଗତ ବିଚାର ପୂର୍ବକ ଉପଯୁକ୍ତ ସମୀକ୍ଷା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ପୃକ୍ତ ଛାତ୍ରଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ଦୋଷୀ ଛାତ୍ରଙ୍କୁ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇଛି। ଏହାସହ ସମ୍ପୃକ୍ତ ଛାତ୍ରଙ୍କ ଗ୍ରେଡ ହ୍ରାସ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇ ସମ୍ପୃକ୍ତ ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ତଥା ପଦକ ପାଇଁ ଅନୁଷ୍ଠିତ ହେଉଥିବା ଅନ୍ୟାନ୍ୟ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ ଭଳି ଶୈକ୍ଷିକ ସ୍ୱୀକୃତିରେ ଅଂଶଗ୍ରହଣ ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ଏହାଦ୍ୱାରା ଭିସୁଟରେ ଶିକ୍ଷାର୍ଥୀଙ୍କ ଶୃଙ୍ଖଳା ଉପରେ କେବଳ କଳା ଦାଗ ଲାଗିନି ବରଂ ଭିସୁଟର ପ୍ରଶାସନିକ ଦକ୍ଷତା ଉପରେ ମଧ୍ୟ ବଡ଼ ପ୍ରଶ୍ନ ଚିହ୍ନ ଲାଗିଛି। ଏପରିକି ଶିକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭିସୁଟ ନିଜ ଉପରୁ ଦୋଷ ଖସାଇ ଚୁପ ବସି ନପଡି ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଯୋଜନା ସମ୍ପର୍କରେ ଖସଡ଼ା ପ୍ରସ୍ତୁତ କରି ଆଜିର ଘଟଣା ପରି ଆଗକୁ ଯେପରି ଏହାର ପୁନରାବୃତ୍ତି ନହୋଇ ଭିସୁଟ ଭିତରେ ଶୃଙ୍ଖଳା, ଦାୟିତ୍ୱ ଓ ସମ୍ମାନ୍ୱୟ ରଖି ଏହାର ପୂର୍ବ କୀର୍ତ୍ତି ବଜାୟ ରଖିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।





# ଶିଶୁ ପୁତ୍ର ହତ୍ୟା ମାମଲାକୁ ନେଇ ଗ୍ରାମବାସୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା





ଜେନାପୁର, (ଡିକେ ନ୍ୟୁଜ୍): ରାଜ୍ୟରେ ଅନେକ ସ୍ଥାନରେ ହତ୍ୟା ଓ ଶିଶୁ ହତ୍ୟା କାଣ୍ଡକୁ ନେଇ ଚର୍ଚ୍ଚା ଜୋର ଚାଲିଥିଲା ବେଳେ ଜେନାପୁର ଥାନା ଅଞ୍ଚଳ ଚରଗୋଠ ଗ୍ରାମରେ ଗତ ୨୩/୪ ରିଖରେ ଏକ ଶିଶୁ ପୁତ୍ରକୁ ରାସ୍ତାରୁ କଣ୍ଟା ହଟାଇବା ପାଇଁ ନିଜର ବାପା ଓ ପରିବାର ଜଘନ୍ୟ ହତ୍ୟା କରି ଏକ ନିକଟସ୍ଥ ପଥର ଖାଦାନ ପରିତ୍ୟକ୍ତ ପାଣିରେ ପକାଇବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାକୁ ନେଇ ଜେନାପୁର ପୋଲିସ ପକ୍ଷରୁ ତଦନ୍ତ ଜାରିଥିବା ବେଳେ ଉକ୍ତ ପରିବାର ୫ ଜଣଙ୍କୁ ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏହି ଏତଲାରେ ଅନ୍ୟ ଦୁଇ ଜଣ ସେହି ଗ୍ରାମର ଥିବାବେଳେ ତାଙ୍କୁ ଅଦ୍ୟାବଧି ତଦନ୍ତ ପରିସର ଭିତରକୁ ନିଆଯାଇ ସେମାନଙ୍କୁ ଗିରଫ କରାଯାଇ ନଥିବା ଦାବିରେ ଆଜି ଗ୍ରାମବାସୀଙ୍କ ସମେତ ନିକଟସ୍ଥ ଗ୍ରାମବାସୀମାନେ ଜେନାପୁର ଥାନାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ପ୍ରଦର୍ଶନ କରିବା ସହ ନିରପେକ୍ଷ ତଦନ୍ତ କରିବା ଓ ଅନ୍ୟ ଆସାମୀଙ୍କୁ ଗିରଫ କରିବା ଦାବି କରିଛନ୍ତି। ଥାନା ଅଧିକରିଣୀ ନିରୂପମା ଜେନା ନିରପେକ୍ଷ ତଦନ୍ତ ହେବା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀମାନେ ଘରକୁ ଫେରି ଯାଇଥିଲେ।

# ଘଟଯାତ୍ରାରେ ଫେରିବେ ମା', ଲକ୍ଷାଧିକ ଘଟଧାରୀ ବି ମା'ଙ୍କ ସହ ଯିବେ

ଆଙ୍କର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ମା'ବୁଢୀ ଠାକୁରାଣୀ ଯାତ୍ରାର ଆଜି ଶେଷ ଦିନ। ମା' ସୋମବାର ବାପ ଘରୁ ଶାଶୁ ଘର ଅର୍ଥାତ ସ୍ଥାୟୀ ପୀଠ ମା'ବୁଢୀ ଠାକୁରାଣୀ ମନ୍ଦିରକୁ ଆସିବେ। ଘଟରେ ମା' ସ୍ଥାପନ ହୋଇ ସୋମବାର ଶାଶୁ ଘରକୁ ଯାଉଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ନିଜ ନିଜର ମାନସିକ ପୂରଣ ପାଇଁ ଘଟ ସ୍ଥାପନ କରନ୍ତି। ରାତିରେ ମା'ଙ୍କ ଘଟ ଉଠିବା ପରେ ଏମାନେ ଘଟ ଧାରଣ କରି ଠାକୁରାଣୀ ମନ୍ଦିରରେ ଉଦଯାପନ କରନ୍ତି। ଅନ୍ୟପକ୍ଷରେ ମା'ଙ୍କ ଶାଶୁଘରକୁ ଆଗମନ ନେଇ ସ୍ଥାୟୀ ମନ୍ଦିର ଉତ୍ସବ ମୁଖର। ମନ୍ଦିରକୁ ଫୁଲମାଳରେ ସୁସଜ୍ଜିତ କରାଯାଉଛି। ୨୫ଦିନ ଧରି ଚାଲିଥିବା ମା'ବୁଢୀ ଠାକୁରାଣୀ ଯାତ୍ରାର ସୋମବାର ଶେଷ ଦିନ। ମା'ଠାକୁରାଣୀ ଗତ ୩ ତାରିଖରେ ଶାଶୁଘରୁ ଅର୍ଥାତ ସ୍ଥାୟୀ ମନ୍ଦିରରୁ ଦେଶୀବେହେରା ସାହି ସ୍ଥିତ ଅସ୍ଥାୟୀ ପୀଠକୁ ଯାଇଥିଲେ। ସେହିଦିନ ଠାରୁ ଯାତ୍ରାର ଆରମ୍ଭ ହୋଇଥିଲା। ଚଙ୍ଗୁଡ଼ିରେ ଆଜ୍ଞାମାଳ ହୋଇଯାଇଥିବା ମା'ଘଟରେ ସ୍ଥାପନ ହୋଇ ସାହି ସାହି ବୁଲିବା ସହ ରଥ ଉନ୍ମୋଚନ କରିଥିଲେ। ମା'ଙ୍କ ଆଗମନରେ ସହର ଉତ୍ସବମୁଖର ହୋଇଥିଲା। ସୋମବାର ଶେଷ ଦିନରେ ପୁଣି ଥରେ ଘଟରେ ବସି ମା'ଆଜି ବାପଘରୁ ଶାଶୁ ଘରକୁ ଫେରିବେ। ସେଥିପାଇଁ ମାନସିକଧାରୀମାନେ ନିଜ ମାନସିକପୂରଣ ପାଇଁ ଘଟସ୍ଥାପନ କରୁଛନ୍ତି। ଏହି ପରମ୍ପରା ରହିଛି ଯାତ୍ରା ଆରମ୍ଭ ହେବା ଦିନ ଠାରୁ। ବୁଢୀ ଠାକୁରାଣୀ ମନ୍ଦିର ଆଖପାଖ ଘର ଗୁଡ଼ିକରେ ଏହି ମାଟି ଓ ପିତଳ ଘଟ ସ୍ଥାପନ ହୋଇଥାଏ। ମହିଳାମାନେ ଉପବାସ ରହି ଏହି ଘଟବସାନ୍ତି: ଅନ୍ୟପକ୍ଷରେ ଠାକୁରାଣୀ ମନ୍ଦିରରେ ବି ମା'ଙ୍କ ଆଗମନକୁ ନେଇ ସାଜସଜ୍ଜା ଜୋରସୋରରେ ଚାଲିଛି। ମା'ଙ୍କ ମନ୍ଦିରକୁ ଫୁଲରେ ସଜାଉଛନ୍ତି ବ୍ରହ୍ମପୁର ଫୁଲ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ। ୭୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାମାନେ ଆସି ପୁରା ମନ୍ଦିରକୁ ଫୁଲରେ ସଜାଇବାରେ ଲାଗିପଡ଼ିଛନ୍ତି। ସେମାନେ ନିଜ ଆଡୁ ଆସି ମା'ଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଏଭଳି ସାଜସଜ୍ଜା କରୁଛନ୍ତି। ଏଥିପାଇଁ ବାଙ୍ଗାଲୁରୁ, କଲିକତା, ଆନ୍ଧ୍ର, ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଛି ୬୦ରୁ ଉର୍ଦ୍ଧ୍ୱ ପ୍ରକାର ଭଳିକି ଭଳି ଫୁଲ। ଅର୍କିଡ, ଗେଣ୍ଡୁ, ଗ୍ଲାଡିୟସ ଭଳି ଫୁଲରେ ମା'ଙ୍କ ମନ୍ଦିର କାନ୍ଥ ଠାରୁ ଆରମ୍ଭ କରି ମା'ଙ୍କ ଗର୍ଭଗୃହ, ପୁରା ମନ୍ଦିର ସଜାଇ ହେବାରେ ଲାଗିଛି। ଏଥିସହ ମା'ଙ୍କ ଶାଶୁଘର ଲୋକେ ବି ବହୁତ ଖୁସି। ମା'ଙ୍କ ଯାତରା ଆରମ୍ଭ ଦିନ ଠାରୁ ଆସିବା ଯାଏଁ ସେମାନେ ମା'ଙ୍କ ବାଟକୁ ଚାହିଁ ବସିଥାନ୍ତି। ଆଜି ମନ୍ଦିରରେ ସେଥିପାଇଁ ମା'ଙ୍କୁ ରାତି ୧୧ଟା ବେଳେ ଡାକରା ଯିବ। ତାପରେ ମା'ରାତ୍ରରେ ଘଟରେ ବସି ପ୍ରତ୍ୟାବର୍ତ୍ତନ କରିବେ। ତାଙ୍କ ସହ ମାନସିକଧାରୀମାନେ ବି ଲକ୍ଷ ଲକ୍ଷ ଘଟରେ ମା'ଙ୍କ ପଛରେ ଆସି ମନ୍ଦିରରେ ପ୍ରବେଶ କରିବେ। ଯାତ୍ରା ସମାପନ ହେବ ବୋଲି ସେବାୟତ ପତିତ ଗନ୍ତାୟତ କହିଛନ୍ତି।



# ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର, ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଆଜିର ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୬୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ୬୨ଟି ଥିବାବେଳେ ସାମୁହିକ ଅଭିଯୋଗ ୨ଟି ଥିଲା ଏବଂ ତ୍ୱରିତ ଗୋଟିଏ ଅଭିଯାଗର ଫଇସଲା ହୋଇଥିଲା। ଅଭିଯୋଗ ଗୁଡିକ ମୁଖ୍ୟତଃ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ରାସନ୍ କାର୍ଡ, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ସୁଭଦ୍ରା ଇତ୍ୟାଦି। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଗ୍ରହଣ କରିଥିବା ଆବେଦନ ଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ପ୍ରତ୍ୟେକ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ, ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର ଏବଂ ବିଡ଼ିଓ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜୁନିୟର ରେଡ୍ କ୍ରସ ଅଣପ୍ରଶିକ୍ଷିତ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଉଦଯାପିତ

କୋରାପୁଟ, (ଡିକେ ନ୍ୟୁଜ୍): ସରକାରୀ ଉଚ୍ଚ ବିଦ୍ୟାଳୟ ସେମିଳିଗୁଡା ଠାରେ ଜୁନିୟର ରେଡକ୍ରସ ଅଣପ୍ରଶିକ୍ଷିତ ପରାମର୍ଶ ଦାତା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଶିବିରର ତୃତୀୟ ଦିବସର ପ୍ରଥମ ଅଧିବେଶନରେ ସାଧନକର୍ମୀ ରାମଚନ୍ଦ୍ର ପାଲ ଏଚଆଇଭିଏଡସ ଉପରେ ସମ୍ୟକ୍ ତଥ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସାଧନ କର୍ମୀ ଯଜ୍ଞେଶ୍ୱର ପଣ୍ଡା ଉତ୍ସାହ ପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ। ପରେ ପରେ ଅଗ୍ନିସମ ଅଧିକାରୀ ପାର୍ଥ ସ୍ୱାଇଁ ଓ ତାଙ୍କ ଦଳ ସହିତ ନିଆଁର ବିଭିନ୍ନ ପ୍ରକାର ଭେଦ, ନିଆଁ ଲିଭାଇବାର କୌଶଳ ଆଦି ପ୍ରଦାନ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ଅଧିବେଶନ ଯାହାକି ଉଦଯାପନୀର ଥିଲା। ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ହରେକୃଷ୍ଣ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଥିଲେ ରାଜ୍ୟ ସାଧନ କର୍ମୀ ଯଜ୍ଞେଶ୍ୱର ପଣ୍ଡା, ମୁଖ୍ୟଅତିଥି ସେମିଳିଗୁଡା ଚେୟାରମାନ ରାଜେନ୍ଦ୍ର ପାତ୍ର ମହୋଦୟ, ରେଡକ୍ରସର ଆଜୀବନ ସଦସ୍ୟ ସେଖ ଇବ୍ରାହିମ୍, ଜଗନ୍ନାଥ ବିଦ୍ୟାପୀଠ ସୁନାବେଡାର ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ମହାପାତ୍ର ଯୋଗଦେଇ ରେଡକ୍ରସ୍‌ର ମହତ୍ୱ ଉଦ୍ଦେଶ୍ୟ ସହିତ ତିନିଦିନର ସଫଳ କାର୍ଯ୍ୟକ୍ରମ ଉପରେ ମତ ରଖିଥିଲେ।

# ଏସଟି ଓ ଏସସି ଛାତ୍ରଛାତ୍ରୀମାନଙ୍କୁ ମିଳୁନାହିଁ ଜାତିଗତ ପ୍ରମାଣପତ୍ର

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଅନ୍ତର୍ଗତ କତଲକଇଠା ପଞ୍ଚାୟତର ନୂଆଗାଁ ଗ୍ରାମ ପାରଳାଖେମୁଣ୍ଡି ସହର ଠାରୁ ମାତ୍ର ୬ରୁ ୭ କିଲୋମିଟର ଦୂରରେ ରହିଛି। ପ୍ରଶାସନିକ ଅବହେଳା ଯୋଗୁଁ ଗ୍ରାମବାସୀଙ୍କୁ ମିଳିପାରୁନି ଜମିପଟ୍ଟା। ଯଦ୍ୱାରା ଗ୍ରାମବାସୀଙ୍କ ପାଠ ପଢ଼ା ପୁଅ ଝିଅମାନଙ୍କୁ ଏନେଇ ଏସଟି ଓ ଏସସି ଜାତିଗତ ପ୍ରମାଣପତ୍ର ମିଳୁନଥିବାରୁ ୧୦ମ ଶ୍ରେଣୀ ପାସ୍ କରିବା ପରେ ଛାତ୍ରଛାତ୍ରୀମାନେ କଲେଜ ପଢ଼ାରୁ ବଞ୍ଚିତ ହେଉଛନ୍ତି। ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଯେଉଁମାନେ ବିନା ଜାତିଗତ ପ୍ରମାଣପତ୍ରରେ ପଢୁଛନ୍ତି ସେମାନେ ସରକାରୀ ସୁବଧା ପାଇପାରୁ ନାହାନ୍ତି। ଗରିବ ଶ୍ରେଣୀର ଏହି ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆଗାଁ ଠାରେ ୩୦ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ୧୫୦ରୁ ଉର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ୭୩ ଭୋଟର ରହିଛନ୍ତି। ପ୍ରାୟ ୩୫ବର୍ଷ ତଳେ ନିକଟସ୍ଥ ପୁରୁଣା ମର୍କଡ଼ା ଗ୍ରାମ ଯାହାକି ଦୁର୍ଗମ ପାହାଡ଼ ଉପରେ ଥିଲା। ସେଠାରୁ ୧୫ଟି ପରିବାର ଏଠାରେ ଆସି ବସବାସ କରୁଛନ୍ତି। ଉକ୍ତ ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଗ୍ରାମରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଗୋଟିଏ ସ୍କୁଲ ଥିଲା ଆବଶ୍ୟକ ସଂଖ୍ୟକ ଛାତ୍ରଛାତ୍ରୀ ନଥିବାରୁ ୮ ବର୍ଷ ହେଲା ସ୍କୁଲଟି ବନ୍ଦ ହୋଇଯାଇଛି। ଛୋଟ ଛୋଟ ପିଲାମାନେ ପାହାଡ଼, ପର୍ବତ ଦେଇ ତୁଳସିପାଡୁ ଗ୍ରାମରେ ଥିବା ସ୍କୁଲକୁ ଯାଉଛନ୍ତି। ବହୁ କଷ୍ଟ ତଥା ସମସ୍ୟାକୁ ଅତିକ୍ରମ କରି ମାଟ୍ରିକ୍ ପାସ୍ କରୁଛନ୍ତି। ମାତ୍ର ଘର ପଟ୍ଟା ନଥୁବାରୁ ଜାତିଗତ ପ୍ରମାଣପତ୍ର ମିଳିପାରୁ ନାହିଁ। ଚଳିତ ଶିକ୍ଷା ବର୍ଷରେ ୯ ଏବଂ ପୂର୍ବ ବର୍ଷ ୧୦ ଛାତ୍ରଛାତ୍ରୀ ମାଟ୍ରିକ ପାସ୍ କରିଛନ୍ତି। ଜାତିଗତ ପ୍ରମାଣପତ୍ର ନଥିବାରୁ ଏସସି, ଏସଟିଙ୍କ ପାଇଁ ରହିଥିବା ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ପୁଷ୍ପାଞ୍ଜଳୀ ଶବର, ସନ୍ଧ୍ୟାରାଣୀ ଶବର, ଥାମାସ୍ ଶବରବାବୁରାଓ ଶବରଙ୍କ କହିବା ଅନୁଯାୟୀ ଜାତି ପ୍ରମାଣପତ୍ର ପାଇଁ ଘର ପଟ୍ଟା ଆବଶ୍ୟକ। ମାତ୍ର ଘରପଟ୍ଟା ନଥୁବାରୁ ଜାତିଗତ ପ୍ରମାଣପତ୍ର ମିଳୁନି କି ସରକାରୀ ସୁବିଧା ମିଳୁନାହିଁ।

## ଜଙ୍ଗଲୀ ହାତୀ ପରେ ଏବେ କାନକୁଟରୁରେ ବାଘ ଆତଙ୍କ



କଳାହାଣ୍ଡି, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ଦୁର୍ଗମ ଅଞ୍ଚଳମାନଙ୍କରେ ଡୋରାମ୍ୟ ବୃଦ୍ଧି ପାଉଥିବା ବେଳେ ଜଙ୍ଗଲୀ ହାତୀ ସନ୍ଧ୍ୟା ହେଲେ ଜଙ୍ଗଲ ଛାଡି ଗାଁ ମୁହାଁ ହୋଇ ଚାଷ ବାସ ନଷ୍ଟ କରିବା ସହ ଅନେକ ଲୋକଙ୍କ ଜୀବନ ଯାଇଛି। ଗାଁମାନଙ୍କରେ ଜଙ୍ଗଲୀ ହାତୀ କୋକୁଆ ଭୟ ସୃଷ୍ଟି କରିଥିଲା ବର୍ତ୍ତମାନ ଦୁର୍ଗମ ଅଞ୍ଚଳବାସୀ ଟିକିଏ ଅଶ୍ୱସ୍ତିରେ ଥିବାବେଳେ କାନକୁଟରୁ ପଞ୍ଚାୟତବାସିଙ୍କୁ ଏବେ ବାଘର ଆତଙ୍କ ଦେଖା ଦେଇଛି। ଗତ କିଛି ଦିନ ହେଲା ଏହି ଅଞ୍ଚଳରେ ଏକ ବାଘ ବୁଲୁଥିବା ଲୋକେ କୁହା କୁହି ହେଉଥିଲେ। ବାଘ ଭୟରେ ଲୋକେ ଜଙ୍ଗଲକୁ ମଧ୍ୟ ଯାଉ ନ ଥିଲେ ହେଲେ ବର୍ତ୍ତମାନ ଏହି ବାଘ କାନକୁଟରୁ ଗାଁର ଋଷି ମାଝୀଙ୍କ ଗାଈ ଜଙ୍ଗଲକୁ ଚରି ଯାଇଥିବାବେଳେ ତାକୁ ଜିଅନ୍ତା ଖାଇ ଦେଇଛି ବାଘ। ସେ ଜାଗାରେ ବାଘର ପାଦ ଚିହ୍ନ ମଧ୍ୟ ରହିଥିବା ବେଳେ ଏହି ଘଟଣା ଘଟିବା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଲୋକେ ଜଙ୍ଗଲକୁ ଯାଇଁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଓ ତାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ ହେଲେ ଏହି ବାଘ ଜଙ୍ଗଲକୁ ଆସିବା ଦିନଠାରୁ ଲୋକେ ଜଙ୍ଗଲ ନ ଯାଇଁ ଘରେ ବସିଛନ୍ତି। ଏହି ଘଟଣାର ଖବର ପାଇ ବିଶ୍ୱନାଥପୁର ବନ ବିଭାଗ ପକ୍ଷରୁ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀ ଘଟଣା ସ୍ଥଳକୁ ଆସି ଛାନବିନ ଆରାମ୍ଭ କରିଥିଲେ ଓ ଲୋକଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ପରେ ବିଶ୍ୱନାଥପୁରରୁ ପ୍ରାଣୀ ଅଧିକାରୀ ଆସି ମୃତ ଗାଈର ଶବ ବ୍ୟବଚ୍ଛେଦ କରିଥିଲେ। ଶବ ବ୍ୟବଛେଦ ରିପୋର୍ଟ ଆସିଲା ପରେ ସବୁ ସତ୍ୟା ସତ୍ୟ ସାମ୍ନାକୁ ଆସିବ ବୋଲି ଫରେଷ୍ଟର ମାଝୀ ପ୍ରକାଶ କରିଛନ୍ତି। ହେଲେ ଗାଁ ଲୋକେ ଗାଈ ମାଲିକଙ୍କୁ କ୍ଷ୍ୟତି ପୂରଣ ଦେବାପାଇଁ ଦାବି କରିଛନ୍ତି।

## ତେଲ ବ୍ରିଜର ଖାଲକୁ ପୋତିଲେ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା

ସୁବର୍ଣ୍ଣପୁର, (ଡିକେ ନ୍ୟୁଜ୍): ଦୀର୍ଘ ବର୍ଷରୁ ଅବହେଳିତ ହୋଇ ପଡ଼ିଥିବା ସୁବର୍ଣ୍ଣପୁର-ବୌଦ୍ଧ ଜିଲ୍ଲାକୁ ସଂଯୋଗ କରୁଥିବା ସର୍ବ ପୁରାତନ ତେଲ ବ୍ରିଜର (ଜାତୀୟ ରାଜପଥ ନମ୍ବର ୫୭ରେ) ରକ୍ଷଣା ବେକ୍ଷଣର ଅଭାବ ଯୋଗୁଁ ବ୍ରିଜର ଉଭୟ ପଟରେ ଅନେକ ଗାତ ହୋଇ ପଡ଼ିଥିଲା। ଯାହାଦ୍ୱାରା କି ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ପ୍ରତ୍ୟହ ଯିବା ଆସିବା କରୁଥିବା ହଜାର ହଜାର ଯାନ ବାହନ ଓ ସଧାରଣ ଲୋକ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ବୌଦ୍ଧ ଏନ୍ଏଚ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ପବ୍ଲିକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେଉନାହିଁ। ରବିବାର ସ୍ୱଚ୍ଛ ଭାରତ ସଂଗଠନ ସୋନପୁର-



ମନମୁଣ୍ଡା ର ସ୍ୱେଚ୍ଛାସେବୀ ତେଲ ବ୍ରିଜରେ ଥିବା ବଡ ବଡ ଖାଲକୁ ଇଟା ପଥର ପକାଇ ପୋତିଛନ୍ତି। ଏହି ସମୟରେ କିଛି ସମୟ ରାସ୍ତାରେ ଗାଡ଼ି ମଟର ଅଟକି ଯାଇଥିଲା ହେଲେ ଲୋକେ ବିରକ୍ତି ପ୍ରକାଶ ନ କରି ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କରି ଜିଲ୍ଲା ପ୍ରଶାସନ ପାଇଁ ଏହା ଏକ ଲଜ୍ଜା ବୋଲି ସମାଲୋଚନା କରିଥିଲେ। ଏହି ମହତ୍ୱ କାର୍ଯ୍ୟରେ ରାସ୍ତାରେ ଯିବା ଆସିବା କରୁଥିବା ଗୋଟାଏ ଜେସିପି ଗାଡି ଓ କିଛି ସାଧାରଣ ଲୋକ ବି ସହଯୋଗର ହାତ ବଢ଼ାଇଛନ୍ତି। ସ୍ୱଚ୍ଛ ଭାରତ ସଂଗଠନର ସଭାପତି ସାୟଦ ଅଲିମୁଲ୍ ଇସଲାମ, ଉପ ସଭାନେତ୍ରୀ ଇନ୍ଦୁମତି ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଓ ମନୋରଞ୍ଜନ ତ୍ରୀପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ସାହୁ, ରବୀନ୍ଦ୍ର ଜେନା, ପ୍ରହଲ୍ଲାଦ ମିଶ୍ର, କଳାକାହ୍ନୁ ଦାଶ, ରାମ ଚନ୍ଦ୍ର ଅଗ୍ରୱାଲା, ପ୍ରମୋଦ ମହାଣା, ନାରାୟଣ ରଥ, ନିଲୁ ଖଣ୍ଡଗିରି, ରତନ ନାଗ ପ୍ରମୁଖ ସଙ୍ଗଠନର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶ ଥାଉ କି ଯେ ବିଗତ ୨୦୧୪ ମସିହାରୁ ଏହି ସଂଗଠନର କର୍ମକର୍ତ୍ତା ଏହି ତେଲ ବ୍ରିଜର ବାଲି ସଫେଇ, ପୋଲର ଖାଲ ପୋତିବା ସେବା କାମ କରି ଆସୁଛନ୍ତି। ଯାହାକି ଉଭୟ ଜିଲ୍ଲାର ଲୋକେ ଓ ହଜାର ହଜାର ଯାତ୍ରୀ ଏହି ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କରିଛନ୍ତି।

## ପାରିବାରିକ କଳହ ହେଲା କାଳ

## ବାପାଙ୍କୁ ପିଟିପିଟି ମାରିଦେଲେ ୨ପୁଅ

ପୁରୁଷୋତ୍ତମପୁର, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଘଳା ପଞ୍ଚାୟତ କୁଷପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନିଜ ଜନ୍ମକଲା ବାପାକୁ ଦୁଇପୁଅ ଅତି ନୃଶଂସ ଭାବରେ ପିଟିପିଟି ମାରିଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମବାସୀଙ୍କଠାରୁ ଏହାର ଖବରପାଇ ପୁରୁଷୋତ୍ତମପୁର ଆଇଆଇସି ରାଜେଶ କୁମାର ନାୟକ ଘଟଣାସ୍ଥଳକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପା ଗୋପାଳକୃଷ୍ଣ ସାହୁଙ୍କ ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ଦୁଇପୁଅ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁଙ୍କୁ ଗିରଫ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ମୃତ ଗୋପାଳଙ୍କ ପରିବାର ଗରିବ ଶ୍ରେଣୀର ଅଟନ୍ତି। ତାଙ୍କର ଦୁଇପୁଅ ଦୁଇଝିଅ ରହିଛନ୍ତି। ପ୍ରାୟ ଦଶବର୍ଷତଳେ ବଡଝିଅର ବିବାହ ସରିଥିବା ବେଳେ ଦୁଇମାସ ତଳେ ସାନଝିଅର ବିବାହ ସରିଛି। ମାତ୍ର ଦୁଇ ପୁଅ ଅବିବାହିତ ରହିଛନ୍ତି। କରଜକୁ ନେଇ ପରିବାରରେ ଅଶାନ୍ତି ଲାଗିରହିଥିଲା। ବିଭିନ୍ନ ପ୍ରକାରର ସମାଲୋଚନା ଓ ଋଣ ଭାରର ରାଗକୁ ନେଇ ଗୋପାଳକୃଷ୍ଣ ତାଙ୍କ ପତ୍ନୀ ସୀତା ଉପରେ ରାଗ ସୁଝାଇ ମାରପିଟ୍ କରୁଥିଲେ। ସୋମବାର ମଧ୍ୟ ଗୋପାଳ ଏକ ଲୁହାରଡରେ ତାଙ୍କ ପତ୍ନୀଙ୍କୁ ମାଡମାରିବାକୁ ଉଦ୍ୟମ କରିବାବେଳେ ଦୁଇ ପୁଅ ପ୍ରତିବାଦ କରିଥିଲେ। ହେଲେ ଗୋପାଳ କାହାରି କଥା ଶୁଣି ନ ଥିଲେ। ଓଲଟା ମାଡ ମାରିବାକୁ ଯାଇଥିଲେ। ମା' ଉପରେ ସବୁଦିନେ ହେଉଥିବା ଏଭଳି ମାଡକୁ ପୁଅମାନେ ଆଉ ସହ୍ୟ କରିପାରି ନ ଥିଲେ। ବାପାଙ୍କ ହାତରୁ ଲୁହାରଡ ଛଡାଇ ଦୁଇ ପୁଅ ଓଲଟା ବାପାଙ୍କୁ ନିର୍ମମ ଭାବେ ପିଟିପିଟି ମାରିଦେଇଥିଲେ। ଦୁହେଁ ପୋଲିସ ଆଗରେ ନିଜ ଦୋଷ ସ୍ୱୀକାର କରିଛନ୍ତି। ପୋଲିସ ତଦନ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସରବାହାଲ ଶିଶୁମନ୍ଦିରରେ ସ୍ୱାଭିମାନ ଦିବସ

ଝାରସୁଗୁଡ଼ା, (ଡିକେ ନ୍ୟୁଜ୍): ସରବାହାଲ ସରସ୍ୱତୀ ଶିଶୁମନ୍ଦିର ଓ 'ସମ୍ବାଦ' ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ସ୍ୱାଭିମାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ମହତ୍ୱପୂର୍ଣ୍ଣ ଦିବସ ଅବସରରେ ମୁଖ୍ୟଅତିଥି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଉତ୍କଳକୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସମସ୍ତେ ନିଜର କର୍ତ୍ତବ୍ୟକୁ ସଠିକ ରୂପରେ ସମ୍ପାଦନ କରିବା ଉଚିତ ଓ ନିଜକୁ ସ୍ୱାଭିମାନୀ ଓଡ଼ିଆର ପରିଚୟ ଦେଇ ଶକ୍ତିଶାଳୀ, ସ୍ୱାଭିମାନୀ, ସମୃଦ୍ଧିଶାଳୀ ଓଡିଶାର ସ୍ୱପ୍ନ ନେଇ ବିକଶିତ ରାଜ୍ୟରୂପେ ପରିଗଣିତ କରିପାରିଲେ ତାହାହିଁ ହେବ ମଧୁବାବୁଙ୍କ ପ୍ରକୃତ ଶଦ୍ଧାଞ୍ଜଳି। ସମ୍ମାନୀତ ଅତିଥି ରୂପେ ନିକୁଞ୍ଜବିହାରୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ.ସରୋଜ କୁଅଁର, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ମାନସୀ ପଣ୍ଡା, ସମ୍ବାଦ ପ୍ରତିନିଧି ତେଜସ୍କର ମହାପାତ୍ର ମଧୁବାବୁଙ୍କ ସ୍ମୃତିଚାରଣା କରିଥିଲେ। ସମ୍ପାଦକ ସୁବ୍ରତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜକ, ଅକ୍ଷୟ ପତି ମଞ୍ଚ ସଂଚାଳନ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଭାଇଭଉଣୀମାନେ ସ୍ୱାଗତ ସଂଗୀତ ପରିବେଷଣ ଓ ସୁଚିସ୍ମିତା ଗୁରୁମା ମଧୁବାବୁଙ୍କ ଜୀବନି ପାଠ କରିବା ସହିତ ପ୍ରଧାନ ଆଚାର୍ଯ୍ୟବିଜୟ କୁମାର ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଯୁକ୍ତା ମେହେର, ମିନାକ୍ଷୀ ପଣ୍ଡା, ରାନୀ ସାହୁ, କବିତା ପଟେଲ, ମମତା ରାଉଳ, ସରିତା ପଣ୍ଡା, ସଂଜନା ସିଂ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା।

## ଜିଲ୍ଲାପାଳଙ୍କ ବଡନାଳା ଜଳ ଭଣ୍ଡାର ପରିଦର୍ଶନ

ପଦ୍ମପୁର, (ଡିକେ ନ୍ୟୁଜ୍): ପଦ୍ମପୁର ବ୍ଲକ, କେନ୍ଦୁଗୁଡା ଠାରେ ୯୩୦ ହେକ୍ଟର ଜଳ ଆୟତ୍ତରେ ପରିବ୍ୟାପ୍ତ ବଡନାଳ ଜଳ ଭଣ୍ଡାରକୁ ରାୟଗଡା ଜିଲ୍ଲାପାଳ ପାରୁଲ ପଟୱାରୀ ପରିଦର୍ଶନ କରିବା ସହ, ସେଠାରେ ଥିବା - ମା'ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ବୁଲି ଦେଖିଥିଲେ। ଏହି ମତ୍ସ୍ୟ ସମବାୟ ସମିତିରେ ସମୁଦାୟ ୯୪ଜଣ ସଦସ୍ୟ ସଦସ୍ୟା ରହିଛନ୍ତି ଏବଂ ଏହି ସମବାୟ ସମିତିଟି ୧୬. ୭. ୨୦୦୧ ମସିହାରୁ ବଡ଼ନାଳ ଜଳ ଭଣ୍ଡାରରେ ମାଛ ଚାଷ କରିଆସୁଛନ୍ତି। ମାନନୀୟା ଜିଲ୍ଲାପାଳ, ରାୟଗଡା, ଏହି ଜଳ ଭଣ୍ଡାରରେ ମିଳୁଥିବା, ମାଛ ଓ ଚିଙ୍ଗୁଡ଼ି ପ୍ରଜାତି, ଏଠାରେ ଛଡ଼ାଯାଉଥିବା ମାଛ ଓ ଚିଙ୍ଗୁଡ଼ି ଯାଆଁଳର ପରିମାଣ, ମାଛ ଧରିବା ପଦ୍ଧତି, ବିକ୍ରି-ବଟାର ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ। ରାୟଗଡା ମତ୍ସ୍ୟ ବିଭାଗ ତରଫରୁ ମା'ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ ସଦସ୍ୟାମାନଙ୍କୁ



ଯୋଗାଇଦିଆଯାଇଥିବା ଡ଼ଙ୍ଗା, ଜାଲ, ମୋଟର- ସାଇକେଲ ସହ ବରଫ ବାକ୍ସ, ଇତ୍ୟାଦିର କାର୍ଯ୍ୟକାରିତା ବିଷୟରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ଶେଷରେ ଏଠାରେ ନୂତନ ଭାବେ ତିଆରି କରାଯାଇଥିବା ମତ୍ସ୍ୟ ଅବତରଣ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ପଞ୍ଚାୟତ ସମିତି ଅଧକ୍ଷା, ପଦ୍ମପୁର ମଣିମାଳା ଶବର, ସରପଞ୍ଚ, କେନ୍ଦୁଗୁଡା ସିଦ୍ଧେଶ୍ୱରୀ ଶବର, ଜିଲ୍ଲା ମତ୍ସ୍ୟ ଅଧିକାରୀ, ରାୟଗଡା ଜ୍ଞାନ ରଞ୍ଜନ ସେଠି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଦ୍ମପୁର ସ୍ୱସ୍ତିକ ଜମାଦାର, ସହକାରୀ ମତ୍ସ୍ୟ ଅଧିକାରୀ, ପଦ୍ମପୁର ଅଶ୍ୱିନୀ କୁମାର ବିଶ୍ୱାଳ, ସହକାରୀ ମତ୍ସ୍ୟ ଅଧିକାରୀ, ମୁଖ୍ୟାଳୟ, ରାୟଗଡା ସୁଶ୍ରୀ ପ୍ରୀତିଶ ନନ୍ଦା ପଟନାୟକ, ସହକାରୀ ଯନ୍ତ୍ରୀ, ବିପିସି, ପଦ୍ମପୁର ଏବଂ ମା'ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ।

## ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଯାଜପୁର, (ଡିକେ ନ୍ୟୁଜ୍): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ସୋମବାର ମୋଟ ୧୩୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୮ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୯୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର, ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଲୁହାପଥର ପରିବହନ ପାଇଁ ପାଇପ ଲାଇନ କାମକୁ ବନ୍ଦ କଲେ ଟ୍ରକ ମାଲିକ



କେନ୍ଦୁଝର, (ଡିକେ ନ୍ୟୁଜ୍): ପାଇପ ଲାଇନ ଯୋଗେ ଲୁହାପଥର ପରିବହନକୁ ବିରୋଧ କରି ସୋମବାର କେନ୍ଦୁଝର ଜିଲ୍ଲା ଟ୍ରକମାଲିକ ସଂଘ, ଯୋଡ଼ା ଟ୍ରକ ମାଲିକ ସଂଘ, ଆଞ୍ଚଳିକ ଟ୍ରକ ମାଲିକ ସଂଘ, ବଡ଼ବିଲ ଟ୍ରକ ମାଲିକ ସଂଘ, ଗୁଆଲି ଟ୍ରକ ମାଲିକ ସଂଘ, ଭଦ୍ରାସାହି ଟ୍ରକ ମାଲିକ ସଂଘ ଦ୍ୱାରା ଗଠିତ କୋର କମିଟିରେ ଥିବା ସଦସ୍ୟ ଓ ଟ୍ରକ ମାଲିକମାନେ ସୋମବାର କେନ୍ଦୁଝର ଜିଲ୍ଲାର ଗୋପାଳପୁର, କତରାବେଡା, ଘଟଗାଁ ଓ ଆନନ୍ଦପୁର ଅଞ୍ଚଳରେ ଚାଲୁଥିବା ପାଇପ ଲାଇନ କାମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛନ୍ତି। କୋର କମିଟି ସଦସ୍ୟମାନେ କହିଛନ୍ତି ଯେ ବିଗତ ଦିନମାନଙ୍କରେ ପାଇପ୍ ଲାଇନ ମାଧ୍ୟମରେ ଲୁହାପଥର ପରିବହନକୁ ବିରୋଧ କରି ଦୁଇ ଦୁଇ ଥର କାମ ବନ୍ଦ କରିଥିଲେ। ଜିଲ୍ଲା ଟ୍ରକ ଗୁଡ଼ିକୁ ଖଣିଜ ପରିବହନ କାର୍ଯ୍ୟରେ ଅଗ୍ରାଧିକାର ଦାବିକୁ ବହୁବାର ଲିଖିତ ତଥା ଧର୍ମଘଟ ଜରିଆରେ ସରକାରଙ୍କୁ ଜଣାଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ଟ୍ରକ ମାଲିକଙ୍କ ସ୍ୱାର୍ଥ ତଥା ଟ୍ରକ ଦ୍ୱାରା ଲୁହାପଥର ପରିବହନ ବ୍ୟବସାୟ ବିଷୟରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଯାହାର ଫଳ ସ୍ୱରୂପ ଜିଲ୍ଲାର ହଜାର ହଜାର ଟ୍ରକ କାର୍ଯ୍ୟ ନପାଇ ଠିଆ ହୋଇ ରହିଛନ୍ତି। ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ଏକ ଖଣି ଖାଦାନ ପୂର୍ଣ୍ଣ ଜିଲ୍ଲା ହୋଇଥିବାରୁ ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଯୁବତୀମାନେ ଟ୍ରକ ଯୋଗେ ଲୁହ ପଥର ପରିବହନ ବ୍ୟବସାୟକୁ ନିଜର ମୁଖ୍ୟ ବ୍ୟବସାୟ ଭାବରେ ଗ୍ରହଣ କରି ନେଇଛନ୍ତି ଓ ଏହି ପରିବହନ ବ୍ୟବସାୟ କରି ଗାଡିର ବ୍ୟାଙ୍କ୍ ଋଣ ଶୁଝିବା ସହ ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି। କେବଳ ଯେ ଗାଡି ମାଲିକମାନେ ଏହି ବ୍ୟବସାୟରୁ ଉପକୃତ ହେଉଛନ୍ତି ତାହା ନୁହେଁ ବରଂ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ବ୍ୟବସାୟ ଉପରେ ଜିଲ୍ଲାର ସମସ୍ତ ବ୍ୟକ୍ତି ବିଶେଷ ନିର୍ଭରଶୀଳ। ଏହି ଟ୍ରକ ପରିବହନ ବ୍ୟବସାୟ ଉପରେ ଜିଲ୍ଲାର ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତି ମଧ୍ୟ ନିର୍ଭର କରୁଅଛି। ପାଇପ ଲାଇନରେ ଲୁହାପଥର ପରିବହନ ହେଲେ ଜିଲ୍ଲାରେ ଉତ୍କଟ ଜଳାଭାବ ଦେଖାଦେବ। ତେଣୁ ପାଇପ୍ ଲାଇନ୍ କାମକୁ ତୁରନ୍ତ ବନ୍ଦ ନକଲେ ଆଗାମୀ ଦିନରେ ଏହି ବିରୋଧକୁ ଜୋରଦାର କରାଯିବ ବୋଲି କହିଛନ୍ତି କୋର କମିଟିର ସଦସ୍ୟମାନେ।

## ସମବାୟ ରଥର ଶୁଭାରମ୍ଭ



କେନ୍ଦୁଝର, (ଡିକେ ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ଆନ୍ତର୍ଜାତୀୟ ସମବାୟ ବର୍ଷ -୨୦୨୫ ପାଳନ ପରିପ୍ରେକ୍ଷୀରେ ଏବଂ ଭାରତର ପ୍ରଥମ ସମବାୟବିତ ଭାବେ ଖ୍ୟାତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସମବାୟ ପ୍ରଚାର ରଥ ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନିବନ୍ଧକ ସମବାୟ ସମିତି ସମୂହ, କେନ୍ଦୁଝର ଶୁଭ୍ରକାନ୍ତ ତୁଙ୍ଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଓ ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ସମବାୟ ସଚେତନତା ରଥ ଜିଲ୍ଲାର ଗାଁ ଗାଁ ସମବାୟ ସମିତି ବୁଲି ନୂତନ ସଭ୍ୟ ସଂଗ୍ରହ କରିବା ସହ ସମବାୟ ସମିତି ସହ ଯୋଡ଼ି ହୋଇ ଚାଷୀମାନଙ୍କ ହୋଇଥିବା ଆର୍ଥିକ ଉନ୍ନତି ବାବଦରେ ଲୋକଙ୍କୁ ସଚେତନ କରେଇବ।

## ବସୁନ୍ଧରା ଯୋଜନାରେ ଜମି ନ ଦେବାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦ୍ୱିତୀୟ ଥର ଅନଶନରେ ବସିଲେ ମା-ପୁଅ

ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ନାଉଗାଁ ଅଂଚଳର ରାସ୍ତା ପାର୍ଶ୍ୱରେ ଖାତା ନମ୍ବର-୧୦୨୫ ବାସନ୍ତୀ ମହାରଣା ଦୀର୍ଘ ୩୦ ବର୍ଷ ହେବ ବସବାସ କରି ଆସୁଛନ୍ତି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସ୍ଥାନୀୟ ତହସିଲଦାର ତାଙ୍କୁ ଜମିପଟ୍ଟା ନ ଦେବାରୁ ବାସନ୍ତୀ ଓ ତାଙ୍କ ପୁଅ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଦ୍ୱିତୀୟ ଥର ପାଇଁ ଅନଶନରେ ବସି ରହିଥିଲେ। ଘଟଣାସ୍ଥଳରେ ଭାରାପ୍ରାପ୍ତ ତହସିଲଦାର ଅଜୟ ମହାନ୍ତି ପହଁଚି ଯଥାଶୀଘ୍ର ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବାସନ୍ତୀ ଓ ତାଙ୍କ ପୁଅ ଅନଶନରୁ ଓହରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ବାସନ୍ତୀଙ୍କ ବାପ ଘର ଗଂଜାମ ଜିଲ୍ଲାରେ। ତାଙ୍କୁ ୧୮ ବର୍ଷ ବୟସ ହୋଇଥିବା ବେଳେ ସେ ଯାଜପୁର ଜିଲ୍ଲା ଯାଜପୁର ରୋଡସ୍ଥିତ ପଳାସିଆ ଗ୍ରାମର ଯୁବକ ସୁରେନ୍ଦ୍ର ମହାରଣାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଶାଶୁ ଘର କିମ୍ବା ବାପ ଘର ଲୋକ ତାଙ୍କୁ ଘରେ ରଖି ନଥିଲେ। ତେଣୁ ସେ ତାଙ୍କ ସ୍ୱାମୀଙ୍କ ସହ ନାଉଗାଁ ଆସିଥିଲେ। ଏଠାରେ ସ୍ୱାମୀ କାମ ଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀଙ୍କ ସହ କିଛି ବର୍ଷ ରହିବା ପରେ ସୁରେନ୍ଦ୍ର ତାଙ୍କୁ ଛାଡି କେଉଁଆଡେ ପଳାଇ ଗଲେ। ଖୋଜା ଖୋଜି କରିବା ପରେ ସେ ତାଙ୍କୁ ପାଇ ନଥିଲେ। ବାଧ୍ୟ ହୋଇ ବାସନ୍ତୀ ମୂଲ ମଜୁରୀ ଲାଗି ଏଠାରେ ପଡି ରହିଛନ୍ତି। ବାସନ୍ତୀଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଉକ୍ତ ବ୍ଲକରେ ତାଙ୍କର ରାସନ କାର୍ଡ, ଭୋଟର ପରିଚୟ ପତ୍ର, ଆଧାରକାର୍ଡ ଆଦି ରହିଛି। କିନ୍ତୁ ସରକାରଙ୍କ ବସୁନ୍ଧରା ଯୋଜନାରେ ବାରମ୍ବାର ଆବେଦନ କଲେ ମଧ୍ୟ ତାଙ୍କୁ ଜମିପଟା ଯୋଗାଇ ଦିଆଯାଉନାହିଁ। ଏସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି। ଶାଶୁ ଘରକୁ ଆଦୌ ଯାଇ ନଥିବାରୁ ଶାଶୁଘର କେଉଁଠି ସେ ଦେଖିନାହାନ୍ତି। ପୁଅ, ଝିଅ ବଡ ହେବା ପରେ ତାଙ୍କୁ କେଉଁ ଠାରେ ରଖିବି ଓ ସେମାନଙ୍କର ଭବିଷ୍ୟତ କ'ଣ ହେବ ତାହା ପାଇଁ ସେ ଚିନ୍ତିତ ଅଛନ୍ତି। ଗତ ମାର୍ଚ୍ଚ ୨ରେ ଜମିପଟ୍ଟାର ସମାଧାନ ନ ହେଲେ ଅପ୍ରେଲ ୨ରେ ଅନଶନରେ ବସିବା ପାଇଁ ପାଇଁ ଲିଖିତ ଭାବେ ଜଣାଇଥିଲେ। ଏହାର କୌଣସି ସମାଧାନ ନ ହେବାରୁ ଗତ ଅପ୍ରେଲ ୨ରେ ସେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ସହ ଏସଂକ୍ରାନ୍ତରେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜଗତସିଂହପୁର, ତହସିଲଦାର,ମାନବାଧିକାର କମିଶନ ଆଦିଙ୍କୁ ଜଣାଇଥିଲେ।

## ଅନ୍ତର ବିଦ୍ୟାଳୟ ସ୍କେଟିଂ ପ୍ରତିଯୋଗିତା

କୋରାପୁଟ, (ଡିକେ ନ୍ୟୁଜ୍): ପ୍ରକାଶ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ବିଭିନ୍ନ ବିଦ୍ୟାଳୟରୁ ପ୍ରତିଯୋଗି ଭାଗ ନେଇଥିଲେ। ସୁନାବେଡ଼ାରୁ ପ୍ରଶିକ୍ଷକ ଭୀମସେନ ସିଧୁ ଏବଂ ଦଳର ପ୍ରବନ୍ଧକ ରଘୁନାଥ ଖଟେଇଙ୍କ ନେତୃତ୍ୱରେ ଡିଏଭିଭିସ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଯୋଗି ଙ୍କୁ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସୁନାବେଡ଼ା ଦଳ ୬ଟି ଗୋଲଡ଼, ୫ଟି ସିଲବର ଓ ୪ଟି ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଥିଲେ। କେ.ସାଇକିରଣ ମୁଖ୍ୟ ରିଫେରି ହିସାବରେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସଫଳ ପ୍ରତିଯୋଗିଙ୍କୁ ପ୍ରକାଶ ବିଦ୍ୟାଳୟର ଅଧାକ୍ଷା କ୍ରିଷ୍ଟା ନିଶଙ୍କ ପୁରସ୍କାର ବିତରଣ କରିଥିଲେ।

## ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ, (ଡିକେ ନ୍ୟୁଜ): କୁମାର ଉତ୍ସବ ସମିତି ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଜମ୍ମୁ କାଶ୍ମୀର ସ୍ଥିତ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ବାଲେଶ୍ୱରର ଓଡିଆ ପର୍ଯ୍ୟଟକ ପ୍ରଶାନ୍ତ କୁମାର ଶତପଥିଙ୍କ ସମେତ ୨୮ଜଣ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିସହିତ ଆକ୍ରମଣରେ ଆହତ ସମସ୍ତ ଚିକିତ୍ସାଧୀନ ବ୍ୟକ୍ତି ଆସୁ ଆରୋଗ୍ୟ କାମନା ନିମନ୍ତେ ସମୁହ ପ୍ରାର୍ଥନା କରାଯାଇଛି। ନିଖିଳ ଓଡିଶା ଅଧିବକ୍ତା ସଂଘ ସଭାପତି ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ, ସମାଜ ସେବୀ ରାଜେଶ କୁମାର ମିଶ୍ର, ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ଅଧିବକ୍ତା ଶ୍ରୀକାନ୍ତ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ଭଏସଅଫ କମନ୍



ମ୍ୟାନ ଆବାହକ ହେକ୍ଟର ମିଶ୍ର, ପୁରୀ ଜିଲ୍ଲା କିନ୍ନର ସଂଘ ସଭାନେତ୍ରୀ ପ୍ରୀୟାନ୍ୱି ଦାସ, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ପୁରୀ ଆର୍ଟିଷ୍ଟ ଆସୋସିଏସନ୍ ସଭାପତି ଭରତ ନାୟକ, କବି ଶ୍ୟାମ ପ୍ରକାଶ ସେନାପତି, ସିନେ ଓ ମଞ୍ଚ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ପୁର୍ବତନ ସରପଞ୍ଚ ଅନୁପ କୁମାର ପୃଷ୍ଟି, ଜିବେଶ ଚନ୍ଦ୍ର ରଥ, ପୁର୍ବତନ ସେନା କର୍ମଚାରୀ ଗୌରୀ ଶଙ୍କର ସାମନ୍ତରାୟ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଦୂରଦର୍ଶନ ଉପସ୍ଥାପିକା ଜ୍ୟୋର୍ତିମୟୀ ପଣ୍ଡା, ଓଡ଼ିଶୀ ନୃତ୍ୟ ଗୁରୁ ନମସ୍ମିତା ସାହୁ ଓ ବରିଷ୍ଠ ଫଟୋ ସାମ୍ବାଦିକ ନିଗମ ପାତ୍ର ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ମୃତ ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ପ୍ରମୋଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଲୱେରେ ଚାକିରୀ କରାଇଦେବା ନାଁରେ ଠକେଇ, ଜଣେ ଗିରଫ



ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଖୋର୍ଦ୍ଧା ଶିକ୍ଷାଞ୍ଚଳ ଥାନା ଅଧିନସ୍ଥ ମୁକୁନ୍ଦପ୍ରସାଦ ଗ୍ରାମର ଅମିତ କୁମାର ପଣ୍ଡା ତାଙ୍କ ପିତାଙ୍କ ଆକସ୍ମିକ ମୃତ୍ୟୁ ପରେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଅମିତ ଚାକିରୀ ଖୋଜୁଥିବା ନେଇ ଅଭିଯୁକ୍ତ ବିଶେଶସୂତ୍ରରୁ ଜାଣିବାକୁ ପାଇଥିଲେ। ଏହାପରେ ଅଭିଯୁକ୍ତ ଫୋନ ମାଧ୍ୟମରେ ଅମିତ ମା'ଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତ ନିଜକୁ ପୂର୍ବତନ ଜଣେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ବୋଲି ପରିଚୟ ଦେଇଥିଲେ। ରେଲୱେ ବିଭାଗ ଅଧିକାରୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଅଛି, ସେ ଅମିତକୁ ରେଲୱେ ବିଭାଗରେ ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଚାକିରୀ କରାଇଦେବା ସହିତ ସେଥିପାଇଁ ୧୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏହାପରେ ଅମିତ ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ସହିତ ପର୍ଯ୍ୟାୟକ୍ରମେ ଫୋନ ପେ ମାଧ୍ୟମରେ ଅଭିଯୁକ୍ତକୁ ସମୁଦାୟ ୧୫ ଲକ୍ଷ ଟଙ୍କା ଦେଇଥିଲେ, ଯାହାର ପ୍ରମାଣ ସେ ଖୋର୍ଦ୍ଧା ଶିକ୍ଷାଞ୍ଚଳ ପୋଲିସ ନିକଟରେ ଦାଖଲ କରିଥିଲେ। ଦୀର୍ଘ ଦିନ ଅପେକ୍ଷାପରେ କରିବାପରେ, ସେ ଠକେଇର ଶିକାର ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏ ନେଇ ଅମିତ ଭୁବନେଶ୍ୱର ସ୍ଥିତ ସାଇବର ଥାନାରେ ଲିଖିତ ଅଭିଯୋଗ କରିବାପରେ ଅଭିଯୁକ୍ତର ଏଚଡିଏଫସି ବ୍ୟାଙ୍କରେ ଥିବା ଆକାଉଣ୍ଟକୁ ଫ୍ରିଜ କରାଯାଇଥିଲା। ଏଥିରେ ଅଭିଯୁକ୍ତ କ୍ରୋଧିତ ହୋଇ ଅମିତଙ୍କ ମା'ଙ୍କୁ ଫୋନରେ ଗାଳିଗୁଲଜ କରିବା ସହିତ ଥାନାରେ ପୁଅ ଅମିତ ନାଁରେ ମିଥ୍ୟା ଅଭିଯୋଗ କରି ତା ଭବିଷ୍ୟତ ବରବାଦ କରିଦେବ ବୋଲି ଧମକ ଦେଇଥିଲା। ଏ ନେଇ ଖୋର୍ଦ୍ଧା ଶିକ୍ଷାଞ୍ଚଳ ଥାନାରେ ଅମିତଙ୍କ ମା ଅଭିଯୋଗ କରିବାପରେ ଶିକ୍ଷାଞ୍ଚଳ ଥାନା ପକ୍ଷରୁ ଏକ ମାମଲା ନଂ - ୧୦୪/୨୫ ରୁଜୁ କରି ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ବାସୁଦେବ ଜୟସିଂହ, ସୁନିତା ବେହେରା ଏବଂ ଅନ୍ୟମାନଙ୍କୁ ନେଇ ଏକ ଟିମ ଗଠନ କରି ଅଭିଯୁକ୍ତର ମୋବାଇଲ ଫୋନ କଲ ରେକର୍ଡିଙ୍ଗକୁ ଟ୍ରାକିଙ୍ଗ କରିବା ସହିତ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ଅଭିଯୁକ୍ତ ହେଲେ ନୟାଗଡ ଜିଲ୍ଲା ଚନ୍ଦପୁର ଥାନା ଅଧିନସ୍ଥ ଓସ୍ତପଡ଼ା ଗ୍ରାମର ଦିବ୍ୟାଙ୍ଗ ଯୁବକ ସୁକାନ୍ତ ପାଇକରାୟ (୪୬)। ଅଭିଯୁକ୍ତ ସୁକାନ୍ତ ପୂର୍ବରୁ ନିଜକୁ ସିବିଆଇ ଅଫିସର ବୋଲି ପରିଚୟ ଦେଇ ଠକେଇ କରିଥିବା ଅଭିଯୋଗରେ ତାଙ୍କ ନାଁରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ପୁରୀ, ଚନ୍ଦନପୁର ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି।

# ପଦ୍ମପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ପଦ୍ମପୁର/ରାୟଗଡ, (ଡିକେ ନ୍ୟୁଜ୍): ପଦ୍ମପୁର ବ୍ଲକ ସଦଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡ଼ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ପଦ୍ମପୁର ବ୍ଲକ ଅଧକ୍ଷା ମଣୀମାଳା ଶବର, ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୧୮ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୧୫ଟି ବ୍ୟକ୍ତିଗତ, ୩ଟି ସାମୁହିକ, ତିନୋଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ତିରିଶି ହଜାର ଟଙ୍କା, ଜଣଙ୍କୁ ରେଡ଼କ୍ରସରୁ ଦଶ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶିବିରରେ ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଭାରପ୍ରାପ୍ତ ତହସିଲଦାର ଆଡିଲା ସ୍ନେହଲତା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଅବକାରୀ ନିରୀକ୍ଷକ ପ୍ରୀତିଧାରା ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ପଦ୍ମପୁର ଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଦ୍ମ ପୁରସ୍କାର...

୧୯୯୮-୨୦୦୮ ମଧ୍ୟରେ ତାଙ୍କ ନାଁରେ ଭାରତରେ ତୃତୀୟ ସର୍ବାଧିକ ଓ ଏମ୍ସରେ ସର୍ବାଧିକ ସଂଖ୍ୟକ ମେଡିକାଲ ପବ୍ଲିକେସନ୍ ଥିଲା। ତାଙ୍କର ୨୬,୮୦୦ରୁ ଅଧିକ ସାଇଟେସନ ସହିତ ୮୭୦ ପ୍ରକାଶନ ଏବଂ ଏଚ୍ ଇଣ୍ଡେକ୍ସ ୬୪ ଏବଂ ଆଇ ୧୦ ଇଣ୍ଡେକ୍ସ ୫୬୯ ରହିଛି। ୨୦୧୯ ରୁ ୨୦୨୩ ମଧ୍ୟରେ ସେ ବିଶ୍ୱର ୨% ପ୍ରମୁଖ ନ୍ୟୁରୋ ବୈଜ୍ଞାନିକ, ବିଶ୍ୱର ପ୍ରମୁଖ ୫% ନ୍ୟୁରୋସର୍ଜନ ଏବଂ ପ୍ରମୁଖ ୧% ପେଡିଆଟ୍ରିକ ନ୍ୟୁରୋ ସର୍ଜନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ପ୍ରଫେସର (ଡ.) ମହାପାତ୍ର ୩ ବର୍ଷ (୨୦୦୬-୨୦୦୯) ପାଇଁ ଏସଜିପିଜିଆଇର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ ଏବଂ ଏହି ୩ ବର୍ଷ ମଧ୍ୟରେ ସେ ସ୍କୁଲ ଅଫ୍ ଟେଲିମେଡିସିନ୍, ଲିଭର ଟ୍ରାନ୍ସପ୍ଲାଣ୍ଟ ସେଣ୍ଟର, ବିଏମ୍ଟି ସେଣ୍ଟର, ଆଡଭାନ୍ସଡ୍ ପେଡିଆଟ୍ରିକ ସେଣ୍ଟର, ଟ୍ରମା ସେଣ୍ଟର ଇତ୍ୟାଦି ୧୦-୧୨ରୁ ଅଧିକ ପ୍ରକଳ୍ପକୁ ସଫଳତାର ସହ ଶେଷ କରି ଏସଜିପିଜିଆଇର ଦ୍ୱିତୀୟ ପର୍ଯ୍ୟାୟ (୨୦୦୬-୨୦୦୯) ଶେଷ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଏସ୍ ଜିପିଜିଆଇରେ ୬ଟି ବିଭାଗ ଆରମ୍ଭ ହୋଇଥିଲାୟ ୧) ହସ୍ପିଟାଲ ପ୍ରଶାସନ, ୨) ପେଡିଆଟ୍ରିକ ସର୍ଜରୀ, ୩) ପଲମୋନାରି ମେଡିସିନ, ୪) ମାତୃତ୍ୱ ଓ ପ୍ରଜନନ ସ୍ୱାସ୍ଥ୍ୟ, ୫) ନିଓନାଟୋଲୋଜି ଏବଂ ୬) ମଲିକ୍ୟୁଲାର ମେଡିସିନ। ପ୍ରଫେସର (ଡାକ୍ତର) ମହାପାତ୍ର ୨୦୧୨ ମସିହାରେ ଆରମ୍ଭ ହୋଇଥିବା ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ। ୨୦୧୨ରୁ ୨୦୧୬ ମଧ୍ୟରେ ୪ ବର୍ଷ ମଧ୍ୟରେ ଏମବିବିଏସ୍, ବିଏସସି (ନର୍ସିଂ ଅନର୍ସ), ପିଜି ଓ ଡିଏମ୍, ଏମସିଏଚ୍ ଆରମ୍ଭ ହୋଇଥିଲା। ସେ ୨୦୧୫ରେ ଭୁବନେଶ୍ୱର ଏମ୍ସ ବିଏସସି (ଅନର୍ସ) ମେଡିକାଲ ଟେକ୍ନୋଲୋଜିର ଶୁଭାରମ୍ଭ କରିଥିଲେ। ଦୁର୍ଗା ଚରଣ ରଣବୀର: ଓଡ଼ିଶୀ ନୃତ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଦୁର୍ଗା ଚରଣ ରଣବୀର ତାଙ୍କର ଅସାଧାରଣ ନୃତ୍ୟକଳା ପାଇଁ ଜଣାଶୁଣା ଏବଂ ଜଣେ ଗୁରୁ ଭାବରେ ସମ୍ମାନିତ। ଏହି କ୍ଷେତ୍ରର ଅନ୍ୟତମ ବରିଷ୍ଠ ଗୁରୁ ଭାବରେ ତାଙ୍କର ଅନ୍ତର୍ଜାତୀୟ ସ୍ୱୀକୃତି ତାଙ୍କ ଯୋଗ୍ୟତାର ପ୍ରମାଣ। ତାଙ୍କର ଚାରି ଦଶନ୍ଧିର କ୍ୟାରିୟରରେ ସେ ଏହି ନୃତ୍ୟର ପ୍ରଚାର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ଜଣେ ନୃତ୍ୟଶିଳ୍ପୀ, ପ୍ରଦର୍ଶକ, ଗୁରୁ ଏବଂ କୋରିଓଗ୍ରାଫର ଭାବରେ କାର୍ଯ୍ୟ କରିଥିଲେ। ୧୯୫୧ ମସିହା ମାର୍ଚ୍ଚ ପହିଲାରେ ଓଡ଼ିଶାର କାମଗୁରୁରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରଣବୀର ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଗୁରୁ ଦେବ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରିଥିଲେ। ସେ ମଧ୍ୟ ଡ. ମିନତି ମିଶ୍ର ଓ ଗୁରୁ ପଙ୍କଜ ଚରଣ ଦାସଙ୍କଠାରୁ ଅତିରିକ୍ତ ତାଲିମ ପ୍ରାପ୍ତ କରିଥିଲେ। ସେ ସମ୍ମାନଜନକ ନୃତ୍ୟଚାର୍ଯ୍ୟ ଡିଗ୍ରୀ ହାସଲ କରିଥିଲେ, ଯାହା ତାଙ୍କ ପେସାଦାର ଯାତ୍ରାକୁ ସୁଗମ କରିଥିଲା। ତାଙ୍କ ଶିକ୍ଷା ବ୍ୟତୀତ ଶ୍ରୀ ରଣବୀର ଏକ ନୃତ୍ୟଶିକ୍ଷା ମନ୍ଦିର (ନୃତ୍ୟାୟନ) ପ୍ରତିଷ୍ଠା କରିଥିଲେ। ଏହି ଅନୁଷ୍ଠାନ ପାରମ୍ପରିକ ଗୁରୁକୁଳ ପଦ୍ଧତି ଅନୁସରଣ କରେ ଏବଂ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଭାବ ବିସ୍ତାର କରିଛି। ଏହାର ଯୁକ୍ତରାଷ୍ଟ୍ର ଆମେରିକାରେ ପଦ୍ମ, କାନାଡାରେ ତରାନା ଏବଂ ମାଲେସିଆରେ କଳ୍ପନା ପରି କେନ୍ଦ୍ର ରହିଛି। ତାଙ୍କ ଛାତ୍ରଛାତ୍ରୀମାନେ ରାଜ୍ୟ ଏବଂ କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ଉସ୍ତାଦ ବିସମିଲ୍ଲା ଖାଁ ଯୁବ ପୁରସ୍କାର, ମାହାରୀ ସମ୍ମାନ ଭଳି ସମ୍ମାନଜନକ ସମ୍ମାନ ହାସଲ କରି ଉଲ୍ଲେଖନୀୟ ସ୍ୱୀକୃତି ହାସଲ କରିଛନ୍ତି। ତାଙ୍କର ୧୨୦ରୁ ଅଧିକ ଛାତ୍ରଛାତ୍ରୀ ଜାତୀୟ ବୃତ୍ତି ପାଇଛନ୍ତି। ସେହିପରି ୪୦ରୁ ଅଧିକଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଥିବା ବେଳେ ୩୦ରୁ ଅଧିକ ଙ୍କୁ ଆଇସିସିଆରର ତାଲିକାଭୁକ୍ତ କଳାକାର ଏବଂ ଦୂରଦର୍ଶନର ୧୦ ଜଣ ଟପ୍ ଗ୍ରେଡ୍ କଳାକାର ଭାବେ ସ୍ୱୀକୃତି ମିଳିଛି। ଶ୍ରୀ ରଣବୀରଙ୍କ ପ୍ରଦର୍ଶନ, କର୍ମଶାଳା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମଗ୍ର ବିଶ୍ୱରେ ପ୍ରସାରିତ ହୋଇଛି, ଯାହା ତାଙ୍କୁ ଆମେରିକା, ଜାପାନ, ଅଷ୍ଟ୍ରେଲିଆ, ଭେନେଜୁଏଲା, ପାନାମା, କୋଷ୍ଟାରିକା, କଲମ୍ବିଆ, ଫ୍ରାନ୍ସ, ଚାଇନା, କୋରିଆ, ବାଂଲାଦେଶ, ଶ୍ରୀଲଙ୍କା, ହଙ୍ଗେରୀ, ବୁଲଗେରିଆ ଏବଂ ଜର୍ମାନୀ ଭଳି ବିଭିନ୍ନ ଦେଶରେ ପହଞ୍ଚାଇଛି। ଭାରତରେ ସେ ଖଜୁରାହୋ, କୋଣାର୍କ, ଘୁଙ୍ଗରୁ, ନିସାଗନ୍ଧି, ସୂର୍ଯ୍ୟ, ନାଟ୍ୟାଞ୍ଜଳି, ନଟରାଜ ମହୋତ୍ସବ, ହରିଦାସ ସମ୍ମିଳନୀ, ଅନନ୍ୟା ମହୋତ୍ସବ ଏବଂ ଅନ୍ତର୍ଜାତୀୟ ଓଡ଼ିଶୀ ମହୋତ୍ସବ ସମେତ ପ୍ରମୁଖ ନୃତ୍ୟ ମହୋତ୍ସବ ଏବଂ ସଙ୍ଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଏବଂ ବିଭିନ୍ନ ରାଜ୍ୟ ସଂଗଠନ ଦ୍ୱାରା ଆୟୋଜିତ ନୃତ୍ୟ ମହୋତ୍ସବରେ ଉଭୟ ଏକାକୀ ଏବଂ ଦଳଗତ ଭାବରେ ପରିବେଷଣ କରିଛନ୍ତି। ଶ୍ରୀ ରଣବୀରଙ୍କ କୋରିଓଗ୍ରାଫି ପାରମ୍ପରିକ ନୃତ୍ୟ ପ୍ରତି ତାଙ୍କର ଗଭୀର ବୁଝାମଣା ଏବଂ ଗଭୀର ଶ୍ରଦ୍ଧାର ପ୍ରମାଣ, ଯେଉଁଥିରେ 'ଶବ୍ଦ-ସ୍ୱର-ପଟ୍ଟ' ଭଳି ଉପାଦାନ ସାମିଲ ଅଛି। ତାଙ୍କର ୨୦ରୁ ଅଧିକ ମଙ୍ଗଳାଚରଣ, ୧୮ଟି ପଲ୍ଲବୀ ଓ ୧୦୦ଟି ଅଭିନୟ ସହିତ 'ରାମାୟଣରୁ ଭାରତୀୟ ନାରୀ', 'ନବଗ୍ରହରୁ ଗୋପୀନାଥ ଜଗନ୍ନାଥ', 'କୋଣାର୍କରୁ ଚନ୍ଦ୍ର ଉପାସନା' ଓ 'ଆଦିତ୍ୟ ଅର୍ଚ୍ଚନା' ଭଳି ଉଲ୍ଲେଖନୀୟ ନୃତ୍ୟ ନାଟକ ରହିଛି। ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ପାଇଁ ଚୟନ ସମିତିର ସଦସ୍ୟ ଏବଂ ଜାତୀୟ ବୃତ୍ତି ପାଇଁ ବିଚାରକ ଭାବରେ ତାଙ୍କର ଦକ୍ଷତା ବ୍ୟାପକ ଭାବରେ ସ୍ୱୀକୃତିପ୍ରାପ୍ତ। ଶ୍ରୀ ରଣବୀର ଓଡ଼ିଶା ରାଜ୍ୟ ଏକାଡେମୀ ପୁରସ୍କାର ଏବଂ କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସମେତ ଅନେକ ପୁରସ୍କାର ପାଇଛନ୍ତି। ଦୂରଦର୍ଶନ ଦ୍ୱାରା ସେ ଶୀର୍ଷ ବର୍ଗର କୋରିଓଗ୍ରାଫର ଏବଂ ଆଇସିସିଆର ଦ୍ୱାରା ଜଣେ ଉତ୍କୃଷ୍ଟ ଗୁରୁ ଭାବରେ ପ୍ରଶଂସିତ ହୋଇଛନ୍ତି।

### ଭାରତ ଓ ଫ୍ରାନ୍ସ ମଧ୍ୟରେ...

ସମର୍ଥନ, ନୌସେନା କର୍ମୀଙ୍କ ପାଇଁ ତାଲିମ ଆଦି ପାଇଁ ମଧ୍ୟ ଫ୍ରାନ୍ସ ସହ ଚୁକ୍ତି କରାଯାଇଛି। ଏହି ଜେଟଗୁଡ଼ିକ ମିଟିଅର୍ ଏୟାର-ଟୁ-ଏୟାର୍ ମିସାଇଲ୍, ଏକ୍ସୋସେଟ୍ ଆଣ୍ଟି-ସିପ୍ ମିସାଇଲ୍ ଏବଂ ସ୍କାଲ୍ପ କ୍ରୁଜ୍ ମିସାଇଲ୍ ସହିତ ସୁସଜ୍ଜିତ କରାଯିବ। ଏହା ସହିତ ବିଭିନ୍ନ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ର ଓ ରୁଦ୍ରମ ମିସାଇଲ୍ ମଧ୍ୟ ସଂଯୋଜନ କରାଯିବାର ଲକ୍ଷ୍ୟ ରହିଛି। ତେବେ ବିମାନ ହସ୍ତାନ୍ତର ପ୍ରକ୍ରିୟା ୨୦୨୯ ଶେଷ ସୁଦ୍ଧା ଆରମ୍ଭ ହୋଇ ଏବଂ ୨୦୩୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। ଏହି ଜେଟଗୁଡ଼ିକ ଭାରତୀୟ ନୌସେନାର ପୁରୁଣା ମିଗ୍-୨୯କେ ବିମାନକୁ ବଦଳାଇ ଏହା ସ୍ଥାନରେ କାର୍ଯ୍ୟ କରିବେ। ଆସନ୍ତା ୨୦୩୧ ସୁଦ୍ଧା ପର୍ଯ୍ୟାୟକ୍ରମେ ମିଗ୍-୨୯କେ ବିମାନକୁ ରିଟାୟର୍ଡ କରିବାକୁ ଭାରତୀୟ ନୌ-ସେନା ଯୋଜନା ରଖିଛି। ଏହି ଚୁକ୍ତି ଭାରତୀୟ ନୌସେନାର ବିମାନ ଶକ୍ତିକୁ ଉନ୍ନତ କରିବା ସହ ଭାରତ ମହାସାଗର ଅଞ୍ଚଳରେ ଚୀନ୍ ଏବଂ ଅନ୍ୟାନ୍ୟ ପ୍ରତିଦ୍ୱନ୍ଦୀଙ୍କ ସାମରିକ ଗତିବିଧି ଉପରେ ନଜର ରଖିବାରେ ସହାୟକ ହେବ। ଏହା ମଧ୍ୟ 'ମେକ୍ ଇନ୍ ଇଣ୍ଡିଆ' ଉଦ୍ୟମକୁ ପ୍ରୋତ୍ସାହନ ଦେବ। କାରଣ ଏହି ଚୁକ୍ତିରେ ବିମାନରେ ସ୍ୱଦେଶୀ ଉପାଦାନ ଓ ଭାରତୀୟ ମିସାଇଲ୍ ଆଦିର ବ୍ୟବହାର କରାଯିବାକୁ ନେଇ ଚୁକ୍ତି ସମ୍ପାଦନ ହୋଇଛି। ଏହି ଚୁକ୍ତି ନୂଆଦିଲ୍ଲୀର ନୌସେନା ଭବନରେ ସ୍ୱାକ୍ଷରିତ ହୋଇଛି, ଯେଉଁଠାରେ ଫ୍ରାନ୍ସର ରାଷ୍ଟ୍ରଦୂତ ଏବଂ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଉପସ୍ଥିତ ଥିଲେ। ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାସଟିଆନ୍ ଲେକରନୁ ଏହି ଚୁକ୍ତିରେ ସାମିଲ ହେବାର ଯୋଜନା ରହିଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବା କାରଣରୁ ସେ ତାଙ୍କ ଭାରତ ଗସ୍ତକୁ ଶେଷ ସମୟରେ ବାତିଲ କରିଥିଲେ। ଏହା ପୂର୍ବରୁ ୨୦୧୬ରେ ଭାରତୀୟ ବାୟୁସେନା ପାଇଁ ୩୬ଟି ରାଫେଲ ଜେଟ୍ କିଣାଯାଇଥିଲା। ଯାହା ବର୍ତ୍ତମାନ ଆମ୍ବାଲା ଓ ହାସିମାରା ଏୟାର ବେସରୁ ପରିଚାଳିତ ହେଉଛନ୍ତି। ନୂଆ ଡିଲ୍ ସହିତ ଭାରତର ମୋଟ ରାଫେଲ ସଂଖ୍ୟା ୬୨କୁ ବୃଦ୍ଧି ପାଇବାକୁ ଯାଉଛି। ଯାହା ୪.୫+ (ଯୁକ୍ତ) ପିଢ଼ିର ବିମାନ ଭାବେ ଦେଶର ସାମରିକ ଶକ୍ତିକୁ ବଢ଼ାଇବାରେ ସହାୟକ ହେବେ। ଏହି ଚୁକ୍ତି ଭାରତର ନୌସେନା ଶକ୍ତି ଓ ଇଣ୍ଡୋ-ପ୍ୟାସିଫିକ ଅଞ୍ଚଳରେ ଭାରତୀୟ ସେନାର ସାମରିକ ପ୍ରଭାବକୁ ନୂଆ ଉଚ୍ଚତା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

### ଅର୍ବାନ କୋ-ଅପରେଟିଭ...

ଏନ୍ତୁଡ଼ିଶାଳ। ମୋଦୀଜୀଙ୍କ ନେତୃତ୍ୱରେ ସେଠାରେ ସମବାୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମତ ଦେଇ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପାକ୍ସ ଗଠନ କରାଯାଇଛି। ଏଇ ନୂଆ ପାକ୍ସ ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଇରମା ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ରିଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଜ୍ ସିଦ୍ଧାର୍ଥ ଦାସ ଏବଂ ଇରମା ସ୍କୁଲର ନିର୍ଦ୍ଦେଶକ ଉମାକାନ୍ତ ଦାଶ ଏମଓୟୁ ସ୍ୱାକ୍ଷର କରିଥିଲେ। ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଏହା ଏକ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ ଯେ, ଭାରତୀୟ ସଂସ୍କୃତିର ଚିନ୍ତାଧାରା 'ବହୁଜନ ହିତାୟ, ବହୁଜନ ସୁଖାୟ' ର ମୌଳିକ ଆଦର୍ଶରେ ସମବାୟ ଗୁଡ଼ିକ ଗଠନ କରାଯାଇଛି। ପୂର୍ବ ସରକାର ଜମାକାରୀଙ୍କ ଦୁଃଖ ବୁଝିବାକୁ ଚେଷ୍ଟା କରିନଥିଲେ। ତେବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଏକ ଦରଦୀ ହୃଦୟର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆଜି ସେହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ବୈଠକରେ ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ଭକ୍ତମାନଙ୍କ ମନରେ...

ମାନସିକଘଟ ମନ୍ଦିର ମଧ୍ୟରେ ପ୍ରବେଶ କରନ୍ତି। ମନ୍ଦିରରେ ଉଭୟ ଦ୍ୱାର ଖୋଲା ରହୁଥିବା ବେଳେ ମା'ଙ୍କ ମଧ୍ୟାହ୍ନ ପହଡ଼ ଓ ରାତ୍ରୀପହଡ଼ ପରେ ପୂର୍ବଦ୍ୱାର ଖୋଲା ରହୁଥିବା ବେଳେ ଉତ୍ତର ଦ୍ୱାର ବନ୍ଦ କରାଯାଇଥାଏ। ମଧ୍ୟରାତ୍ରୀରେ ମା' ଉକ୍ତ ଦ୍ୱାର ଦେଇ ଚଳପ୍ରଚଳ ହେଉଥାନ୍ତି। ପୂର୍ବରୁ ମଧ୍ୟରାତ୍ରୀରେ ଏହି ଦ୍ୱାର ଦେଇ ଯାତାୟାତ କରୁଥିବା ବେଳେ ବହୁ ଅଘଟଣ ଘଟିଥିବା ଲୋକକଥା ରହିଛି। ଉକ୍ତ ଦ୍ୱାର କେବଳ ମା'ଙ୍କ ଯାତାୟାତ ରାସ୍ତା। ଏହାଛଡ଼ା ମା'ଙ୍କ ମନ୍ଦିରକୁ ପଣାପାଣି ହାଣ୍ଡି ଆସିବା ବେଳେ ଏହି ଦ୍ୱାର ଦେଇ ଆସିବାର ବିଧି ରହିଛି।

### ବଦଳିଲା ତତଲା...

ଝାରସୁଗୁଡ଼ାରେ ପାରଦ ୩୫ ଡିଗ୍ରୀକୁ ଖସି ଆସିଥିବା ବେଳେ ବୌଦ୍ଧରେ ୩୨.୮, ବଲାଙ୍ଗିର ୩୫.୫, ଟିଟିଲାଗଡ଼ ୩୪.୫, ସମ୍ବଲପୁର ୩୪.୪ ଏବଂ ହୀରାକୁଦରେ ୩୨.୭ଡିଗ୍ରୀକୁ ହ୍ରାସ ପାଇଛି। କିନ୍ତୁ ଭୁବନେଶ୍ୱରରେ ଦିନ ତାପମାତ୍ରା ସାମାନ୍ୟ ବଢ଼ି ୩୮.୧ ଡିଗ୍ରୀରେ ପହଞ୍ଚିଛି। ସେହିପରି କଟକ ୩୫.୪, ବାଲେଶ୍ୱର ୩୨.୪, ରାଉରକେଲା ୩୧.୨, ଦେବଗଡ଼ ୩୨.୬ ଏବଂ ଦାରିଙ୍ଗବାଡ଼ିରେ ପାରଦ ୨୯.୫ ଡିଗ୍ରୀ ରହିଥିବା ରେକର୍ଡ଼ କରାଯାଇଛି।

## ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟର ଅଭିନବ ପ୍ରୟାସ

# ବିଲୁପ୍ତ ପ୍ରାୟ ଘରଚଟିଆ ଓ ପକ୍ଷୀଙ୍କ ପାଇଁ ବସା ନିର୍ମାଣ



ସମ୍ବଲପୁର, (ଡିକେ ନ୍ୟୁଜ୍): ପରିବର୍ତ୍ତନ, ସହରୀକରଣ ଓ ପ୍ରଦୂଷଣ କାରଣରୁ ଏବେ ବିଲୁପ୍ତ ପ୍ରାୟ ଘରଚଟିଆ ଓ ପକ୍ଷୀ। ଏକଦା ବହୁଳମାତ୍ରାରେ ନଜର ଆସୁଥିବା ଏହି ପକ୍ଷୀ ଏବେ ଅଦୃଶ୍ୟପ୍ରାୟ ଯାହାକୁ ନେଇ ପରିବେଶବିତ ଓ ପ୍ରକୃତିପ୍ରେମୀମାନେ ଚିନ୍ତା ବ୍ୟକ୍ତ କରିଆସୁଛନ୍ତି। ସେମାନଙ୍କ ଅସ୍ତିତ୍ୱ ନିଶ୍ଚିହ୍ନ ହୋଇଯିବା ପୂର୍ବରୁ ସେମାନଙ୍କ ପାଇଁ ଅନୁକୂଳ ବାତାବରଣ ପ୍ରୟାସ ଆରମ୍ଭ ହୋଇଛି। ସମ୍ବଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିର ଘରଚଟିଆ ଓ ପକ୍ଷୀଙ୍କ ପାଇଁ ଆଶ୍ରୟସ୍ଥଳୀ କରାଯାଇଛି। ସେମାନଙ୍କର ହ୍ରାସ ପାଉଥିବା ଜନସଂଖ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି। ଏହାରି ମଧ୍ୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମ୍ବଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଗ୍ରହଣ କରିଛି। ଏହି ବିଲୁପ୍ତ ପ୍ରାୟ ପକ୍ଷୀଙ୍କୁ ସୁରକ୍ଷା ଦେବା ସେମାନଙ୍କ ବସବାସ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତ କରାଯାଇଛି କୃତ୍ରିମ ବସା। ଘରଚଟିଆମାନେ ଏଠାକୁ ଆସି ବସବାସ କରିବେ ଓ ସେମାନଙ୍କ ବଂଶବୃଦ୍ଧି ହେବ ବୋଲି ଆଶା ବ୍ୟକ୍ତ କରାଯାଉଛି। ମନ୍ଦିର ପ୍ରାଙ୍ଗଣରେ ଝୁଲାଯାଇଛି ପ୍ରାୟ ୨୦ଟି ବସା। ମନ୍ଦିର ପ୍ରାଙ୍ଗଣରେ ଥିବା ଗଛ ଗୁଡିକରେ ବସା ପ୍ରସ୍ତୁତ କରାଯାଇଛି। ଅବିକଳ ସେମାନଙ୍କ ବସା ଆକାରରେ ଏହାକୁ ଝୁଲନ୍ତା ଅବସ୍ଥାରେ ରଖାଯାଇଛି। ମୁଖ୍ୟତଃ ପର୍ଯ୍ୟଟକମାନଙ୍କୁ ଛଡା ଯାଉନଥିବା ୱାଚ-ଟାୱାରର ଏହି ପ୍ରଥମ ମହଲାରେ ଏହି ବ୍ୟବସ୍ଥା କରାଯାଇଛି। ଏହି ସ୍ଥାନରେ ଲୋକଙ୍କ ଯାତାୟତ ପ୍ରାୟ ନଥିବାରୁ ଏହି ସ୍ଥାନକୁ ଘରଚଟିଆମାନେ ନିଜର ବସା ଭାବେ ସୁରକ୍ଷିତ ମଣିବେ ବୋଲି ଭାବି ଏହି ପଦକ୍ଷେପ ନିଆଯାଇଛି। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟବାବୁ କହିଛନ୍ତି ମା'ଙ୍କ ପୀଠର ଯେଉଁ ଉନ୍ନତୀକରଣ ହୋଇଛି ତାର ପରିବେଶକୁ ଆହୁରି ଉନ୍ନତ କରିବା ପାଇଁ ଏଠି ପକ୍ଷୀ କଳରବ ଶୁଭିବାର ଆବଶ୍ୟକତା ରହିଛି। ତାହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସହରୀକରଣ ଫଳରେ ଏବେ କଂକ୍ରିଟ ଜଙ୍ଗଲ ପରି ସ୍ଥିତି ସୃଷ୍ଟି ହେଲାଣି। ଘରଚଟିଆ, ବଣି ଭଳି ପକ୍ଷୀ ନିଶ୍ଚିହ୍ନ ହେବାରେ ଲାଗିଲେଣି ତାଙ୍କୁ ସୁରକ୍ଷା ଦେବା ପାଇଁ ଆମ ସମ୍ବଲପୁରର କିଛି ବ୍ୟକ୍ତି ଏହି ଦିଗରେ ଉଦ୍ୟମ କରିଆସୁଛନ୍ତି। ସେମାନଙ୍କଠାରୁ ପ୍ରେରଣା ନେଇ ସମଲେଶ୍ୱରୀ ମନ୍ଦିର ପରିସରରେ ଏହି ବ୍ୟବସ୍ଥା କରିବାକୁ ଚିନ୍ତା କରାଯାଇଛି। ମନ୍ଦିର ପ୍ରାଙ୍ଗଣରେ ବହୁ ସୁରକ୍ଷିତ ସ୍ଥାନ ଅଛି ଏବଂ ବହୁତ ଘରଚଟିଆ ରହିଲା ଭଳି ଗଛ ମଧ୍ୟ ଲଗାଇଛୁ। ଯାହା ବିଶେଷଜ୍ଞଙ୍କଠାରୁ ଜାଣିବାକୁ ପାଇଲୁ ଯେ, ଘରଚଟିଆ ଉକ୍ତ ବସାକୁ ଆସିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ହେବ। ଯେଉଁ ଜାଗାରେ ସେମାନଙ୍କର ବସା, ଖାଦ୍ୟ, ପିଇବା ପାଣିର ବ୍ୟବସ୍ଥା କରାଯାଇଛି ତାହା ସମ୍ପୂର୍ଣ ନିରାପଦ ସ୍ଥାନୟ ଆଶା କରାଯାଉଛି ଖୁବଶୀଘ୍ର ଏଠି ଘରଚଟିଆ ଆସି ବସା ବାନ୍ଧିବେ ଓ ସେମାନଙ୍କ ବଂଶ ବିସ୍ତାର କରି ଟ୍ରଷ୍ଟର ପ୍ରୟାସ ସାର୍ଥକ ହେବ।

# ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ

ସାଲେପୁର, (ଡିକେ ନ୍ୟୁଜ୍): ସାଲେପୁର ଇନଷ୍ଟିଚ୍ୟୁଟ ଅଫ ଫାର୍ମାସୀର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷପ୍ରବୀର କୁମାର ସିନ୍ହା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ରିହାବିଲିଏସନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଓଲଟପୁରର ନିର୍ଦ୍ଦେଶକ ଡ଼.ପତିତପାବନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗମୁଖ୍ୟ ଡ଼.ସଂଘମିତ୍ରା ଭଞ୍ଜ ଯୋଗ ଦେଇ ଉପାଦେୟ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ଡ଼.ମହେନ୍ଦ୍ର କୁମାର ମହାନ୍ତି, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସତ୍ୟ ନାରାୟଣ ଦାଶ, ଭାରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ସମ୍ପର୍କରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟି ସଭାପତି ପ୍ରଫେସର ଦେବୀ ପ୍ରସାଦ ଦାଶ ଯୋଗ ଦେଇ ପ୍ରତିଷ୍ଠାତା ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ଆନ୍ତେମ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅଧ୍ୟାପିକା ଶ୍ୟାମଳୀ ଶତପଥୀଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳକ ଡ଼.ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ସମସ୍ତ ଅଧ୍ୟାପକ, କର୍ମଚାରୀ ସହାୟତା କରିଥିଲେ।

# ପର୍ଶୁରାମ ଜୟନ୍ତୀରେ ହେବ ଭବ୍ୟ ଶୋଭାଯାତ୍ରା




ସମ୍ବଲପୁର, (ଡିକେ ନ୍ୟୁଜ୍): ଆସନ୍ତା ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଦିନ ପଶ୍ଚିମ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ଭବ୍ୟ ଶୋଭାଯାତ୍ରା ଆୟୋଜିତ କରାଯିବ। ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ସୋମବାର ପଶ୍ଚିମ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ସଂଯୋଜକ ବେଣୁଧର ଦାଶ କହିଥିଲେ। ସେ ଆହୁରି କହିଥିଲେ ଯେ, ଏହି ଦିନ ପୂର୍ବାହ୍ନ ୮ ଘଣ୍ଟା ସମୟରେ ବୈଦ୍ୟନାଥ ଛକ ସ୍ଥିତ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିରେ ପଞ୍ଚୋପଚାର ପୂଜା ତଥା ମହାଆଳତୀ କରାଯିବ। ସେଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି ନୃସିଂହ ଗୁରୁ ଟାଉନ୍ ହାଇସ୍କୁଲ, କଂସାରୀ ପଡା, ନନ୍ଦପଡା ଦେଇ ଝାଡୁଆପଡାସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପହଞ୍ଚିବ। ସେଠାରେ ବ୍ରହ୍ମପୁରା ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବ। ଶୋଭାଯାତ୍ରାରେ ଶଙ୍ଖ, ସଂକୀର୍ତ୍ତନ୍ୟ ଆଦି ସ୍ଥାନ ପାଇବ। ଶତାଧିକ ବ୍ରାହ୍ମଣ ଏହି ଶୋଭାଯାତ୍ରାରେ ସପରିବାରେ ସାମିଲ୍ ହେବେ। ବ୍ରାହ୍ମଣ ସମାଜର ବରିଷ୍ଠ ଉପଦେଷ୍ଟା ରାମେଶ୍ୱର ପୁରୋହିତ ସମାଜ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ମିଡିଆ ସଂଯୋଜକ ବ୍ୟୋମକେଶ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ସମାଜର ଆବାହକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ଜୟନ୍ତୀର ସଂଯୋଜକ ନିଶିକାନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ଅଧ୍ୟକ୍ଷ ଫଣିନ୍ଦ୍ର ପଣ୍ଡା, ସୌରଭ ରଞ୍ଜନ ମହାପାତ୍ର, ଅରବିନ୍ଦ ମହାପାତ୍ର, ତୃପ୍ତି ପଣ୍ଡା, ବସନ୍ତ ମିଶ୍ର ଓ ବ୍ରହ୍ମପଣ୍ଡିତ ମହାସଭାର ସଭାପତି ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବୋଦଳା ଗ୍ରାମ ପଞ୍ଚାୟତ ଠାରେ ଅଭିଯୋଗ ଶୁଣାଣି ଶିବିର

ମୁନିଗୁଡା, (ଡିକେ ନ୍ୟୁଜ୍): ଆମ୍ବୋଦଳା ଗ୍ରାମପଞ୍ଚାୟତ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳେଇଙ୍କ ଅଭିଯୋଗ ଶୁଣାଣି ହୋଇ ଯାଇଅଛି। ବିଡିଓ ଦଳେଇଙ୍କ ଅଧକ୍ଷ ତାରେ ଅନୁଷ୍ଠିତ ଏହି ଶିବିରରେ ସରପଞ୍ଚ ଚଞ୍ଚଳା ମାଝୀ ସମିତି ଉପାଧକ୍ଷ ଆଦର୍ଶ କୋଶଲିଆ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ପିଇଓ ସନ୍ୟାସୀ ଟାକ୍ରୀ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୮ଗୋଟି ଅଭିଯୋଗ ର ଶୁଣାଣି ହୋଇଥିବା ବେଳେ ସେଥିରୁ ବ୍ୟକ୍ତି ଗତ ୫ଓ ସାମୁହିକ ତିନୋଟି, ସୋଲାର ନଳ କୂପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଏହି ଅଭିଯୋଗ ଶିବିରରେ ମୁନିଗୁଡା ବ୍ଲକର ଯୋଗାଣ ଅଧିକାରୀ ଆଶିଷ କୁମାର ସାହୁ, ଏଡିଓ ଭାସ୍କର ସାହୁ, ଯୋଗାଣ ସହାୟକ ରାମ୍ବୋ ସୁନା, ଗ୍ରାମ ପଂଚାୟତ ପିଅନ ସୁବାଷ ନାୟକ ଅନ୍ୟାନ୍ୟ ଯୋଗ ଦାନ କରିଥିଲେ।

# ଋଷଭଙ୍କୁ ୨୪ ଲକ୍ଷର ଜରିମାନା ଲଗାଇଲା ବିସିସିଆଇ

ନୂଆଦିଲ୍ଲୀ, ୨୮।୪ (ହି.ସ): ଇଣ୍ଡିଆନ୍ ପ୍ରିମିୟର ଲିଗରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପରଜାଏଣ୍ଟସ ମଧ୍ୟରେ ଏକ ମ୍ୟାଚ ଥିଲା। ଏଥିରେ ଜବରଦସ୍ତ ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ଲକ୍ଷ୍ନୌ ମ୍ୟାଚ ହାରିବା ସହ ଫାଇନ୍ ଗଣିଛି। ଅଧିନାୟକ ଋଷଭ ପନ୍ତଙ୍କୁ ୨୪ ଲକ୍ଷ ଟଙ୍କାର ଜରିମାନା ଲଗାଇଛି ବିସିସିଆଇ। ମନ୍ଥର ବୋଲିଂ ପାଇଁ ଦଳକୁ ଅଧିନାୟକ ଋଷଭ ପନ୍ତଙ୍କୁ ଫାଇନ୍ ହୋଇଛି। ଯାହା ଚଳିତ ସିଜନରେ ଦଳକୁ ଦ୍ୱିତୀୟ ଜରିମାନା। ଆଇପିଏଲ ଦ୍ୱାରା ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି କି, ଲକ୍ଷ୍ନୌ ସୁପରଜାଏଣ୍ଟସ ଓଭର-ରେଟ୍ ସମ୍ପର୍କିତ ନିୟମ ଉଲ୍ଲଙ୍ଘନ କରିଛି। ଏ ନେଇ ଅଧିନାୟକ ଋଷପ ପନ୍ତଙ୍କ ଆଇପିଏଲ ନିୟମ ସହିଂତା ଅନୁଚ୍ଛେଦ ୨.୨୨ ଅଧୀନରେ ୨୪ ଲକ୍ଷ ଟଙ୍କାର ଜରିମାନା ଲାଗୁ ହୋଇଛି। ଏହା ସହିତ ଦଳର ଅନ୍ୟ ଖେଳାଳି ଯେଉଁଥିରେ ଇମ୍ପାକ୍ଟ ପ୍ଲେୟାର ସାମିଲ ଅଛନ୍ତି ସେମାନଙ୍କ ଉପରେ ୬ ଲକ୍ଷ ଟଙ୍କା ଲେଖାଏଁ କିମ୍ବା ସେମାନଙ୍କ ମ୍ୟାଚ ଫିସରୁ ୨୫% ଫାଇନ୍ ହୋଇଛି। ମୁମ୍ବାଇର ଏକତରଫା ବିଜୟ- ଘରୋଇ ୱାଙ୍ଖଡେ




ଷ୍ଟଡିୟମରେ ପୁଣି ଏକ ଚମକପ୍ରଦ ବିଜୟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି। ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ, ଯଶପ୍ରୀତ ବୁମରାଙ୍କ ଅଗ୍ନିବର୍ଷା ବୋଲିଂ ସହ ୱିଲ୍ ଜାକ୍ସଙ୍କ ଶ୍ରେଷ୍ଠ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଲକ୍ଷ୍ନୌକୁ ୫୪ରନରେ ପରାସ୍ତ କରିଛି ମୁମ୍ବାଇ। ସୂର୍ଯ୍ୟକୁମାର ଯାଦବ ୨୮ ବଲରେ ୫୪ରନ କରି ୪୦୦୦ ରନ୍ କ୍ଲବରେ ସାମିଲ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ଆଗରେ ୨୧୫ରନର ବିଶାଳ ସ୍କୋର ଛିଡା କରିଥିଲା ଦଳ। ପନ୍ତଙ୍କ କ୍ୟାପ୍ଟେନ୍ସି ଉପରେ ପ୍ରଶ୍ନ- ଋଷଭ ପନ୍ତଙ୍କ ଅଧିନାୟକତ୍ୱରେ ଲକ୍ଷ୍ନୌ ଦଳର ପ୍ରଦର୍ଶନ ଉପରେ ପ୍ରଶ୍ନର ପାହାଡ ଛିଡା ହୋଇଛି। ଖାଲି ଓଭର ରେଟ୍ ଭୁଲ ନୁହେଁ ବୋଲିଂରେ ଠିକ୍ ସମୟରେ ଦଳ ପରିବର୍ତ୍ତନ କରିପାରି ନଥିଲା। ମୋଟ ଉପରେ କହିବାକୁ ଗଲେ ବୋଲିଂ, ବ୍ୟାଟିଂରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ରହିଛି। ପ୍ଲେଅଫ୍ ଖେଳିବା ଆଶା କ୍ଷୀଣ ହୋଇଛି। ଏଯାବତ ଦଳ ୧୦ଟି ମ୍ୟାଚରୁ ୫ଟି ଜିତିଛି। ପଏଣ୍ଟ ଟେବୁଲ ଷଷ୍ଠ ସ୍ଥାନରେ ରହିଛି। ଆଇପିଏଲ ଓଭର-ରେଟ୍ ନିୟମ କଣ? ଆଇପିଏଲରେ ସ୍ଲୋ-ଓଭର ରେଟକୁ ଗୁରୁତର ସହ ନିଆଯାଇଛି। କାରଣ ଏହା ମ୍ୟାଚ ସମୟ ଏବଂ ଟିଭି ପ୍ରସାରଣ କାର୍ଯ୍ୟକ୍ରମକୁ ପ୍ରଭାବିତ କରିଥାଏ। ନିୟମ ଅନୁସାରେ, ସବୁ ଦଳ ନିର୍ଦ୍ଧାରିତ ସମୟରେ ୨୦ ଓଭର ବୋଲିଂ କରିଥାନ୍ତି। ଏହାଠୁ ଅଧିକ ସମୟ ନେଲେ ଅଧିନାୟକଙ୍କ ସହ ଖେଳାଳିଙ୍କୁ ଜରିମାନା ଭରିବାକୁ ପଡିଥାଏ।

# ପାକିସ୍ତାନ ସୁପର ଲିଗରେ ସାମିଲ ଥିବା ୨୩ ଭାରତୀୟ ସ୍ୱଦେଶ ଫେରିଲେ




କରାଚୀ, ୨୮।୪ (ହି.ସ): ପାକିସ୍ତାନ ସୁପର ଲିଗ (ପିଏସ୍ଏଲ୍)ର ପ୍ରଡକଶନ ଓ ବ୍ରଡକାଷ୍ଟ ଦଳର ଅଂଶଥିବା ୨୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପହଞ୍ଚାଇବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ରବିବାର ବ୍ୟବସ୍ଥା କରାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି। ପାକିସ୍ତାନ ସରକାର ପାକିସ୍ତାନରେ ଥିବା ଭାରତୀୟଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏସ୍ଏଲ୍ ମ୍ୟାଚର ପ୍ରଡକ୍ଶନ ଓ ବ୍ରଡକାଷ୍ଟ ଲାଗି ପାକିସ୍ତାନରେ ଥିବା ୨୩ ଭାରତୀୟଙ୍କୁ ପଠାଇ ଦିଆଯାଇଥିବା ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତୀୟ କର୍ମଚାରୀମାନେ ଲାହୋରରୁ ୱାଘା ସୀମା ଦେଇ ସ୍ୱଦେଶ ଫେରିବେ ବୋଲି ଜଣେ ଅଧିକାରୀ କହିଛନ୍ତି। ପିଏସ୍ଏଲ୍ ମ୍ୟାଚର ପ୍ରଡ୍ୟୁସିଂ ଓ ବ୍ରଡକାଷ୍ଟିଂ ଦାୟିତ୍ୱରେ ଥିବା କମ୍ପାନୀ ଭାରତୀୟ କ୍ୟାମେରାମ୍ୟାନ ଓ ଟେକ୍ନିସିଆନ୍ସଙ୍କୁ ନିଯୁକ୍ତ କରିଥିଲା। ଭାରତୀୟମାନେ ଫେରି ଯାଇଥିବାରୁ ସେମାନଙ୍କ ସ୍ଥାନରେ ବିଦେଶୀ ଓ ସ୍ଥାନୀୟ କ୍ୟାମେରାମ୍ୟାନ ଓ ଟେକ୍ନିସିଆନ୍ସଙ୍କୁ ନିଯୁକ୍ତ କରାଯାଇଛି।

# ପାରାଦୀପ କ୍ରିକେଟ ଲିଗ ଉଦଯାପିତ

## ଡିକେଟି ଷ୍ଟାର୍ସ ଚାମ୍ପିଅନ

ପାରାଦୀପ, ୨୮।୪ (ଡିକେ ନ୍ୟୁଜ୍): ପାରାଦୀପ କ୍ରିକେଟ ଲିଗ (ପିପିଏଲ) ତୃତୀୟ ସଂସ୍କରଣ ଗଙ୍ଗାଧର ଜେନା ଆମନ୍ତ୍ରଣ କପ ଚାମ୍ପିଅନସିପ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଡିକଟି ଷ୍ଟାର୍ସଓ ଶ୍ରୀରାମ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡକଟି ଷ୍ଟାର୍ସ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ୧୯.୨ ବଲରେ ସମସ୍ତ ୧୦ ଉଇକେଟ ହରାଇ ୨୧୩ ରନ୍ ଆରିଥିଲା। ଏହାର ଜବାବରେ ଶ୍ରୀରାମ ସ୍ପୋର୍ଟିଂ ଦଳ ୧୩.୫ ବଲରେ ସମ୍ପୂର୍ଣ୍ଣ ୧୦ ଉଇକେଟ୍ ହରାଇ ମାତ୍ର ୯୩ ରନ୍ କରି ପରାଜିତ ହୋଉଥିଲା ଯାହାଫଳରେ ଡିକେଟି ଷ୍ଟାର୍ସ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସ୍ୱର୍ଗତ ଗଙ୍ଗାଧର ଜେନାଙ୍କ ସୁପୁତ୍ର ପ୍ରମୋଦ କିଶୋର ଜେନା, ପାରାଦୀପ ମୁନିସିପାଲିଟ୍ ଚେୟାରମ୍ୟାନ୍ ବସନ୍ତ ବିଶ୍ୱାଳ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପାରାଦୀପ କ୍ରିକେଟ ଲିଗର ସଭାପତି ରବି ଦାସ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତି, ଉପସଭାପତି ଅକ୍ଷୟ ସୁତାର ଓ ସୁବାସ ଆଚାର୍ଯ୍ୟ, ସମ୍ପାଦକ ଜୁନିତ ଦାସ, ଯୁଗ୍ମ ସମ୍ପାଦକ ଅଧିର ସାହୁ ଓ ଭରଦ୍ୱାଜ ସାହୁ, କୋଷାଧ୍ୟକ୍ଷ ପ୍ରସାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିବା କ୍ରିକେଟ ଲିଗର ଉତ୍କଳ ରାଉତ, ସତ୍ୟରଞ୍ଜନ ପ୍ରଧାନ, ଶୁଭ ରଞ୍ଜନ ପ୍ରଧାନଙ୍କ ସମେତ ପିସିଏଲ୍ର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଫାଇନାଲ ମ୍ୟାଚକୁ ପରିଚାଳନା କରିଥିଲେ ନିହାର ରଂଜନ ବଳିଆର ସିଂ ଓ ଦେବେନ୍ଦ୍ର ନାୟକ। ତେବେ ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।

# ପହଲଗାମ ହମଲାକୁ ନେଇ ଶାହିଦ ଆଫ୍ରିଦିଙ୍କର ଭୟଙ୍କର ବୟାନ

ନୂଆଦିଲ୍ଲୀ, ୨୮।୪: ପାକିସ୍ତାନର ପୂର୍ବତନ କ୍ରିକେଟର ଶାହିଦ ଆଫ୍ରିଦି ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ନେଇ ଭାରତୀୟ ସେନା ଉପରେ ଆଙ୍ଗୁଳି ଉଠାଇଛନ୍ତି। ୧ ଘଣ୍ଟା ଧରି ଯେବେ ସେଠି ଘଟଣା ଘଟିଲା କେହି ଆସିଲେ ନାହିଁ। ଏହାର କିଛି ମିନିଟ୍ ପରେ ଦୋଷ ପାକିସ୍ତାନ ଉପରେ ଲଦି ଦେଲେ ବୋଲି କହିଛନ୍ତି ଶାହିଦ୍ ଆଫ୍ରିଦି। ପହଲଗାମ ହମଲାକୁ ନେଇ ଶାହିଦ୍ ଆଫ୍ରିଦ ଦେଇଥିବା ବୟାନର ଭିଡ଼ିଓ ଭାଇରାଲ ହେଉଛି। ଯେଉଁଥିରେ ସେ କହିଛନ୍ତି, '୧ ଘଣ୍ଟା ଧରି ଆତଙ୍କୀ ସେଠାରେ ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ମାତ୍ର ୮ ଲକ୍ଷ ସେନାଙ୍କ ମଧ୍ୟରୁ ସେଠାକୁ କେହି ଆସିଲେ ନାହିଁ। ଆଉ ଯେବେ



ଆସିଲେ ୧୦ ମିନିଟ୍ ଭିତରେ ପାକିସ୍ତାନ ଉପରେ ଦୋଷ ଲଦି ଦେଲେ। ନିଜେ ଭୁଲ କରୁଛନ୍ତି ନିଜେ ଲୋକଙ୍କୁ ମରାଉଛନ୍ତି ପୁଣି ଭିଡ଼ିଓରେ ଦେଖାଉଛନ୍ତି ସେମାନେ ବଞ୍ଚିଛନ୍ତି। ଏମିତି କରିବା କଥା ନୁହେଁ। ଭାରତ ବହୁତ ସହଜରେ ପହଲଗାମ ଘଟଣାରେ ପାକିସ୍ତାନକୁ ଦୋଷୀ କରିଦେଲା। ଯଦି କହୁଛ ତେବେ ପ୍ରମାଣ ଦିଅ।' ସେ ଆହୁରି କହିଛନ୍ତି, 'ଦେଖ କେହି ବି ଦେଶ ଆତଙ୍କବାଦକୁ ସମର୍ଥନ କରେ ନାହିଁ। କୌଣସି ବି ଧର୍ମ ଏହି ଘଟଣାକୁ ସମର୍ଥନ କରିବ ନାହିଁ। ଦୁଇ ପଡ଼ୋଶୀ ଦେଶ ହିସାବରେ ପରସ୍ପର ଧ୍ୟାନ ରଖିବା ଉଚିତ। ଘଟଣାରେ ଯେଉଁ ନୀରିହ ଲୋକଙ୍କ ଜୀବନ ଯାଇଛି ତାହାକୁ ନେଇ ଆମେ ବି ଦୁଃଖିତ। ଆମକୁ ବି ସେଠୁ ଧମକ ମିଳେ। ଆମେ ଭାରତ ସହିତ ସବୁବେଳେ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରିଛୁ। କବାଡ଼ି ଟିମ୍ ଖେଳିବାକୁ ଆସୁଛି ହେଲେ କ୍ରିକେଟ ଖେଳିବାକୁ ଦେଉନାହିଁ। ଯଦି ବନ୍ଦ କରିବାର ଅଛି ତେବେ ସବୁ ଖେଳ ବନ୍ଦ କରିଦିଅ।'

# ପ୍ଲେଅଫ୍ ପାଇଁ ଭବିଷ୍ୟବାଣୀ କଲେ ଅନିଲ କୁମ୍ବଲେ

ନୂଆଦିଲ୍ଲୀ, ୨୮।୪ (ହି.ସ): ଆଇପିଏଲ ୨୦୨୫ରେ, ଅଧିକାଂଶ ଦଳ ୯ଟି ମ୍ୟାଚ୍ ଖେଳିଛନ୍ତି। ଏବେ ପ୍ରତ୍ୟେକ ଦଳ ପାଖରେ ପ୍ରାୟ ପାଞ୍ଚରୁ ଛଅଟି ମ୍ୟାଚ୍ ଖେଳିବାକୁ ବାକି ଅଛି ଆଇପିଏଲର ଏହି ସିଜିନ୍ ପ୍ଲେଅଫ୍ ଆଡକୁ ଗତି କରୁଛି ଏବଂ ଧୀରେ ଧୀରେ ପ୍ଲେଅଫରେ ପହଞ୍ଚିବାକୁ ଥିବା ଦଳଗୁଡ଼ିକ ବାବଦରେ ମଧ୍ୟ ସ୍ପଷ୍ଟତା ଆସିବାରେ ଲାଗିଛି। ଏହି ପ୍ଲେଅଫ୍ ଦଳଗୁଡ଼ିକର ନାମ ଚୂଡ଼ାନ୍ତ ହେବା ପୂର୍ବରୁ, ପୂର୍ବତନ ଭାରତୀୟ କ୍ରିକେଟର ଅନିଲ କୁମ୍ବଲେ ଏକ ଭବିଷ୍ୟବାଣୀ କରିଛନ୍ତି। ଏହି ଭବିଷ୍ୟବାଣୀରେ, ଅନିଲ କୁମ୍ବଲେ ପ୍ଲେଅଫରେ ପହଞ୍ଚିପାରୁଥିବା ଚାରୋଟି ଦଳର ନାମ ଦେଇଛନ୍ତି। ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବା ପ୍ରଥମ ଦଳ ହେଉଛି ଗୁଜରାଟ ଟାଇଟାନ୍ସ୍। ଜିଟି ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ଅଛି। ଗୁଜରାଟ ଦଳ ୮ଟି ମ୍ୟାଚ୍ରୁ ୬ଟିରେ ବିଜୟୀ ହୋଇଛି, ଏହି ଦଳ କେବଳ ଦୁଇଟି ମ୍ୟାଚ୍ରେ ପରାଜୟର ସମ୍ମୁଖୀନ ହୋଇଛି। ପ୍ଲେଅଫରେ ଦ୍ୱିତୀୟ ଦଳ ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ, ଏହି ଦଳ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି। ଡିସି ମଧ୍ୟ ୮ଟି ମ୍ୟାଚ୍ରୁ ୬ଟି ଜିତିଛି ଏବଂ କେବଳ ଦୁଇଟି ମ୍ୟାଚ୍ ହାରିଛି। ଅନିଲ କୁମ୍ବଲେଙ୍କ ମତରେ, ଏହି ଆଇପିଏଲ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ସ୍ଥାନ ଅଧିକାର କରିବ, ଯେତେବେଳେ ବର୍ତ୍ତମାନ ମୁମ୍ବାଇ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ଅଛି। ଏହି ଆଇପିଏଲ ସିଜିନରେ ଏମଆଇର ଆରମ୍ଭ ବହୁତ ଖରାପ ଥିଲା, କିନ୍ତୁ ଲଗାତାର ଚାରିଟି ବିଜୟ ସହିତ, ମୁମ୍ବାଇ ଦଳ ପ୍ଲେଅଫ୍ ଆଡକୁ ଅଗ୍ରସର ହେଉଛି। ଏମଆଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦଳ ୫ଟି ମ୍ୟାଚ୍ ଜିତିଛି, ଯେତେବେଳେ ୪ଟି ମ୍ୟାଚ୍ରେ ପରାଜୟର ସାମ୍ନା କରିଛି। ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ପଞ୍ଜାବ କିଙ୍ଗସ୍ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ହୋଇପାରେ। ଆରସିବି ବର୍ତ୍ତମାନ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି। ବେଙ୍ଗାଲୁରୁ ବର୍ତ୍ତମାନ ୯ଟି ମ୍ୟାଚ୍ରୁ ୬ଟି ଜିତିଛି ଏବଂ ୩ଟିରେ ହାରିଛି। ଯେତେବେଳେ ପଞ୍ଜାବ ୯ଟି ମ୍ୟାଚ୍ରୁ ୫ଟି ଜିତିଛି ଏବଂ ୩ଟିରେ ହାରିଛି, ଗୋଟିଏ ମ୍ୟାଚ୍ ଡ୍ର ରହିଛି।

# ଜର୍ଣ୍ଣାଲିଷ୍ଟ ପ୍ରିମିୟର ଲିଗ

## କଲମପୁର ଚାମ୍ପିଅନ

ଭବାନୀପାଟଣା, ୨୮।୪ (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା କଲମପୁର ମିନି ଷ୍ଟାଡିୟମରେ ଚାଲିଥିବା ଅଷ୍ଟ ଦିବସୀୟ ଜର୍ଣ୍ଣାଲିଷ୍ଟ ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୧ଟି ପଞ୍ଚାୟତର ୧୧ଟି ଦଳ ଏବଂ ସାମ୍ବାଦିକମାନଙ୍କ ଏକ ଦଳ ଭାଗ ନେଇଥିଲେ। କଲମପୁର ପଞ୍ଚାୟତ ଏକାଦଶ ଏବଂ ଦେପୁର ପଞ୍ଚାୟତ ଏକାଦଶ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଦେପୁର ଏକାଦଶ ୯୯ ରନ ସଂଗ୍ରହ କରିଥିଲା। କଲମପୁର ଏକାଦଶ ୬ଉଇକେଟ ବିନିମୟରେ ନିର୍ଦ୍ଧାରିତ ଧାର୍ଯ୍ୟ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ବୀରେନ୍ଦ୍ର କୁମାର ନାଏକ ମ୍ୟାନ ଅଫ ଦ ମ୍ୟାଚ ଏବଂ ମ୍ୟାନ ଅଫ ଦ ସିରିଜ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱତନ୍ତ୍ର ଅତିଥୀ, ବ୍ଲକ ଅଧ୍ୟକ୍ଷ ଚିନ୍ତାମଣି ବେହେରା, ପେକ୍ସ ସଭାପତି ଶଙ୍କର୍ଷଣ ବେହେରା, କଲମପୁର ସରପଞ୍ଚ ସୂର୍ଯ୍ୟକାନ୍ତି ପଣ୍ଡା, ଦେପୁର ସରପଞ୍ଚ ଟ୍ୱିଙ୍କଲ ପାତ୍ର ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ସାଂସଦ ପ୍ରତିନିଧି ଅରୁଣ ଜଗରାଆ, ସାମ୍ବାଦିକ ଦୀପକ ସାହୁ, ଚକ୍ରଧର ନାଏକ, ସୁରେନ୍ଦ୍ର ନାଏକ, ଘନଶ୍ୟାମ ନାଏକ ସମ୍ମାନୀୟ ଅତିଥୀ ଭାବେ ମଞ୍ଚାସିନ ଥିଲେ। ଶେଖର ଜେନା ଏବଂ ବୁଦ୍ଧିମନ୍ତ ଭୋରା ସଗରିଆ ଖେଳ ପରିଚାଳନା କରିଥିଲେ। ଶାଶ୍ୱତ ପଣ୍ଡା ଏବଂ ରଂଜନସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କଲମପୁର ସାମ୍ବାଦିକ ସମୂହ ର ରାଜେଶ ସାହୁ, ଭୋଜରାଜ ଛତ୍ରିଆ, ଗଣେଶ ରାମ ବାଗ, ସଞ୍ଜୟ ସାହୁ, ଶରତ ସୁନାନୀ, ଦର୍ଶନ ଗୁପ୍ତା, ଟଙ୍କଧର ବିହାରୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ।

# ସୁକେଶ-ଜ୍ୟାକ୍ଲିନ୍ଙ୍କ ଉପରେ ହେବ ଡକ୍ୟୁମେଣ୍ଟାରୀ ସିରିଜ୍




ମୁମ୍ବାଇ, ୨୮।୪ (ହି.ସ): ପରସ୍ପର ଭିତରେ ଥିବା ସମ୍ପର୍କକୁ ନେଇ ୨୦୨୧ରେ ବେଶ୍ ଚର୍ଚ୍ଚାରେ ଥିଲେ ଅଭିନେତ୍ରୀ ଜ୍ୟାକ୍ଲିନ୍ ଫର୍ଣ୍ଣାଣ୍ଡିଜ୍ ଏବଂ ଠକ ସୁକେଶ ଚନ୍ଦ୍ରଶେଖର। ଏବେ ପୁଣି ଏହି ଦୁଇ ଜଣ ଚର୍ଚ୍ଚାକୁ ଆସିଛନ୍ତି। ରିପୋର୍ଟ ଅନୁସାରେ, ସୁକେଶଙ୍କ ଜୀବନ ଏବଂ ୨୦୦ କୋଟି ଟଙ୍କା ଠକେଇ ମାମଲାରେ ତାଙ୍କ ଉପରେ ଏକ ଓଟିଟି ପ୍ଲାଟଫର୍ମ ଡକ୍ୟୁମେଣ୍ଟାରୀ ସିରିଜ୍ ନିର୍ମାଣ କରୁଛି। ଏହି ସିରିଜରେ ଜ୍ୟାକ୍ଲିନଙ୍କ ସହ ସୁକେଶଙ୍କ ସମ୍ପର୍କକୁ ମଧ୍ୟ ଦେଖାଯିବ। ଏଥିପାଇଁ ଜ୍ୟାକ୍ଲିନଙ୍କ ସହ ଯୋଗାଯୋଗ କରାଯାଇଛି, ଯାହାଦ୍ୱାରା ସେ ତାଙ୍କ ପକ୍ଷର କାହାଣୀ ସିରିଜ୍ ନିର୍ମାତାଙ୍କୁ କହିପାରିବେ। ତେବେ ସୁକେଶଙ୍କ ଉପରେ ଏହି ସିରିଜକୁ ବେଶି ଫୋକସ୍ କରାଯାଇଛି। ତାଙ୍କ ଜୀବନର ପ୍ରାରମ୍ଭରୁ ଆରମ୍ଭ କରି ଲଟେରୀ ଦୁର୍ନୀତି ଏବଂ ଦାମୀ ତଥା ବିଳାସପୂର୍ଣ୍ଣ ଉପହାର ବଣ୍ଟନ ପର୍ଯ୍ୟନ୍ତ ସବୁକିଛି ସିରିଜରେ ରହିବ। ଯଦି ଜ୍ୟାକଲିନ୍ ଖୋଲାଖୋଲି ଭାବେ ତାଙ୍କ କଥା ରଖିବେ ତେବେ ସିରିଜ୍ ବେଶ୍ ଦମ୍ଦାର ହେବ ବୋଲି ଏହାର ନିର୍ମାତା ଆଶା ରଖିଛନ୍ତି। ଡକ୍ୟୁମେଣ୍ଟାରୀ ସିରିଜ୍ ପାଇଁ ଜ୍ୟାକ୍ଲିନ୍ ଏବେ ଚିନ୍ତା କରୁଛନ୍ତି। ଏପରିକି ତାଙ୍କ ସମ୍ପର୍କୀୟ ତଥା ଶୁଭାକାଂକ୍ଷୀମାନେ ଏ ଦିଗରେ ବେଶ୍ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। କିଛି ବି ଗଡ଼ବଡ଼ ହେଲେ ଜ୍ୟାକଲିନ୍ଙ୍କ ପାଇଁ ଆଇନଗତ ସମସ୍ୟା ବଢିପାରେ ବୋଲି ତାଙ୍କୁ ଚେତାଇଛନ୍ତି। ତେବେ ସିରିଜ୍ ବନାଉଥିବା ଟିମ୍ ଏହା ଉପରେ ରିସର୍ଚ୍ଚ ଆରମ୍ଭ କରିଦେଇଛନ୍ତି। ସୁକେଶଙ୍କ କାହାଣୀ କେବଳ ଆଇନଗତ ଭାବେ ନୁହେଁ, ବରଂ ଏହାକୁ ସାଇକୋଲୋଜିକାଲ ଥ୍ରିଲର ଏବଂ ସୋସିଆଲ୍ କେସ୍ ଷ୍ଟଡି ଭାବେ ମଧ୍ୟ ଦର୍ଶକଙ୍କୁ ଦେଖାଯିବ। ସୁକେଶଙ୍କ ସମସ୍ତ ହାଇପ୍ରୋଫାଇଲ କାରନାମା ବାବଦରେ ସିରିଜରେ ବିସ୍ତାର ଭାବେ ଦେଖାଇବାକୁ ନିର୍ମାତାଙ୍କ ଯୋଜନା ରହିଛି। ରହସ୍ୟମୟ ଢଙ୍ଗରେ ଏହାର ଷ୍ଟୋରି ଲାଇନ ରଖାଯିବ। ଚଳିତ ବର୍ଷ ଶେଷସୁଦ୍ଧା କାହାଣୀର ଫ୍ରେମ୍ ପ୍ରସ୍ତୁତ କରିବାକୁ ଏହାର ଲେଖକ ଟିମ୍ ଲକ୍ଷ୍ୟ ରଖିଛନ୍ତି।

# ମାଧୁରୀଙ୍କ ସହ ସ୍କ୍ରିନ ସେୟାର କରିବେ ରବି କିଶନ

ମୁମ୍ବାଇ, ୨୮।୪ (ହି.ସ): ଭୋଜପୁରୀ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ରବି କିଶନ ବଲିଉଡ଼ରେ ବି ନିଜ ଦବଦବା ଜାହିର କରିବାକୁ ଲାଗିଛନ୍ତି। କିରଣ ରାଓଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିବା ଫିଲ୍ମ ଲାପତା ଲେଡିଜରେ ପୋଲିସ ଚରିତ୍ର ନିଭାଇ ସେ ଖୁବ୍ ପ୍ରଶଂସା ସାଉଣ୍ଟିଛନ୍ତି। ଏବେ ଅଭିନେତା ହାତରେ ଆଉ ଗୋଟିଏ ହିନ୍ଦୀ ଫିଲ୍ମ ଲାଗିଛି ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି। ଏକ ରିପୋର୍ଟ ଅନୁସାରେ ରବି କିଶନ ସୁରେଶ ତ୍ରିବେଣୀଙ୍କ ନିର୍ଦ୍ଦେଶନାଧିନ କମେଡ଼ି ଫିଲ୍ମ 'ମା ବହନ'ରେ କାଷ୍ଟ ହୋଇଛନ୍ତି। ଏହି ଫିଲ୍ମର ସୁଟିଂ ଏହି ବର୍ଷ ମଇରେ ମୁମ୍ବାଇରେ ଆରମ୍ଭ ହେବା ଖବର ଅଛି। 'ମା ବହନ'ରେ ମାଧୁରୀ ଦୀକ୍ଷିତ, ତୃପ୍ତି ଡିମରୀ ଏବଂ ଧରନା ଦୁର୍ଗାଙ୍କ ସହ ମୁଖ୍ୟ ଭୂମିକା



ନିଭାଇବାରେ ନଜର ଆସିବେ। ଏଭଳି ସ୍ଥଳେ ରବି କିଶନ ନିକଟରେ ଫିଲ୍ମକୁ ନେଇ ନିଜ ଉତ୍ସାହ ଜାହିର କରିଛନ୍ତି। ସେ ମାଧୁରୀ ଦୀକ୍ଷିତଙ୍କ ସହ କାମ କରିବାର ଭାଗ୍ୟ କହିଛନ୍ତି। ମାଧୁରୀ ଦୀକ୍ଷିତ ଏବଂ ତୃପ୍ତି ଡିମରୀଙ୍କ ସହ ସ୍କ୍ରିନ ସେୟାର କରିବା ନେଇ ରବି କିଶନ କହିଛନ୍ତି କି, ମାଧୁରୀ ଜି ବହୁତ ବଡ଼ ସୁପରଷ୍ଟାର ରହିଛନ୍ତି ଏବଂ ଆମେ ସମସ୍ତେ ବହୁ ବର୍ଷରୁ ତାଙ୍କର ତାରିଫ୍ କରି ଆସୁଛୁ। ଏହା ଏକ ଶାନଦାର ସମୟ ଅଟେ। ମୋତେ ଶ୍ରୀଦେବୀଙ୍କ ସହ କାମ କରିବାର ସୁଯୋଗ ମିଳିଛି, କିନ୍ତୁ ମାଧୁରୀ ଜିଙ୍କ ସହ କେବେ ସୁଯୋଗ ମିଳିନଥିଲା। ଏଥିଲାଗି ଏହା ଏକ ବଡ଼ ଆକର୍ଷଣ ଅଟେ, ସୌଭାଗ୍ୟ ଅଟେ କି ତାଙ୍କ ସହ କାମ କରିବା। ଭାରତର ନୂଆ ସେନସେଶନ ତୃପ୍ତି ବି ଏହି ଫିଲ୍ମର ଭାଗିଦାରୀ ଅଟନ୍ତି, ଏଥିଲାଗି ଇଶ୍ୱରଙ୍କ ଇଚ୍ଛାରୁ ଏହା ଏକ ଖୁବସୁରତ ପ୍ରୋଜେକ୍ଟ ହେବ। ରବି କିଶନ ଏହି ସମୟରେ ଫିଲ୍ମ 'ମା ବହନ'ରେ ନିଜ ଚରିତ୍ରକୁ ନେଇ ବି କଥା ହୋଇଛନ୍ତି। ସେ କହିଛନ୍ତି, ଏହା ଏକ ବହୁତ ମନୋରଞ୍ଜନ ଫିଲ୍ମ ଅଟେ ଏହା ଏକ ଉଦ୍ଭୁତ ଚରିତ୍ର ଅଟେ ଏବଂ ଲୋକମାନେ ମୋତେ ପୂର୍ବରୁ କେବେ ଏହିଭଳି ଚରିତ୍ରରେ ଦେଖିନାହାନ୍ତି।

# 'କଶ୍ମୀର ଆମର ଥିଲା, ଅଛି ଏବଂ ରହିବ, ଆଗାମୀ ଛୁଟିରେ ସେଠାକୁ ହିଁ ଯିବି'



ମୁମ୍ବାଇ, ୨୮।୪ (ହି.ସ): ଜମ୍ମୁ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ନିର୍ଦ୍ଦୋଶ ନାଗରିକ। ଏହାକୁ ନେଇ ସାରାଦେଶରେ ପ୍ରତିବାଦର ସ୍ୱର ଗୁଞ୍ଜରିତ ହେଉଛି। ସାଧାରଣଲୋକଠାରୁ ଆରମ୍ଭ କରି ସେଲିବ୍ରିଟିମାନେ ଏହି ଘଟଣା ପରେ ଆତଙ୍କବାଦୀଙ୍କ ବିରୋଧରେ ଆକ୍ରୋଶ ଜାହିର କରୁଛନ୍ତି। ଏସବୁ ମଧ୍ୟରେ ବଲିଉଡ ଭେଟେରାନ ସୁନୀଲ ସେଟ୍ଟୀ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଆମକୁ ଜଣେ ନାଗରିକ ଭାବେ କେବଳ ଗୋଟିଏ କାମ କରିବାର ଅଛି। ଆମେ କଶ୍ମୀରକୁ ଆଗାମୀ ଛୁଟିରେ ବୁଲିବାକୁ ଯିବୁ। ଆତଙ୍କବାଦୀଙ୍କୁ ଦେଖାଇବାର ଅଛି ଯେ ଆମେ ଡରୁ ନାହୁଁ। କାରଣ ଏହି ଘଟଣା ପରେ କଶ୍ମୀରର ଲୋକଙ୍କୁ ପର୍ଯ୍ୟଟନ କମ୍ ହେବାର ଭୟ ଘାରିଛି ବୋଲି ସୁନୀଲ ଲତା ଦୀନାନାଥ ମଙ୍ଗେଶକର ଆୱାର୍ଡ କାର୍ଯ୍ୟକ୍ରମ ସମୟରେ ଗଣମାଧ୍ୟମ ସହ କଥା ହୋଇ କହିଛନ୍ତି। ସୁନୀଲ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଆମକୁ ଏକାଠି ହେବାକୁ ହେବ। ଯେଉଁ ଲୋକେ ଡର ଏବଂ ଘୃଣା ବାଣ୍ଟିବାକୁ ଚେଷ୍ଟା କରୁଛନ୍ତି, ତାଙ୍କ ଜାଲରେ ନ ଫଶି ଦେଖାଇବାକୁ ହେବ ଯେ, କଶ୍ମୀର ଆମର ଥିଲା, ଆମର ଅଛି ଏବଂ ସର୍ବଦା ଆମର ରହିବ। ନେତା ଏବଂ ସାଧାରଣଟ ଲୋକେ ମିଶି ଏହି ଅସୁବିଧାର ସାମ୍ନା କରିବାକୁ ହେବ।


କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik